

ବ୍ରାଜିଲ-ଭାରତ ବ୍ୟାବସାୟିକ ଚୁକ୍ତି ଚୂଡ଼ାନ୍ତ
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



## ସହସମ୍ପାଦକ ଆବଶ୍ୟକ



ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।

ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 330 ଭାଗ ୩୩ | ସଂଖ୍ୟା ୩୩୦ Sunday 22 February 2026 | Page 8 Rs. 5.00 ● ଭୁବନେଶ୍ୱର ରବିବାର ୨୨ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଶିଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୩-ସୂତ୍ରୀ ଆକ୍ସନ ପ୍ଲାନ୍



### ୪୪,୨୦୦ କୋଟିର ନିବେଶକୁ ମଞ୍ଜୁରୀ
### ୮ଟି ଜିଲ୍ଲାରେ ୧୦ଟି ପ୍ରକଳ୍ପକୁ ମଞ୍ଜୁରୀ
### ସୃଷ୍ଟି ହେବ ୯ ହଜାର ନିଯୁକ୍ତି
### ନବୀକରଣୀୟ ଶକ୍ତି ଓ ସେମିକଣ୍ଡକ୍ଟର ପ୍ରକଳ୍ପକୁ ଗୁରୁତ୍ୱ
### ଖୋର୍ଦ୍ଧାରେ ସେମିକଣ୍ଡକ୍ଟର ମେମୋରି ଚିପ୍ ଓ ରେଆର ଆର୍ଥ ପ୍ଲାଣ୍ଟ
### କୋରାପୁଟ, ମାଲକାନଗିରିରେ ସିମେଣ୍ଟ ପ୍ଲାଣ୍ଟ୍

ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ୪୪ତମ ହାଇ ଲେଭେଲ କ୍ଲିଅରାନ୍ସ ଅଥରିଟି ବୈଠକରେ ଆଜି ୪୪ ହଜାର ୨୦୦ କୋଟି ଟଙ୍କାର ୧୦ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ରାଜ୍ୟର ୮ଟି ଜିଲ୍ଲାରେ ଏହି ୧୦ଟି ପ୍ରକଳ୍ପ ସ୍ଥାପନ କରାଯିବ, ଯାହାଦ୍ୱାରା ପ୍ରାୟ ୯ ହଜାର ନିଯୁକ୍ତି ସୃଷ୍ଟି ହେବ। ଆଜି ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡିକ ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ, ପୁରୀ, ନୟାଗଡ଼, କଳାହାଣ୍ଡି ଓ ଦେବଗଡ଼ରେ ପ୍ରତିଷ୍ଠା ହେବ। ରେଆର ଆର୍ଥ ମାନୁଫାକ୍ଚରିଙ୍ଗ୍, ସେମିକଣ୍ଡକ୍ଟର, ସିମେଣ୍ଟ, ଅଟୋମୋବାଇଲ ଓ ଅଟୋକମ୍ପୋନେଣ୍ଟ, ଟେଲିକମ୍ ଭିତ୍ତିଭୂମି ଏବଂ ଶକ୍ତି ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନିବେଶ ପ୍ରସ୍ତାବଗୁଡ଼ିକୁ ମଞ୍ଜୁର କରାଯାଇଛି।

ବୈଠକରେ ପୁଞ୍ଜି ଆକର୍ଷଣ ଓ ପୁଞ୍ଜି ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ରାଜ୍ୟର ଉଚ୍ଚ ପ୍ରଦର୍ଶନ ପାଇଁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଏବେ ପାରମ୍ପରିକ ଶିଳ୍ପ ବ୍ୟତୀତ ଆଧୁନିକ, ଟେକ୍ନୋଲୋଜି ପରିଚାଳିତ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ଏହି ଉଚ୍ଚକ୍ଷମତା ସମ୍ପନ୍ନ କ୍ଲିଅରାନ୍ସ ଅଥରିଟି ବୈଠକ ଜରିଆରେ ଆମେ ଏବେ ଉଦୀୟମାନ ଶିଳ୍ପ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିପାରୁଛୁ। ବିଶେଷକରି ଆଧୁନିକ ମାନୁଫାକ୍ଚରିଙ୍ଗ୍ ଓ ନବୀକରଣୀୟ ଶକ୍ତି ➯ପୃଷ୍ଠା-୬

### ବିଦ୍ୟାଳୟ ନା ନରପିଶାଚଙ୍କ ଆଡ୍ଡା

# ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ୫ ଗିରଫ



### ଅଭିଯୁକ୍ତଙ୍କ ମଧ୍ୟରେ ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ
### ୩ ବର୍ଷ ତଳୁ ଆରମ୍ଭ ହୋଇଛି କଳା ଅଧ୍ୟାୟ

ରାଜକନିକା/କେନ୍ଦ୍ରାପଡ଼ା,୨୧।୨(ସଂଚାର ବ୍ୟୁରୋ)ଃ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥାର ଏକ ମଜବୁତ ସ୍ତମ୍ଭ ହୋଇଥିବା ବେଳେ ଏଠାରେ ସାଧାରଣତଃ ପିଲାମାନଙ୍କୁ ପାଠ ପଢ଼ାଇ ଅଭିଭାବକମାନେ ଉନ୍ନତ ଭବିଷ୍ୟତ ଦେଖିଥାନ୍ତି। ଶିକ୍ଷକମାନେ ପିଲାଙ୍କ ଭବିଷ୍ୟତ ଗଢ଼ିଥାନ୍ତି। କିନ୍ତୁ ଯେଉଁଠି ଶିକ୍ଷକ ନିଜେ ପିଲାଙ୍କ ଭବିଷ୍ୟତ ଗଢ଼ିବା ତ ଦୂରର କଥା, ବରଂ କୁନି ଛାତ୍ରୀର ଇଜ୍ଜତକୁ ନିଲାମ କରନ୍ତି, ସେଠାରେ ଅଭିଭାବକଙ୍କ ଅବସ୍ଥା କ'ଣ ହେବ, ତା' ସହଜେ ଅନୁମେୟ। ରାଜକନିକା ଥାନା ଅନ୍ତର୍ଗତ ଓଲାଭରସ୍ଥିତ ଅକ୍ସଫୋର୍ଡ ଇଂରାଜୀ ମିଡିୟମ ସ୍କୁଲ୍‌ରେ ଘଟିଛି ଏପରି କିଛି ଲୋମହର୍ଷଣକାରୀ ଘଟଣା, ଯାହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ଏଠାରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି ଓ ଏଥିପାଇଁ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ସବୁଠାରୁ ଦୁଃଖର ବିଷୟ ଏପରି ଏକ ସମ୍ବେଦନଶୀଳ ଘଟଣା ସହ ଜଡ଼ିତ ଅଭିଯୁକ୍ତମାନଙ୍କ ମଧ୍ୟରେ ୩ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ସାମିଲ୍ ଅଛନ୍ତି। ଶିକ୍ଷୟିତ୍ରୀ ଜଣଙ୍କ ମାଧ୍ୟମରେ ଉକ୍ତ ୩ ଶିକ୍ଷକ ପୀଡ଼ିତାଙ୍କୁ ନିର୍ଯାତନା ଦେଇଆସୁଥିବା ଅଭିଯୋଗ ହୋଇଛି। ଅନ୍ୟ ଜଣଙ୍କ ଉକ୍ତ ବିଦ୍ୟାଳୟର ଜଣେ ପିଅନ ହୋଇଥିବା ବେଳେ ସମାନଙ୍କ ➯ପୃଷ୍ଠା-୬

# କମୁଛି ଅପରାଜିତା-ଅନନ୍ତ ଦୂରତା!

### ଦିନେ ହେଲମେଟ୍ ପିନ୍ଧି ଲୁଚିଲେ
### ଏବେ ସବୁଠି ଏକାଠି ବୁଲୁଛନ୍ତି



ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ମଧ୍ୟ-ଭୁବନେଶ୍ୱର ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାରି ଭାଇରାଲ ହେଉଛି। ଏସବୁ ଫଟୋ ଉଭୟ ସାଂସଦ ଓ ବିଧାୟକଙ୍କ ସମର୍ଥକମାନେ ନିଜ ନିଜ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସହ, ବିବାହ ବ୍ରତ ଭଳି ସାମାଜିକ କାର୍ଯ୍ୟକ୍ରମ ଓ ହାଟ ସମସ୍ୟା ନେଇ ଉଭୟଙ୍କୁ ଏବେ ଏକାଠି ଗୋଟିଏ ମଞ୍ଚରେ ଦେଖିବାକୁ ମିଳୁଛି।

୨୦୨୪ ନିର୍ବାଚନ ପରେ ରାଜ୍ୟ ରାଜନୀତିରେ ଅନେକ ପରିବର୍ତ୍ତନ ଘଟିଛି। ତେଣୁ ଅନନ୍ତ ଓ ଅପରାଜିତାଙ୍କ ରାଜନୈତିକ ଆଭିମୁଖ୍ୟରେ ମଧ୍ୟ ପରିବର୍ତ୍ତନ ହୋଇଥିବା ଚର୍ଚ୍ଚା ହେଉଛି। କାରଣ ମାତ୍ର ଦୁଇ ବର୍ଷ ତଳେ ଚାରି ନମ୍ବର ହାଟରେ ଦୂରରୁ ଅପରାଜିତାଙ୍କୁ ଦେଖି ରାସ୍ତାକଡରୁ ଏକ ହେଲମେଟ୍ ପିନ୍ଧି ଦେଇ ମୁହଁ ଲୁଚାଇ ଚାଲିଯାଇଥିଲେ ଅନନ୍ତ। ସେ ସମୟରେ ମଧ୍ୟ ଅନନ୍ତ ବିଜେଡିରେ ➯ପୃଷ୍ଠା-୬

### ଏପ୍ରିଲ ପହିଲାରୁ ଆଉ କୋଲ୍‌କାତା କି ଅନ୍ୟ ସହରକୁ ଦୌଡ଼ିବାକୁ ପଡ଼ିବନି

# ଭୁବନେଶ୍ୱରରେ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର



ନୂଆଦିଲ୍ଲୀ,୨୧।୨(ସଂଚାର ବ୍ୟୁରୋ)ଃ ଆସନ୍ତା ଏପ୍ରିଲ ୧ ଅର୍ଥାତ୍ 'ଓଡ଼ିଶା ଦିବସ' ଅବସରରେ ଏଠାରେ ଏକ 'ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' କାର୍ଯ୍ୟକ୍ଷମ ହେବ। ଏନେଇ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଭିଏଫଏସ ଗ୍ଲୋବାଲ ଗ୍ରୁପର ପ୍ରତିଷ୍ଠାତା ତଥା ସିଇଓ ଜୁବିନ କର୍କାରିଆ ଉପରୋକ୍ତ ସୂଚନା ଦେଇଛନ୍ତି। ଓଡ଼ିଶାରୁ ବିଦେଶକୁ ଉଚ୍ଚଶିକ୍ଷା ଓ ବ୍ୟବସାୟ ପାଇଁ ଯାଉଥିବା ଯୁବବର୍ଗଙ୍କ ସୁବିଧା ପାଇଁ ଶ୍ରୀ ପ୍ରଧାନ ଗତବର୍ଷ ସେପ୍ଟେମ୍ବର ୨ ତାରିଖରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ୍. ଜୟଶଙ୍କରଙ୍କୁ ପତ୍ର ଲେଖି ଏକ ସ୍ଥାନୀୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ନିବେଦନ କରିଥିଲେ। ଏଥିସହ ସେ ଭିଏଫଏସର ଗ୍ଲୋବାଲ ସିଇଓ ଜୁବିନ କର୍କାରିଆଙ୍କ ସହ ମଧ୍ୟ ସାକ୍ଷାତାଲୋଚନା କରିଥିଲେ। ଆଜି ଭିଏଫଏସର ଗ୍ଲୋବାଲ ସିଇଓ ଏହି ପ୍ରସ୍ତାବକୁ ସ୍ୱୀକାର କରି ଭିସା ଆବେଦନ କେନ୍ଦ୍ର ଖୋଲିବା ନେଇ ଶ୍ରୀ ପ୍ରଧାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ରରୁ ୟୁକେ ଓ କେତେକ ବଛା ବଛା ଦେଶ ପାଇଁ ଭିସା ଆବେଦନ ଗ୍ରହଣ କରାଯିବ। ପରବର୍ତ୍ତୀ ସମୟରେ ଚାହିଦା ଅନୁଯାୟୀ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହି କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯିବ। ଭିସା କେନ୍ଦ୍ର ସହ 'ଭିସା କନସିଅର୍ଜ ସେବା' ମଧ୍ୟ ଉପଲବ୍ଧ ହେବ, ଯାହା ଫର୍ମ ପୂରଣ, ବୀମା ଓ ଅନ୍ୟାନ୍ୟ ପ୍ରକ୍ରିୟାକୁ ସହଜ କରିବ।

ଶ୍ରୀ ପ୍ରଧାନ 'ଏକ୍ସ'ରେ ଏ ନେଇ ଖୁସି ବ୍ୟକ୍ତ କରିବା ସହ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ➯ପୃଷ୍ଠା-୬

# ଅସିତ ଗୋଷ୍ଠୀକୁ ହାଇକୋର୍ଟ ଝଟ୍‌କା

ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ)ଃ ବହୁଚର୍ଚ୍ଚିତ ଭୁବନେଶ୍ୱର କ୍ଲବ ନିର୍ବାଚନକୁ ନେଇ ହାଇକୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କ୍ଲବର ପୂର୍ବତନ ସଭାପତି ଅସିତ ତ୍ରିପାଠୀଙ୍କ ଗୋଷ୍ଠୀକୁ ଲାଗିଛି ବଡ଼ ଝଟକା। କ୍ଲବ ନିର୍ବାଚନକୁ ନେଇ କୋର୍ଟରେ ଜନସ୍ୱାର୍ଥ ମାମଲା କରିଥିବାରୁ କୋର୍ଟ କେବଳ ବର୍ଷିନଥିଲେ, ବରଂ ମାମଲା ପ୍ରତ୍ୟାହାର ନ କଲେ ଫାଇନ ଲାଗୁ କରିବାକୁ ବି ଚେତାବନୀ ଦେଇଥିଲେ।



### ମାମଲା ପ୍ରତ୍ୟାହାର କରିବାକୁ ହେଲେ ବାଧ୍ୟ

୨୦୨୫ରେ ଭୁବନେଶ୍ୱର କ୍ଲବ୍ ନିର୍ବାଚନରେ ଅସିତ ତ୍ରିପାଠୀ ଓଇଆରସି ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କଠାରୁ ହାରିଯିବା ପରେ ତାଙ୍କ ସମର୍ଥକମାନେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏଥିରେ ଆବେଦନକାରୀ ସୁବ୍ରତ କୁମାର ତ୍ରିପାଠୀଙ୍କ ଓକିଲ ଅଭିଯୋଗ କରିଥିଲେ ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅଧ୍ୟକ୍ଷ ପଦରେ ଥାଇ ମଧ୍ୟ ପ୍ରଦୀପ ଜେନା କ୍ଲବ୍ ନିର୍ବାଚନ ଲଢ଼ିଥିଲେ। ଏହା ଓଡ଼ିଶା ବିଦ୍ୟୁତ ସଂସ୍କାର ଆଇନ, ୧୯୯୫ର ବିରୁଦ୍ଧାଚରଣ କରୁଛି ବୋଲି ସେ ଅଭିଯୋଗ କରିଥିଲେ।

ଗତ ୨୦୨୨ରେ ଯେତେବେଳେ ଅସିତ ତ୍ରିପାଠୀ ନିର୍ବାଚନ ଲଢ଼ି ସଭାପତି ହୋଇଥିଲେ, ସେତେବେଳେ ସେ ନିଜେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଥିଲେ। ଯଦି ସେତେବେଳେ ନିୟମର ଉଲ୍ଲଂଘନ ହୋଇନଥିଲା, ତେବେ ଏବେ କିପରି ନିୟମର ଉଲ୍ଲଂଘନ ହେଲା ବୋଲି ପ୍ରତିପକ୍ଷ ଓକିଲ ଯୁକ୍ତି ବାଢ଼ିଥିଲେ। ୨୦୨୫ରେ କିନ୍ତୁ ଅସିତ ହାରିଯିବା ପରେ ତାଙ୍କ ସମର୍ଥକ ଗୋଷ୍ଠୀ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମଏସ ରମଣ ମାମଲା ଶୁଣାଣି କରିଥିଲେ। ଉଭୟ ପକ୍ଷର ଯୁକ୍ତି ପରେ ଆବେଦନକାରୀ ମାମଲା ପ୍ରତ୍ୟାହାର ପାଇଁ କୋର୍ଟଙ୍କ ଅନୁମତି ମାଗିଥିଲେ। କୋର୍ଟ ମଧ୍ୟ ଏପରି ମାମଲାରେ ଅସନ୍ତୋଷ ପ୍ରକାଶ କରିଥିଲେ।

# ଦଳୀୟ ସ୍ୱାର୍ଥରେ ଚାଷୀ ସାଜିଛନ୍ତି ମୋହରା



### ୨୪ ପର୍ଯ୍ୟନ୍ତ ଗୃହକୁ ଅଚଳ କରିବ ବିଜେଡି
### ଗୃହକୁ ସ୍ୱାଭାବିକ କରିବାକୁ ହେଉନି ଉଦ୍ୟମ
### ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ

ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ)ଃ ଧାନ ସମସ୍ୟାକୁ ନେଇ ବଜେଟ ଅଧିବେଶନର ପ୍ରଥମ ଦିନରୁ ବିଧାନସଭାକୁ ଅଚଳ କରୁଛନ୍ତି ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ। ଚାଷୀଙ୍କ ସ୍ୱାର୍ଥକୁ ଆଳ କରି ଚାରି ଦିନ ହେଲା ଗୃହକୁ ଚଳାଇ ଦେଉନାହାଁନ୍ତି ବିରୋଧୀ। ବିଜେପିର ଅଭିଯୋଗ, ୨୪ ତାରିଖ ପର୍ଯ୍ୟନ୍ତ ଗୃହ ଚଳାଇ ନ ଦେବାକୁ ବିଜେଡି ନେତାଙ୍କୁ ନିର୍ଦ୍ଦେଶ ରହିଛି। କାରଣ ଉକ୍ତଦିନ ରାଜଧାନୀରେ ବିଜେଡି ପକ୍ଷରୁ ବଡ଼ ଚାଷୀ ସମାବେଶ କରାଯିବ। ସେପଟେ ବିଜେଡି କହିଛି ଯେ ଗୃହ ଚଳାଇବାର ଦାୟିତ୍ୱ ସରକାରୀ ଦଳର। ସରକାରୀ ଦଳ ମୁଖ୍ୟ ସଚେତକ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହକୁ ସ୍ୱାଭାବିକ କରିବାକୁ ଚାହୁଁନାହାଁନ୍ତି ବୋଲି ବିଜେଡି ପାଲଟା ଅଭିଯୋଗ କରିଛି। ଚାଷୀ ପ୍ରସଙ୍ଗରେ ଗୃହ ଚଳାଇ ଦେଉନାହାନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ମଣ୍ଡି ଓ ଚାଷୀ ସମସ୍ୟାକୁ ନେଇ ଉଠୁଛି ପଡୁଛି ବିଧାନସଭା। ବାଚସ୍ପତି ବୁଝାଇବା ସହ ସର୍ବଦଳୀୟ ବୈଠକ ପରେ ମଧ୍ୟ ସ୍ୱାଭାବିକ ହେଉନି ଗୃହକାର୍ଯ୍ୟ। ଏସବୁ ଭିତରେ ବିଜେପି ଆଣିଛି ବଡ଼ ଅଭିଯୋଗ। ଆସନ୍ତା ୨୪ ତାରିଖରେ ହେବାକୁ ଥିବା ସମାବେଶ ପାଇଁ ବିରୋଧୀ ବିଜେଡି କରୁଛି ପ୍ରତିବାଦର ନାଟକ। ସୂଚନାନୁସାରେ, ଆସନ୍ତା ୨୪ରେ ଚାଷୀ ପ୍ରସଙ୍ଗକୁ ନେଇ ଲୋୟର ପିଏମଜିରେ ଶକ୍ତି ପ୍ରଦର୍ଶନ କରିବ ବିଜେଡି। ଏଥିପାଇଁ ଦଳ ଭିତରେ ପ୍ରସ୍ତୁତି ➯ପୃଷ୍ଠା-୬

# ଦେଶ ପାଇଲା ସ୍ୱଦେଶୀ ଟିଟାନସ୍ ଓ ଡିପ୍‌ଥେରିଆ ଟୀକା



### ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଲେ ସ୍ୱାସ୍ଥ୍ୟ ମନ୍ତ୍ରୀ
### ଏପ୍ରିଲ୍ ସୁଦ୍ଧା ପ୍ରସ୍ତୁତ ହେବ ୫୫ କୋଟି ଟୀକା

ନୂଆଦିଲ୍ଲୀ,୨୧।୨ଃ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଟିଟାନସ୍ ଓ ବୟସ୍କଙ୍କ ପାଇଁ ଡିପ୍‌ଥେରିଆ ଟିକାକୁ ଆଜି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ହିମାଚଳ ପ୍ରଦେଶର କସୌଲିସ୍ଥିତ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଆରମ୍ଭ କରିଛନ୍ତି। ଫଳତଃ ଏଣିକି ସାର୍ବଜନିକ ଟିକାକରଣ କାର୍ଯ୍ୟକ୍ରମ (ୟୁଆଇପି)ରେ ଡିପ୍‌ଥେରିଆ ଟିକାକୁ ସାମିଲ ➯ପୃଷ୍ଠା-୬


## SIKSHA 'O' ANUSANDHAN

# SAAT-2026

Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବବିଙ୍କ ପକ୍ଷ ଛେଦିଲା ବିଜେଡି



### କୋରେଇରେ ସୀମିତ ରହିବାକୁ ନିର୍ଦ୍ଦେଶ
### ଦିନକୁ ଦିନ କମୁଛି କ୍ଷମତା ପରିସର

ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ)ଃ ବିଜେଡିରେ ଏକଦା ଏକଛତ୍ରବାଦ ଚଳାଇଥିବା ଦଳର ପୂର୍ବତନ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ପକ୍ଷ ଛେଦନ କରିଛି ଦଳ। ଦଳରେ ଖାଲି ତାଙ୍କର ଭାଉ କମିନାହିଁ, ତାଙ୍କର ଗତିବିଧିକୁ କୋରେଇ ଭିତରେ ସୀମିତ ରଖିବାକୁ ଦଳ ପକ୍ଷରୁ ସୂଚାଇ ଦିଆଯାଇଥିବା ନେଇ ଆଲୋଚନା ହେଉଛି।

ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଜେଡି ସୁପ୍ରିମୋ ଆଉ କୌଣସି ସ୍ଥିତିରେ ବବିଙ୍କୁ ସହିବା ସ୍ଥିତିରେ ନାହାନ୍ତି। ପୂର୍ବରୁ ନିଜେ ହାରିବା ସହିତ ନିଜ ମା'ଙ୍କୁ ହରାଇ ଦଳକୁ ଅପମାନିତ କରିଥିବାବେଳେ ଏବେ ଯାଜପୁରରୁ ଜଣଙ୍କ ପରେ ଜଣେ ନେତା ଦଳ ଛାଡିବାପରେ କଠୋର ହୋଇଛନ୍ତି ବିଜେଡି ସଭାପତି। ସୂଚାଇଦିଆଯାଇଛି ଯେ ଦଳ କଥାରେ ମୁଣ୍ଡ ନଖେଳାଇ କୋରେଇରେ ନିଜକୁ ସୀମିତ ରଖ। ଏପରିକି ଯାଜପୁର ବିଧାନସଭାରେ ବି ମୁଣ୍ଡ ନପୂରାଇବାକୁ ପରୋଧରେ ଚେତାଇ ଦିଆଯାଇଛି। ଦଳର ଆଗଧାଡ଼ିର ନେତାଙ୍କ ଏଭଳି ପକ୍ଷଛେଦନ କରି ବିଜେଡି ସଭାପତି ପୁଣିଥରେ ସୂଚାଇ ଦେଇଛନ୍ତି ଯେ ଦଳରେ ରହି ଯିଏ ଖେଳ କରିବ ତାହାର ଏଭଳି ଅବସ୍ଥା ହେବ। ଉଲ୍ଲେଖନୀୟ ଯେ ଗତ ସାଧାରଣ ନିର୍ବାଚନରେ ବିଜେଡି ହାରିବା ପରଠାରୁ ଦଳ ଭିତରେ ବବିଙ୍କ ପ୍ରତି ➯ପୃଷ୍ଠା-୬

# ଇଟାଭାଟିରେ ଚଢ଼ିଲା ବୁଲ୍‌ଡୋଜର୍



**ଗରଦପୁର,୨୧।୨(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ହେବ ଗରଦପୁର ତହସିଲ ଅଞ୍ଚଳରେ ବେଆଇନ୍ ଭାବେ ଗଢିଉଠିଛି ନାଲି ଇଟା ଭାଟି। ସରକାରୀ ନିୟମ ନିର୍ଦ୍ଦେଶ କୁ ଫୁ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ଇଟା ମାଫିଆ। ଏହି ମାଫିଆଙ୍କ ଉପରେ ଆଜି ଆକ୍ସନ ହୋଇଛି। ଏହି ଆକ୍ସନ ମୁଡ୍ କୁ ଆସିଛି ତହସିଲ୍ ଏବଂ ଜିଲ୍ଲା ପ୍ରଶାସନ। ବେଆଇନ୍ ଇଟା ଭାଟି ଉପରେ ଆଜି ଚଢ଼ିଛି ବୁଲ୍ଡୋଜର। କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ପରିମାଣରେ ବେଆଇନ ନାଲି ଇଟାଭାଟି ତିଆରି ହେବାରୁ ପରିବେଶ ଦୂଷିତ ହେବା ସହ ଅଞ୍ଚଳବସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ ହେବାପରେ ଉପ ଜିଲ୍ଲପାଳଙ୍କ ନିଜେ ଶନିବାର ଦିନ ଆକ୍ସନ ମୁଡ୍ କୁ ଆସିଛନ୍ତି। ଏହା ସହ ତହସିଲଦାର ତୃପ୍ତି ଦାସ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଗରଦପୁର ତହସିଲ ଅଞ୍ଚଳରେ ଆରଆଇଙ୍କ ଜାଣତରେ ପାଖଡ଼, ସିତଳପାଟଣା, ଗରଦପୁର ପ୍ରଭୃତି ଅଞ୍ଚଳରେ ବିନା ଅନୁମତି ରେ ତିଆରି ହୋଇଥିବା ଇଟାଭାଟି ଗୁଡିକୁ ଶନିବାର କେନ୍ଦ୍ରାପଡା ତହସିଲଦାର ଜେସିବି ମେସିନ ସାହାଯ୍ୟରେ ଭାଙ୍ଗିଛନ୍ତି। ତେବେ ଏହି ଅଞ୍ଚଳରେ ରାଜସ୍ୱ ଫାଙ୍କି ଅନେକ ଇଟାଭାଟି ନିର୍ମାଣ ହେଉଥିବା ବେଳେ ସ୍ଥାନୀୟ ଆରଆଇ ନିରବଦ୍ରଷ୍ଟା ସାଜି ଥିବାରୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଲୋକ ଦେଖାଣିଆ ସାଜିଛି ବାଲି ଖାଦାନ ରେଡ୍

# ନଦୀରୁ ବାଲି କୋରୁଛନ୍ତି ମାଫିଆ

**କେନ୍ଦ୍ରାପଡ଼ା, ୨୦।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଗତ କିଛି ମାସ ଧରି ବିଭିନ୍ନ ନଦୀରୁ ବେଧଡକ ଭାବେ ବାଲି କୋରୀ ନେଉଛନ୍ତି ବାଲି ମାଫିଆ। ଖଣିଜ ସମ୍ପଦ ମାଫିଆ ମାନେ ସକ୍ରିୟ ହୋଇ ଲୁଟି ଚାଇଥିବା ବେଳେ ମଉନ ସାଜିଛନ୍ତି ଜିଲ୍ଲା ଖଣି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ। କେନ୍ଦ୍ରାପଡ଼ା ଜିଲ୍ଲା ହେଉଛି ନଦୀ ନାଳ ଘେରା ଜିଲ୍ଲା। ଏଠାରେ ମିଠା ବାଲି ଚୋରା ଚାଲାଣ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଖଣି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ବେଆଇନ୍ ଖାଦାନ ଉପରେ ଅଚାନକ ଚଢ଼ାଉ କରୁଥିବା ବେଳେ ତାହା କେବଳ ଲୋକ ଦେଖାଣିଆ ହୋଇ ରହିଯାଉଛି। କାରଣ ରେଡ୍ ସମୟରେ ଯେଉଁ ଗାଡି କିମ୍ବା ମେସିନ୍ ଜବତ କରୁଛନ୍ତି ତାହାକୁ କିଛି ସମୟ ପରେ ଛାଡି ଦେଉଥିବା ଅଭିଯୋଗ



ହେଉଛି। ଜବତ ଗାଡ଼ି ଉପରେ କେଉଁ ଭଳି କାର୍ଯ୍ୟାନୁଷ୍ଠାନ ବା କେତେ ଫାଇନ କରାଯାଇଛି ଏନେଇ ଖଣି ଅଧିକାରୀଙ୍କୁ ପ୍ରଶ୍ନ କଲେ ଉତ୍ତର ନଦେଇ ବରଂ ପ୍ରଶ୍ନ କୁ ଏଡାଇ ଦେଉଥିବା ଦେଖା ଯାଇଛି। ଯାହାକୁ ନେଇ ଜିଲ୍ଲା ଖଣିଅଧିକାରି ଏବଂ ଜିଲ୍ଲା ପ୍ରଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଜିଲ୍ଲାର ଉତ୍ତର ପଟେ ରହିଛି ଯାଜପୁର ଜିଲ୍ଲା ଓ ଦକ୍ଷିଣ ପଟେ ରହିଛି ଜଗତସିଂପୁର ଜିଲ୍ଲା କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ନଦୀରୁ ବାଲି ମାଫିଆ ମାନେ ବେଆଇନ ଭାବେ ଲୁଟି ଚାଲିଛନ୍ତି ବାଲି। ସୁଦୂର ମହାକାଳପଡା ଗ୍ରାମ ପଞ୍ଚାୟତ ବରି ନିର୍ବାଚନ ମଣ୍ଡଳୀର ବାଟି ଟାଙ୍କି ବାଲି ନିଲାମ ଧାରୀ ଘାଟରୁ ଶହଶହ ବାଲି ଚୋରା ଚାଲାଣ ହେଉଥିବାବେଳେ ଜିଲ୍ଲାପ୍ରଶାସନ ଓ ଖଣି ଅଧିକାରୀ ନଜର ନରଖି ଲୋକ ଦେଖାଣିଆ ଭାବେ ଗୋଟେ ଦୁଇଟା ରାସ୍ତା ଆସିଥିବା ବାଲି ଗାଡ଼ି ଅଟକାଇ ଜବତ କରି ବା ବାହା ନେଉଛି। ପ୍ରକୃତ ପଖେ ଡେରାବିଶ ବ୍ଲକ ଛୋଟି ଗ୍ରାମ ପଞ୍ଚାୟତର ବିରୂପା ନଦୀ ଉପରେ ଥିବା ବିଜୁ ସେତୁ ଉକ୍ତ ବାଲି ଘାଟକୁ ସଂଯୋକ କରିଥିବାରୁ ସେହି ବାଟ ଦେଇ ଶହ ଶହ ଟ୍ରକ ବାଲି ମାଫିଆ ଲୁଟିନେଉଛନ୍ତି। ଚନ୍ଦନପୁର ଘାଟରେ ଗୋଷ୍ଠୀ ସଂଘର୍ଷ ଘଟଣା ଘଟିବା ପରଠୁ ଆଉ ବାଲି ଉଠୁନି। କିନ୍ତୁ ଏହାର ପାଞ୍ଚ ଶହ ମିଟର୍ ଦୂର ନାୟାଡିଆ ଘାଟରୁ ବେଧଡ଼କ ବାଲି ଲୁଟ୍ ହେଉଛି। ଦିନରାତି କରି ମାଫିଆମାନେ ଶହଶହ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି। ଗରଦପୁରର ତହସିଲ ଅଞ୍ଚଳରେ ଥିବା ଗଦାଧର, ଜଗନ୍ନାଥପୁର, ଗରଦପୁର, ରାମଚନ୍ଦ୍ରପୁର, ତେଣ୍ଡାକୁଡ଼ା, ସମସରା ଆଦି ସ୍ଥାନରୁ ବେଆଇନ୍ ଭାବେ ବାଲି ମାଫିଆ ପ୍ରତିଦିନ ବାଲି ଲୁଟ୍ କରିଚାଲିଛନ୍ତି। ସେହିପରି ଡେରାବିଶର ବେଣିପୁର ଘାଟରେ ବି ସମାନ ଚିତ୍ର ଦେଖିବାକୁ ମିଳିଛି। ସ୍ଥାନୀୟ ପୁଲିସ, ତହସିଲଦାର ବାଲି ଚୋରା ଚାଲାଣ ବିଷୟରେ ଜାଣି ବି ନିରବ। ଲୋକବଳ ଅଭାବର ବାହାନା କରି ଖଣି ଅଧିକାରୀ ଏଥିପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଉଛନ୍ତି। ଫଳରେ ବ୍ରାହ୍ମଣୀ ନଦୀର ନାୟାଡିଆ, ଚିତ୍ରୋପ୍ତଳାର ଗଦାଧର ପୀଠ ଓ ବିରୂପାର ବେଣିପୁର ଘାଟରୁ ଗଲା ପ୍ରାୟ ମାସକ ଭିତରେ ମାଫିଆମାନେ କୋଟି କୋଟି ଟଙ୍କାର ବାଲି ଲୁଟି ସାରିଲେଣି। ଦିନଦ୍ୱିପ୍ରହରରେ ଲଘୁ ଖଣିଜ ସମ୍ପଦ ଲୁଟି ମାଫିଆମାନେ ମାଲାମାଲ୍ ହେଉଥିଲା

# ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ଫୁଲବାଣୀ, ୨୧।୨(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ୨୧ ଫେବୃୟାରୀ କୁ ଅନ୍ତର୍ଜାତୀୟ ମାତୃ ଭାଷା ଦିବସ ଭାବରେ ରାଜ୍ୟର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ବିଦ୍ୟାଳୟ ମାନଙ୍କରେ



ପାଳନ କରାଯାଉଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କାଶିନୀପଦର ପଞ୍ଚାୟତ ର ମାଝୀପଡା ଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ମଧ୍ୟ ଏହି ଅନ୍ତରାଷ୍ଟ୍ରୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କେଶବ ନାଏକ ଙ୍କ ଅଧକ୍ଷତାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଅଭିମନ୍ୟୁ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ର ସମସ୍ତ ସଦସ୍ୟ ସଦସ୍ୟା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଶୁକ୍ରୀବ ପ୍ରଧାନ ପରିଚାଳନା କରିଥିବା ବେଳେ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ କହଁର, ଅଜୟ କୁମାର ମହାନ୍ତି, ଶେଷଦେବ ବେହେରା, ସୁଧୀର ଦିଗାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଶାର ମାତୃଭାଷା କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ ଛାତ୍ର ଛାତ୍ରୀ ମାନଙ୍କୁ ମାଧ୍ୟାନ୍ନ ଭୋଜନ ସହ ବିଦ୍ୟାଳୟ ତରଫରୁ ପାରମ୍ପାରିକ ଖାଦ୍ୟ ବଣ୍ଟନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୨୧।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଓ ଭାରତ ତରଫରୁ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ ପାର୍ଲାମେଣ୍ଟ ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ ଫେବୃଆରୀରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଠାରେ ଆୟୋଜିତ ହେବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସାନ୍ଧ୍ୟଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର, ମାଇଁ




ଭାରତ ୟବା ଭାରତର ଯୁବ କାର୍ଯ୍ୟକ୍ରମ ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଇଚ୍ଛୁକ ଅନ୍ୟଯୁବ ଗୋଷ୍ଠୀ ଯାହାଙ୍କ ବୟସ ୧୫ ବର୍ଷରୁ ୨୫ ବର୍ଷ ବୟସ ହୋଇଥିବ ସେମାନେ ଆସି ଯୋଗଦେବେ। 'ବିକଶିତ ୧୦୦ ବର୍ଷ ଭାରତ ଏବଂ ୫୦ ବର୍ଷ ଗଣତନ୍ତ୍ର ' ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହିତ ଏକ ଛାୟା ସଂସଦ ପ୍ରକ୍ରିୟାରେ ଜୁରୀ ସଦସ୍ୟମାନେ ଉପସ୍ଥିତ ରହି ଫଳାଫଳ ବିଚାର କରିବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅଂଶ ଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା କୃତୀ ପ୍ରତିଯୋଗୀ ମାନେ ଜାତୀୟ ସ୍ତରୀୟ ପାର୍ଲାମେଣ୍ଟକୁ ମନୋନୀତ ହେବେ ବୋଲି ସୂଚନା ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ରୁକ୍ମୁଣୀ ସାହୁ, ମନୋରଞ୍ଜନ ରାଉତ, ମାଇଁ ଭାରତ କର୍ମୀ ଲକ୍ଷ୍ମୀକାନ୍ତ ଜେନା, କର୍ମଚାରୀ ଅଶୋକ ମଳିକ, କିସନ ନିମାଇ, ଶ୍ରୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତାରେ ଜମା ହୋଇଛି ବାଲିଗୋଡ଼ି, ଯାତାୟାତ ବାଧାପ୍ରାପ୍ତ



**ମହାକାଳପଡ଼ା,୨୧।୨(ସଂଚାର ବ୍ୟୁରୋ):** ରାସ୍ତା କାମ ପାଇଁ ମୁଖ୍ୟ ରାସ୍ତା ଉପରେ ଜମା ହୋଇଛି ବାଲି ଓ ଗୋଡ଼ି। ଯାହା ଫଳରେ ରାସ୍ତା ଅବରୋଧ ହେବା ସହିତ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ ରାସ୍ତା କାମ ପାଇଁ ପାଣି ମୋଟର ପାଇଁ ବିଛାଯାଇଥିବା ଛିଣ୍ଡା ତାରରେ ପାଳଗଦା ଜଳିଯାଇଥିବା ଜଣା ପଡ଼ିଛି। ଠିକାଦାରଙ୍କ ଠକାମି ମନୋଭାବ ଯୋଗୁଁ ଲୋକମାନେ ଏମିତି ସମସ୍ୟାରେ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଗୋଗୁଆ ପଞ୍ଚାୟତ ସ୍ଥିତ ଗୋଗୁଆ ଗ୍ରାମ ରେ ଆରଡ଼ି ବିଭାଗ ତରଫରୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ମଝି ରାସ୍ତା ରେ ବାଲି ଗୋଡ଼ି ଗଦା କରିବା ଦ୍ୱାରା ରାସ୍ତା ଅବରୋଧ ହୋଇଛି। ଯାହା ଫଳରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପାଣି ମୋଟର ପାଇଁ ବିଛାଯାଇଥିବା ତାରରୁ କୁଟା ଗଦା ମଧ୍ୟ ଜଳି ଯାଇଛି। ଲୋକମାନଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ବିଭାଗ ତରଫରୁ କିମ୍ବା ଯନ୍ତ୍ରୀଙ୍କ ତରଫରୁ କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ। ଠିକାଦାରଙ୍କ ଗାଲୁଆମି ପାଇଁ ସାଧାରଣ ଲୋକେ ହନ୍ତସନ୍ତ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି।

# କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**ପଟ୍ଟାମୁଣ୍ଡାଇ,୨୧।୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଶିବିର ଉଦଘାଟନ କରିଥିଲେ । ଇତିହାସ ବିଭାଗ ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ଓ କଲେଜ ଆଇ କ୍ୟୁ ଏ ସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ଉଦଘାଟନୀ ଅଭିଭାଷଣ ପ୍ରଦାନ କରି ସାମ୍ପ୍ରତିକ ସମୟରେ ଛାତ୍ରୀ ମାନଙ୍କ ଆତ୍ମ ସୁରକ୍ଷା ଏକାନ୍ତ ଜରୁରୀ ହୋଇଥିବାରୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଛାତ୍ରୀମାନଙ୍କ ମନୋଭାବ ଓ ଆତ୍ମ ବିଶ୍ୱାସ ବୃଦ୍ଧିରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ପାଇଁ ନିୟୋଜିତ ପ୍ରଶିକ୍ଷିକାମାନେ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ଓ ପ୍ରୟୋଗିକ ଅଭ୍ୟାସ କରାଇଥିଲେ। ଶେଷରେ ଓଡ଼ିଆ ବିଭାଗ ଅଧ୍ୟାପକ ଚିନ୍ମୟ ସାମଲ ଧନ୍ୟବାଦ ଦେଇଥିଲେ। ୧୦ଦିନ ବ୍ୟାପି ଚାଲୁଥିବା ଏହି ଆତ୍ମରକ୍ଷା ଶିବିରରେ ବହୁ ଛାତ୍ରୀ ଯୋଗ ଦେଇଛନ୍ତି ।

# ବନ୍ଧକଟା ପଞ୍ଚାୟତ କଂଗ୍ରେସର ବନ୍ଧୁମିଳନ



**ମାର୍ଶାଘାଇ, ୨୧।୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ବନ୍ଧକଟା ପଞ୍ଚାୟତ କଂଗ୍ରେସର ବନ୍ଧୁମିଳନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବନ୍ଧକଟା ପଞ୍ଚାୟତର କଂଗ୍ରେସ ନେତା ତଥା ଅଧ୍ୟାପକ ଚିତ୍ତରଞ୍ଜନ ଦାସ (କୁନା ସାର)ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ମାର୍ଶାଘାଇ ବ୍ଲକ କଂଗ୍ରେସ ସଭାପତି ଶିକ୍ଷାଂଶୁ ଶେଖର ଲେଙ୍କା, ପିସିସି ଅନୁସୂଚିତ ସେଲ ସମ୍ପାଦକ ତଥା ବନ୍ଧକଟା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଉପେନ୍ଦ୍ର ବେହେରା, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଅଲ୍ୟଳ କୁମାର ନାୟକ, ଅଜୟ ଦାସ, ଦୀନବନ୍ଧୁ ନାୟକ, ଦିଲ୍ଲୀପ କୁମାର ସାହୁ, ବାବୁଲି ସାହୁ, ସର୍ବେଶ୍ୱର ନାୟକ, ଶୁକଦେବ ବିଶ୍ୱାଳ, ରମେଶ ସାହୁ, ଅଜୟ ନାୟକ, ଜିଲ୍ଲା ଅନୁସୂଚିତ ସେଲ ସମ୍ପାଦକ ପରୀକ୍ଷିତ ମଳିକ, ବସନ୍ତ ସ୍ୱାଇଁ, ଦୀପ୍ତିକାନ୍ତ ନାୟକ, ଅକ୍ଷୟ ସାହୁ, ଦିଲ୍ଲୀପ ମଳିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

# ସାହିତ୍ୟିକ ଶ୍ରୀବସ୍ତ ଚରଣ ଜେନାଙ୍କ ଦେହାନ୍ତ



**କେନ୍ଦ୍ରାପଡ଼ା, ୨୧।୨(ସଂଚାର ବ୍ୟୁରୋ):** ବର୍ଷିଆନ ସାହିତ୍ୟିକ ଏବଂ ବହୁ ପୁସ୍ତକର ସ୍ରଷ୍ଟା ଶ୍ରୀବସ୍ତ ଚରଣ ଜେନାଙ୍କର ଗତ ୨୦ ତାରିଖ, ଶୁକ୍ରବାର ସକାଳ ୭. ୩୦ରେ କେନ୍ଦ୍ରାପଡ଼ାର ବାଲିଆସ୍ଥିତ କଳିଙ୍ଗ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ହୋଇଥିଲା। ୧୯୩୯ ମସିହା ଏପ୍ରିଲ ୧୩ ତାରିଖରେ ଯାଜପୁର ଜିଲ୍ଲା ବିଂଝାରପୁରର ମୋହନପୁର, ବାରିଙ୍ଗ ଠାରେ ଜନ୍ମିତ ଶ୍ରୀଯୁକ୍ତ ଜେନା ଓଡିଶା ସରକାରଙ୍କ ଅର୍ଥ ସେବା ବିଭାଗରେ ଯୋଗଦାନକରି ଅର୍ଥ ପରାମର୍ଶଦାତା ଭାବେ ୧୯୯୭ ମସିହାରେ ଅବସର ଗ୍ରହଣ କରିଥିଲେ। ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନୀ ପୁସ୍ତକ 'ଯୁଗ ପୁରୁଷ ବୈକୁଣ୍ଠନାଥ'ର ଲେଖକ ଭାବେ ସେ ବହୁ ଲୋକପ୍ରିୟ ଥିଲେ। ତାଙ୍କର ଅନ୍ୟାନ୍ୟ କୃତି ମଧ୍ୟରେ 'ତୁଳସୀକ୍ଷେତ୍ର ଗୀତାମୃତ', ପାହାନ୍ତି ବିଚାର, ଖରସ୍ରୋତା ତୀରେ, ଗପ କେତେ ଯୁଗର, ଶ୍ରୀମଦ ଗୁରୁ ଗୀତାମୃତ, ଯାଜପୁର ଜିଲ୍ଲା ସାତଟୋପା ସାମନ୍ତ, ଶ୍ରୀବିଳେଶ୍ୱର ସ୍ତବକ ଆଦି ଉଲ୍ଲେଖଯୋଗ୍ୟ। ତାଙ୍କ ବିୟୋଗର ଖବର ପାଇ କେନ୍ଦ୍ରାପଡ଼ାର ବହୁ ସାହିତ୍ୟିକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ତିନିମୁହାଣୀସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ। ତାଙ୍କର ତିନି ପୁଅ, ଜ୍ୱାଇଁ ଅରବିନ୍ଦ ଧଳ ଓ ପରିବାରର ବହୁ ସଦସ୍ୟ ସମେତ ଅନେକ ବନ୍ଧୁ ଶୁଭେଚ୍ଛୁ ସହ ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ କରାଯାଇଥିଲା ।

# ଅବଧି ପୂରିଗଲାଣି, ତଥାପି ସରିନି ରାସ୍ତା କାମ



**କେନ୍ଦ୍ରାପଡ଼ା ସଦର,୨୧।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ୍‌ର ଚାରିଗାଁ ପଞ୍ଚାୟତର ଜୟକୃଷ୍ଣପୁର ଗ୍ରାମର ପର୍ଯ୍ୟଟନ କେନ୍ଦ୍ର ମାଳବଣକୁ ଯିବା ପାଇଁ କେନ୍ଦ୍ରାପଡ଼ା, ପୂର୍ତ୍ତ ବିଭାଗ-୧ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ୪.୫ କିମି ଦୈର୍ଘ୍ୟ ବିଶିଷ୍ଟ ଏକ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୨୦୨୩ ଜୁଲାଇ ୩୧ ତାରିଖରେ ଆରମ୍ଭ ହୋଇଥିଲା। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ୨୦୨୪ ମେ' ୩୦ ତାରିଖରେ ଶେଷ ହେବା ସକାଶେ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଇତି ମଧ୍ୟରେ ଅବଧି ଶେଷ ହୋଇଯାଇଥିଲେ ବି ସମ୍ପୃକ୍ତ ଠିକାଦାର ଉକ୍ତ ରାସ୍ତା କାର୍ଯ୍ୟ ସାରିନାହାନ୍ତି। ବରଂ କାମ ଅଧାରେ ପକାଇ ଛୁ' ମାରିଛନ୍ତି। ଏଥିସହ ଅଦ୍ୟାବଧି ଯେତିକି ରାସ୍ତା ବି ନିର୍ମାଣ ହୋଇଛି, ତା'ର ମାନ ଯେ ଅତ୍ୟନ୍ତ ନିମ୍ନମାନର, ତା' କେହି ବି ସହଜେ କହିପାରିବେ। କାରଣ ଉକ୍ତ ରାସ୍ତା କାମକୁ ୬ ମାସ ପୂରିନଥିବା ବେଳେ ସେଠାରୁ ଗୋଡ଼ି ଉଠିଗଲାଣି। ରାସ୍ତା ନିର୍ମାଣ ସମୟରେ କୌଣସି ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନଇଚ୍ଛା କାମ କରିଛନ୍ତି। ତେଣୁ ତୁରନ୍ତ ଉକ୍ତ ରାସ୍ତାର ଗୁଣାତ୍ମକ ମାନ ପରୀକ୍ଷା କରାଯିବା ସହ ନିର୍ମାଣକାର୍ଯ୍ୟ ସାରିବା ସକାଶେ ସାଧାରଣରେ ଦାବି ହେଉଛି।

## ପୋଖରୀଖୋଳା ନାମରେ ଚାଲିଥିଲା ଚୋରାପଥର ଖାଦାନ

# ମାଡ଼ି ବସିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ, ୨ ପୋକ୍‌ଲନ୍ ଜବଦ

**ନୀଳଗିରି,୨୧।୨(ସଂଚାର ବ୍ୟୁରୋ):** ନୀଳଗିରି ଲଘୁଖଣିଜ ସମ୍ପଦର ଭଣ୍ଡାର ନୀଳଗିରିରେ ମାଫିଆଙ୍କ ଆତଙ୍କରାଜ ର ପର୍ଦ୍ଦାଫାଶ। ଦିନ ରାତି ୨୪ଘଣ୍ଟା ଚୋରାରେ ପଥର, ବାଲି, ମୋରମ୍, ମାଟି ଲୁଟଚାଲିଥିବା ବେଳେ ସ୍ଥାନୀୟ ପ୍ରଶାସନ ସବୁଦେଖି ଆଖିରେ ଅନ୍ଧପୁଟୁଳି ବାନ୍ଧି ହାତଟେକି ବସିଛି। ଫଳରେ ରାଜ୍ୟ ରାଜକୋଷ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛି। ଏସବୁ ଖବର ବାଲେଶ୍ୱର ସାଂସଦ



ପ୍ରତାପ ଷଡ଼ଙ୍ଗୀଙ୍କ ନଜରରେ ଥିଲା। ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଅଚାନକ ମହିଷାପଟା ପଞ୍ଚାୟତର ଡମ୍ବୁରୁଘାଟିରେ ପୋଖରୀଖନନ ଆଳରେ ଏକ ପଥରଖାଦାନ ଉପରେ ଚଢାଉ କରିଥିଲେ। ସାଂସଦ ପ୍ରତାପ ଷଡଙ୍ଗୀ ଚଢ଼ାଉ କରିବାକୁ ଯାଇଥିବା ବେଳେ ସତେ ଯେପରି ଏଠାରେ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଖାଦାନ ଭଳି ଲାଗିଥିଲା। ସଙ୍ଗେସଙ୍ଗେ ସାଂସଦ ଖଣିବିଭାଗର ଅଧିକାରୀ, ପୋଲିସ ଓ ବନବିଭାଗର ଅଧିକାରୀଙ୍କୁ ଡକାଇଥିଲେ। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବଡ଼ ପକ୍ଲିନ ଜବତ କରାଯାଇ ଥିଲା। ଏପଟେ ମାଫିଆମାନେ ବ୍ଲାଷ୍ଟିଂ କରିବା ପାଇଁ ଜିଲୋଟିନ ଏବଂ ତାର ମଧ୍ୟ ସଂଯୋଗ କରିକରା ଯାଇଥିଲା। ସେ ସବୁକୁ ମଧ୍ୟ ପ୍ରଶାସନ ଜବତ କରାଯାଇଛି।

# ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ

**ବୈଶିଙ୍ଗା,୨୧।୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ବାଛୁରୀପଡା ଗ୍ରାମରେ ଶନିବାର ବିପୁଳ ପରିମାଣର ଚୋରା ବିଦେଶୀ ମଦ ବିକ୍ରି ଚାଲିଥିବାର ଖବର ପାଇ ବୈଶିଙ୍ଗା ପୋଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଥିଲା। ତେବେ ୭୨ ବର୍ଷିୟ ହରିହର ସାହୁଙ୍କ ଘରେ ତଲାସୀ ସମୟରେ ବିଭିନ୍ନ କମ୍ପାନୀର ୨୪ ଲିଟର ୭୦୦ ମିଲିମିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ଏହାକୁ ନେଇ ଏସ ଆଇ ଇତିଶ୍ରୀ ସାହୁ ଙ୍କ ଅଭିଯୋଗ କ୍ରମେ ୮୨ ନଂ ରେ ଏକ ମାମଲା ରୁଜୁ କରାଯାଇଛି। ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିବା ଯୋଗୁଁ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇ ଥାନାରୁ ଛଡ଼ା ଯାଇଛି।

# ବିଷକ୍ରିୟାରେ ବ୍ୟକ୍ତିଙ୍କ ମୃତ୍ୟୁ

**ଫୁଲବାଣୀ,୨୧।୨(ସଂଚାର ବ୍ୟୁରୋ):** ଘରୋଇ କଳହ କୁ ନେଇ ଜଣେ ବ୍ୟକ୍ତି ବିଷ ପାନ କରିବା ପରେ ଗୁରୁତର ଅବସ୍ଥାରେ ମେଡିକାଲ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ମୃତ ବ୍ୟକ୍ତି ଜଣକ ଫିରିଙ୍ଗିଆ ଥାନା ଅଧୀନରେ ଥିବା ପବିଙ୍ଗିଆ ପଞ୍ଚାୟତ ର ବବଡିଙ୍ଗିଆ ଗାଁ ର ଜେନାପଡ଼ା ଦୟାସାଗର କହଁର ବୋଲି ଜଣାପଡିଛି। ସୂଚନା ଅନୁସାରେ ଗତ ୧୬ ତାରିଖ ଦିନ ଦୟାସାଗର ତାଙ୍କ ଘରେ ଲାଗିରହିଥିବା ଘରୋଇ କଳହ କୁ ନେଇ ବିଷ ପାନ କରିଦେଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥା ରେ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫିରିଙ୍ଗିଆ ରୁ ଫୁଲବାଣୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଶନିବାର ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟ ହୋଇଥିଲା । ଘଟଣା ସମ୍ପର୍କ ରେ ଖବର ପାଇ ଥାନା ଅଧିକାରୀ ମୁରଲୀଧର ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ପ୍ରମୋଦ କୁମାର ବେହେରା ଫୁଲବାଣୀ ମେଡିକାଲ ରେ ପହଂଚି ଶବ ଶବ କୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ଶବ କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି ।

● ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନ

# ଇଂରାଜୀ ବିଷୟରେ ପରୀକ୍ଷା ଦେଲେ ୧୯ହଜାର ୪୬୭ ଛାତ୍ରଛାତ୍ରୀ

**କେନ୍ଦ୍ରାପଡ଼ା,୨୧।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ଆଜି ଇଂରାଜୀ ବିଷୟରେ ପରୀକ୍ଷା ଦେଇଛନ୍ତି ୧୯ହଜାର ୪୬୭ଜଣ ଛାତ୍ରଛାତ୍ରୀ। ୧୯ହଜାର ୨୮୧ଜଣ ଆଜି ବାର୍ଷିକ ମାଟ୍ରିକ ପରୀକ୍ଷାର ପ୍ରଥମଭାଷା ଇଂରାଜୀ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୯୦୦୫ଜଣ ପରୀକ୍ଷା ଦେଇଥିବା ବେଳେ ୨୭୬ଜଣ ଅନୁପସ୍ଥିତ ଥିଲେ। ୨୬୩ଜଣ ମଧ୍ୟମା ଛାତ୍ରଛାତ୍ରୀ ଇଂରାଜୀ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୨୧୬ଜଣ ପରୀକ୍ଷା ଦେଇଥିବା ବେଳେ ୪୭ଜଣ ଅନୁପସ୍ଥିତ ଥିଲେ। ସେହିପରି ଓପନସ୍କୁଲର ୨୮୧ଜଣ ଛାତ୍ରଛାତ୍ରୀ ଇଂରାଜୀ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୨୪୬ଜଣ ପରୀକ୍ଷା ଦେଇଥିବା ବେଳେ ୩୫ଜଣ ଅନୁପସ୍ଥିତ ଥିଲେ। ସର୍ବମୋଟ ୧୯ହଜାର ୮୨୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ହଜାର ୪୬୭ଜଣ ପରୀକ୍ଷା ଦେଇଥିବା ବେଳେ ୩୫୮ଜଣ ଅନୁପସ୍ଥିତ ଥିଲେ। ଆଜି ଜିଲ୍ଲାର କୌଣସି ପରୀକ୍ଷା କେନ୍ଦ୍ରରେ କପି କରି କେହି ଧରାପଡ଼ିନଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ଠାରୁ ସୂଚନା ମିଳିଛି।

# ରତାଦିଆ ସମବାୟ ସମିତିରେ ଅବ୍ୟବସ୍ଥା, ଛେଳି ଖାଉଛି ଧାନ

**ଡେରାବିଶ,୨୧।୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରତାଦିଆଖଣ୍ଡସାହି ପ୍ରାଥମିକ ସେବା ସମବାୟ ସମିତିରେ ଅବ୍ୟବସ୍ଥାକୁ ନେଇ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଧାନ ମଣ୍ଡିରେ ଗୁରୁତ୍ତର ସମସ୍ୟା ଦେଖାଦେଇଛି। ମଣ୍ଡିରେ ଧାନ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ସହ ଧାନ ଠିକ ସମୟରେ ଉଠୁ ନଥିବାରୁ ଖରା, କୁହୁଡି ଓ କାକରରେ ପଡ଼ି ରହି ଧାନର ମାନ ନଷ୍ଟ ହେଉଛି। ଛେଳି ଏହାର ସୁଯୋଗ ନେଇ ମନଇଚ୍ଛା ଖାଇ ଚାଲୁଥିବା ଦୃଶ୍ୟ ସାମ୍ନାକୁ ଆସିଛି ଖାଲି ସେତିକି ନୁହେଁ ମୂଷା ମାନେ ବି



ଅଖା ନଷ୍ଟ କରି ଧାନ ଖାଉଥିବା ଦେଖିବାକୁ ମିଳିଛି। ଅନ୍ୟ ପଟେ ମିଲରମାନେ ପ୍ରତି କ୍ୟୁଣ୍ଟାଲରେ ୮ରୁ ୧୦ କିଲୋ ପର୍ଯ୍ୟନ୍ତ କାଟୁଥିବା ଅଭିଯୋଗ ହୋଇଛି। ସରକାର ନିର୍ଦ୍ଦେଶ ଅନୁସାରେ ଚାଷୀମାନେ ସମବାୟ ସମିତିରେ ପଞ୍ଜିକରଣ କରିଥିଲେ ମଧ୍ୟ ଅନେକ ଟୋକନ ପାଇ ପାରି ନାହାନ୍ତି। ସମିତିର ୪୧୭ଜଣ ପଞ୍ଜିକୃତ କରିଥିବା ବେଳେ ଟୋକନ ପାଇଛନ୍ତି। ପ୍ରାୟ ଚାଷୀ ମାନଙ୍କ ଅଭିଯୋଗ ଅନୁସାରେ ପ୍ରକୃତ ଚାଷୀଙ୍କ ପଞ୍ଜିକରଣ ହୋଇନଥିବା ବେଳେ ଅଣ ଚାଷୀଙ୍କ ନାମ ଯୋଗ କରାଯାଇ ଧାନ କ୍ରୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏହି ଚାପରେ ଚାଷୀମାନେ ମିଲରଙ୍କ କଟାକଟି ମାନିବାକୁ ବାଧ୍ୟ ହେଉଛନ୍ତି। ବ୍ଲକ ସ୍ତରରେ ବିଡ଼ିଓଙ୍କୁ ନୋଡାଲ ଅଫିସର କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଚାଷୀମାନେ ସମବାୟ ସମିତି, ମିଲର ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ଏକ ରାକେଟ୍ କାର୍ଯ୍ୟ କରୁଥିବା ଅଭିଯୋଗ କରି ତଦନ୍ତ ଓ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସବୁ କ୍ଷେତ୍ରରେ ଚାଷୀ ହଇରାଣ ହେଉଥିବା ବେଳେ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାପାଇଁ ଅନୁରୋଧ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ।

## ‘ଜାଇକା’ ସହାୟତାପ୍ରାପ୍ତ ରେଙ୍ଗାଲି ଜଳସେଚନ ପ୍ରକଳ୍ପର ସମୀକ୍ଷା



**ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ):** ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଆଜି ବିଭାଗୀୟ ସମ୍ମିଳନୀ କକ୍ଷରେ ଜେଆଇସିଏ (ଜାଇକା) ସହାୟତାପ୍ରାପ୍ତ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ସପ୍ତମ ‘ପ୍ରକଳ୍ପ ପରିଚାଳନା କମିଟି’ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରକଳ୍ପ ଅଧୀନରେ ଥିବା ସମୁଦାୟ ୩୯ ହଜାର ୪୧୬ ହେକ୍ଟର ଅଞ୍ଚଳରେ ଜଳ ପରିଚାଳନା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପାଣି ପଞ୍ଚାୟତଗୁଡ଼ିକର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବା। ଏଥିସହ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଆପଣାଯାଇଥିବା ଶ୍ରେଷ୍ଠ ଅଭ୍ୟାସଗୁଡ଼ିକର ତଥ୍ୟଭୁକ୍ତ କରିବା ଓ ଏହାର ସାମାଜିକ-ଆର୍ଥିକ ପ୍ରଭାବର ଅନୁଧ୍ୟାନ ଉପରେ ଆଲୋଚନା ହୋଇଥିଲା। ଏଥିସହ କାର୍ଯ୍ୟାନ୍ୱୟନରେ ରହୁଥିବା ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ଓ ଚାଲୁ ରହିଥିବା ନିର୍ମାଣ କାର୍ଯ୍ୟକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।



## ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ

**ଭଦ୍ରକ,୨୧।୨ (ସଂଚାର ବ୍ୟୁରୋ) :** ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ଯୁବତୀ ଆତ୍ମାହୁତି ଉଦ୍ୟମ କରିଛନ୍ତି । ତେବେ ଯୁବତୀଜଣଙ୍କ ଶିଶୁ ବାଟିକା ଚାକିରି ପାଇଁ କୋର୍ସ କରି ମଧ୍ୟ ଚାକିରି ନ ହେବାରୁ ଆତ୍ମାହୁତି ଉଦ୍ୟମ କରିଥିବା ଜଣାପଡ଼ିଛି । ଯୁବତୀଜଣଙ୍କ ତିହିଡି ଶ୍ୟାମସୁନ୍ଦରପୁର ଅଞ୍ଚଳର ବିଜୟା ଲକ୍ଷ୍ମୀ ଦାସ । ଯୁବତୀଙ୍କ କହିବା ଅନୁଯାୟୀ ସେ ଡିପ୍ଲୋମା ଇନ୍ ଆର୍ଲି ଚାଇଲ୍ଡ କେୟାର ଏଜୁକେଶନ ପାଠ୍ୟକ୍ରମ କରିଥିଲେ। ତେବେ ଏହି କୋର୍ସରେ ଶିଶୁ ବାଟିକା ଗୁଡ଼ିକରେ ସତନ୍ତ୍ର ଅବସ୍ଥାପିତ ପାଇଁ କୌଣସି ବ୍ୟବସ୍ଥା ନ ଥିବା ନେଇ ସୂଚନା ପାଇଥିଲେ ଯୁବତୀ । ତେବେ ପୂର୍ବରୁ ଏହି ଦାବିରେ ସେ ସଂଘ ସହ ବହୁଥର ଭୁବନେଶ୍ୱରରେ ଧାରଣାରେ ବସିଥିଲେ। ତେବେ ସେ ଭଦ୍ରକ ଜିଲାପାଳଙ୍କୁ ଭେଟିବା ପାଇଁ ଆସିଥିଲେ । କିନ୍ତୁ ଜିଲାପାଳ କାର୍ଯ୍ୟାଳୟରେ ନ ଥିବା ବେଳେ ଯୁବତୀ ଜଣଙ୍କ ନିଜ ଡ୍ରେସରେ ନିଆଁ ଲଗାଇ ଦେଇଥିଲେ । ତେବେ ସଙ୍ଗେ ସଙ୍ଗେ ତାଙ୍କୁ ୧୦୮ ଯୋଗେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି।

## ପଦାରେ ପଡ଼ିଲା ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର
# କମିବା ପରିବର୍ତ୍ତେ ବଢ଼ୁଛି ଡ୍ରପଆଉଟ୍

**ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ):** ବିଧାନସଭାରେ ପଦାରେ ପଡ଼ିଛି ରାଜ୍ୟର ବିପର୍ଯ୍ୟସ୍ତ ସ୍କୁଲ ଶିକ୍ଷା ବ୍ୟବସ୍ଥା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଲିଖିତ ଉତ୍ତରଗୁଡ଼ିକ ପ୍ରମାଣିତ କରିଦେଇଛି ଯେ କିପରି ଭାବେ ଶିକ୍ଷା ବ୍ୟବସ୍ଥା ତଳକୁ ଖସିଲାଣି। କେଉଁଠି ଗୋଟାଏ କ୍ଲାସରୁମରେ ଚାଲିଛି ଏକାଧିକ ଶ୍ରେଣୀ ତ ଆଉ କେଉଁଠି ସ୍କୁଲକୁ ଯିବାକୁ ଅମଙ୍ଗ ଛାତ୍ରଛାତ୍ରୀ, ଯେଉଁଥିପାଇଁ ବଢ଼ିଛି ଡ୍ରପଆଉଟ ସଂଖ୍ୟା। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ବିରୋଧରେ ବିରୋଧୀ ବର୍ଷିଛନ୍ତି। ସେପଟେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଧୀରେ ଧୀରେ ସୁଧାର ଆସୁଛି।

ବିଧାନସଭାରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ କମିବା ପରିବର୍ତ୍ତେ ବଢ଼ୁଛି ଡ୍ରପଆଉଟ୍ ସଂଖ୍ୟା। ପିଲାମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ସରକାରୀ ଯୋଜନା ଯେ ବାସ୍ତବରେ କାର୍ଯ୍ୟକାରୀ ହେଉନି, ତା’ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବିଧାନସଭା ଉତ୍ତର ସ୍ପଷ୍ଟ କରିଦେଇଛି। ଡ୍ରପ୍ ଆଉଟ ୧୨ ପ୍ରତିଶତରୁ ବଢ଼ି ୧୫ ପ୍ରତିଶତ ହେଲାଣି।

ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ୧୮୯୮ ସ୍କୁଲ୍



୨୦୨୪-୨୫ ଶିକ୍ଷାବର୍ଷ ତଥ୍ୟ କହୁଛି ଯେ ନବମ ଓ ଦଶମ ଶ୍ରେଣୀରେ ସବୁଠୁଁ ଅଧିକ ପିଲା ଅଧାରୁ ପାଠପଢ଼ ଛାଡୁଛନ୍ତି। ନବମ ଓ ଦଶମ ଶ୍ରେଣୀରେ ୧୫ ପ୍ରତିଶତ ପିଲା ପାଠ ଛାଡ଼ିଛନ୍ତି, ଯେଉଁଥିରେ ଝିଅଙ୍କ ତୁଳନାରେ ପୁଅଙ୍କ ସଂଖ୍ୟା ଅଧିକ ରହିଛି। ନବମ ଓ ଦଶମ ଶ୍ରେଣୀରେ ୧୨.୫ ପ୍ରତିଶତ ଝିଅ ପାଠ ଛାଡିଥିବା ବେଳେ ୧୭.୩ ପ୍ରତିଶତ ପୁଅ ପାଠ ଛାଡ଼ିଛନ୍ତି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଡ୍ରପ୍ ଆଉଟ ୩.୨ ପ୍ରତିଶତ ଥିବା ବେଳେ ଝିଅ ପାଠ ପଢ଼ା ଛାଡିବା ପ୍ରତିଶତ ୨.୬ ପ୍ରତିଶତ ରହିଛି। ସେହିପରି ପୁଅମାନଙ୍କ ପାଠ ଛାଡ଼ିବା ପ୍ରତିଶତ ୩.୭ ପ୍ରତିଶତରେ ପହଞ୍ଚିଲାଣି।

ସେପଟେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଭିତରେ ୦.୭ ପ୍ରତିଶତ ପିଲା ପାଠ ପଢ଼ା ଛାଡ଼ିଛନ୍ତି। ସେଥିରୁ ୦.୩ ପ୍ରତିଶତ ଝିଅ ଓ ୧.୧ ପ୍ରତିଶତ ପୁଅ ପାଠ ଛାଡ଼ିଛନ୍ତି। ୨୦୨୦-୨୧ରୁ ୨୦୨୩-୨୪ ପର୍ଯ୍ୟନ୍ତ କ୍ରମାଗତ ଭାବେ ଡ୍ରପଆଉଟ୍ କମିଥିବା ହ୍ରାସ ପାଇଥିବା ବେଳେ ୨୦୨୪-୨୫ରେ ବଢ଼ିଛି ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା। ବିଧାନସଭାରେ ଶିକ୍ଷା ବ୍ୟବସ୍ଥାର ଆଉ ଏକ ବିକଳ ଚିତ୍ର ବି ପଦାରେ ପଡ଼ିଛି। କୋରାପୁଟ ଓ ରାୟଗଡ଼ାରେ କ୍ଲାସରୁମ୍‌ର ଘୋର ଅଭାବ। ଗୋଟେ ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ଏକାଧିକ ଶ୍ରେଣୀ।

କୋରାପୁଟ ଜିଲ୍ଲାରେ ୨୩୪ ଓ ରାୟଗଡ଼ା ଜିଲ୍ଲାରେ ୨୦୯ଟି ସ୍କୁଲ ରହିଛି ଯେଉଁଠି ଗୋଟିଏ ଗୋଟିଏ ଶ୍ରେଣୀ ଗୃହରେ ଏକାଧିକ ଶ୍ରେଣୀ। ରାଜ୍ୟରେ ସମୁଦାୟ ୧୮୯୮ ସ୍କୁଲ୍‌ରେ ଅଛି ଯେଉଁଠି ମାତ୍ର ଗୋଟେ କ୍ଲାସରୁମ୍ ରହିଛି। ଭୁଶୁଡୁଥିବା ଶିକ୍ଷା ବ୍ୟବସ୍ଥା ବିରୋଧୀଙ୍କୁ ବ୍ୟଥିତ କରିଛି। ସ୍କୁଲରେ ଶିଶୁ ବାଟିକାକୁ ମିଶାଇବାର ଆବଶ୍ୟକତାକୁ ନେଇ କଂଗ୍ରେସ ପ୍ରଶ୍ନ କରିଛି। ସରକାର ପୁରୁଣା ଯୋଜନାର ନାଁ ପରିବର୍ତ୍ତନରେ ବ୍ୟସ୍ତ। ହେଲେ କୌଣସି ନୂତନ ଯୋଜନା କରୁ ନ ଥିବାରୁ ଶିକ୍ଷା ବ୍ୟବସ୍ଥା ନିମ୍ନ ସ୍ତରକୁ ଖସୁଥିବା ଅଭିଯୋଗ କରିଛି ବିଜେଡି। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଡ୍ରପ୍ ଆଉଟ୍ ରୋକିବାକୁ ଘରକୁ ଘର ବୁଲି ସର୍ଭେ କରାଯାଉଛି। ତଥାପି କାହିଁକି ବଢ଼ିଛି, ତା’ର ସମୀକ୍ଷା କରାଯିବ। ଅତିରିକ୍ତ କ୍ଲାସରୁମ୍ ଦେବାକୁ ବ୍ୟବସ୍ଥା ଅଛି।

## ବେଆଇନ ଦୁର୍ଗା ମଣ୍ଡପରେ ବାହାଘର ଭୋଜି ଆୟୋଜନ
# ଅଭିଯୋଗ ସତ୍ତ୍ୱେ ସିଏମସି ଏନଫୋର୍ସମେଣ୍ଟ ନିରବ

**କଟକ,୨୧।୨(ସଂଚାର ବ୍ୟୁରୋ):** କଟକ ସହରରେ କେତେକ ମଣ୍ଡପକୁ ଅନୁମତି ମିଳିଥିବା ବେଳେ ଅନେକ ମଣ୍ଡପ ବେଆଇନ ଭାବେ ଚାଲୁଥିବା ଦେଖାଯାଇଛି।ବେଆଇନ ମଣ୍ଡପରୁ ସିଏମସି କର୍ତ୍ତୃପକ୍ଷ ମୋଟା ଅଙ୍କର ମାଲ୍ ନେଇ ନୀରବତା ଅବଲମ୍ବନ କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାଦ୍ୱାରା ସରକାର ବ୍ୟାପକ ରାଜସ୍ୱ ହରାଉଥିବା ବେଳେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହ ଟ୍ରାଫିକ ସମସ୍ୟା ସହ ଜନସାଧାରଣଙ୍କ ଜୀବନ ପ୍ରତି ବି ବିପଦ ଘନଉଛି। କଟକ ୪୬ ନଂ ୱାର୍ଡରେ କାଗଜପତ୍ର ଜାଲିଆତି କରି ଏକ ଘରୋଇ ମଣ୍ଡପ ଭଡ଼ା ସୂତ୍ରରେ ଦିଆଯାଇଥିବା ବେଳେ ସୂଚନା







ଅଧିକାର ଆଇନରେ ଏହା ବେଆଇନ ଭାବେ ଚାଲୁଥିବା ଜଣାପଡ଼ିଛି। ଏହି ମଣ୍ଡପର ମାଲିକ ମଣ୍ଡପ ପରିଚାଳନା ପାଇଁ କୌଣସି ଲାଇସେନ୍ସ ସକାଶେ ସିଏମସିରେ ଆବେଦନ କରିନାହାଁନ୍ତି। ଏହାକୁ ବେଆଇନ ଘୋଷଣା କରି ତାଙ୍କ ବିରୁଦ୍ଧରେ କଟକ ଡିସିପି, ଚାଉଳିଆଗଞ୍ଜ ଥାନା ଭାରପ୍ରାପ୍ତ ଅଧିକାରୀ, ମହାନଗର ନିଗମ ଏନଫୋର୍ସମେଣ୍ଟ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁଙ୍କୁ ସିଏମସି ଲାଇସେନ୍ସ ବିଭାଗ ଉପଆୟୁକ୍ତ ଗତ ଜାନୁଆରୀ ୨୦ ତାରିଖରେ ଏକ ଚିଠି ମାଧ୍ୟମରେ ଜଣାଇଥିଲେ। କିନ୍ତୁ ବିଭାଗ ପକ୍ଷରୁ ଆଜି ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ତ ଗ୍ରହଣ କରାଯାଇନାହିଁ, ବରଂ ଆସନ୍ତାକାଲି ଏହି ଘରୋଇ ମା’ ଦୁର୍ଗା ମଣ୍ଡପରେ ଏକ ବାହାଘର ଭୋଜିଭାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିମନ୍ତ୍ରଣକାର୍ଡରୁ ସ୍ପଷ୍ଟ ହୋଇଛି। ବେଆଇନ ମଣ୍ଡପରେ କାର୍ଯ୍ୟକ୍ରମ ହେଉଥିବା ଯୋଗୁଁ ପୂର୍ବରୁ ଚାଉଳିଆଗଞ୍ଜ ଥାନା ଏକ ମାମଲା ମଧ୍ୟ ରୁଜୁ କରିଥିବା ସୂଚନା ଅଧିକାର ଆଇନରୁ ଜଣାପଡ଼ିଛି। ଆସନ୍ତାକାଲି ବେଆଇନ ଭାବେ ଏହି ମଣ୍ଡପରେ ଭୋଜିଭାତ କାର୍ଯ୍ୟକ୍ରମ ଆୟୋଜନ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ସିଏମସି କମିଶନର, ପୁଲିସ ଡିଜି, ଡିସିପି କଟକ ଓ ଚାଉଳିଆଗଞ୍ଜ ଥାନାକୁ ଗତ ୧୭ରେ ତଥ୍ୟ ପ୍ରମାଣ ସହ ଅଭିଯୋଗ କରାଯାଇଛି। କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସକାଶେ ଶ୍ରୀ ସାହୁ ଦାବି କରିଛନ୍ତି।

● ଦୁଇ ବର୍ଷ ପୂରିବ, ଉତ୍ସବରେ ମାତିଛନ୍ତି ନେତା, ଅଫିସର

## ୪୨ ବିଭାଗରୁ ୨୨ ବିଭାଗ ଖର୍ଚ୍ଚ କରିବାକୁ ଅସମର୍ଥ: ଭକ୍ତ

**ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବଜେଟ ଉପରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ପ୍ରେସ ବିବୃତିରେ ନିଜର ଅସନ୍ତୋଷ ଜାହିର କରିଛନ୍ତି। ସେ କହିଛନ୍ତି ଯେ ଏହି ବଜେଟ ଅତ୍ୟନ୍ତ ନୈରାଶ୍ୟଜନକ। ସମାଜର କୌଣସି ବର୍ଗ ଏଥିରୁ ସୁଫଳ ପାଇବେ ନାହିଁ। ଗତବର୍ଷ ୨ ଲକ୍ଷ ୯୦ ହଜାର କୋଟି ଥିଲା ବଜେଟ ଆକାର। ଚଳିତ ବର୍ଷ ୩ ଲକ୍ଷ ୧୦ ହଜାର କୋଟି ବ୍ୟବସ୍ଥା ହୋଇଛି। ଶୁଣିବାକୁ ବହୁତ ଭଲ ଲାଗୁଛି, କିନ୍ତୁ ଗତ ବର୍ଷ ଖର୍ଚ୍ଚର ହିସାବ କଲେ ବଜେଟର ମାତ୍ର ୫୭ ପ୍ରତିଶତ ସରକାର ଖର୍ଚ୍ଚ କରିଛନ୍ତି। ବର୍ତ୍ତମାନ ହାତରେ ଆଉ ମାତ୍ର ମାସେ ଅଛି। ବଡ଼ ପ୍ରଶ୍ନ ହେଲା, ସରକାର ୭୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିପାରିବେ



ତ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ବଜେଟ ଦେଖିବାକୁ ହାତୀ ଭଳି, କିନ୍ତୁ ଖର୍ଚ୍ଚ ପିମ୍ପୁଡି ଭଳି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଣ, ନିଯୁକ୍ତି ଆଦି ଅବ୍ୟବସ୍ଥା ନେଇ ରାଜ୍ୟ ଉବୁଟୁବୁ। ସରକାର ଚାଷୀଙ୍କ ଧାନ କିଣିପାରୁନାହାନ୍ତି। ମଣ୍ଡିରେ ଧାନ ରଖାଯାଇପାରୁନାହିଁ। କାରଣ ଗଚ୍ଛିତ ରଖିବା ବ୍ୟବସ୍ଥା ନାହିଁ। ଏହା ଏକ ସାଧାରଣ ସମସ୍ୟା ହୋଇଥିଲେ ମଧ୍ୟ ସରକାର ଗୋଦାମ ଗୃହ ନିର୍ମାଣ କରିବାରେ ଅସମର୍ଥ ହୋଇଛନ୍ତି। ସରକାର କୃଷକ ମାରଣ ନୀତି ଅବଲମ୍ବନ କରୁଛନ୍ତି। ସରକାର କେବଳ ବାହାବା ନେବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଖୋଲୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମନଇଚ୍ଛା ଘୋଷଣା ହେଉଛି, କିନ୍ତୁ ପୂର୍ବରୁ ଯେଉଁ ବିଶ୍ୱବିଦ୍ୟାଳୟ ଅଛି, ଅନ୍ୟୁନ ୫୦ ପ୍ରତିଶତ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନାହାନ୍ତି, ଟେକେନିସିଆନ ନାହାନ୍ତି, ଆନୁଷଙ୍ଗିକ ଉପକରଣ ବି ନାହିଁ। ତେଣୁ ନୂତନ ବିଶ୍ୱବିଦ୍ୟାଳୟ ଖୋଲିବା ଏକ ହାସ୍ୟାସ୍ପଦ ନିଷ୍ପତ୍ତି। କେବଳ ରଙ୍ଗ ମାରି ଚକଚକିଆ କୋଠା ଦୃଶ୍ୟମାନ ହେଉଛି। ସରକାର ଖୋଲିଥିବା ନୂତନ ମେଡିକାଲ କଲେଜର ଅବସ୍ଥା ଦେଖନ୍ତୁ, କେତେ ଦୟନୀୟ ଅବସ୍ଥାରେ ଚାଲିଛି। ହଜାର ହଜାର କୋଟି ଟଙ୍କାର ପାଇପ ପଡ଼ିଛି, କିନ୍ତୁ ଜଳ ଯୋଗାଣ ହୋଇପାରୁନାହିଁ।

● ନାସିକନର ତିନିଦିନିଆ ସମ୍ମିଳନୀ ଉଦ୍‌ଘାଟିତ

## ସ୍ନାୟୁରୋଗ ଡାକ୍ତରଙ୍କ ଅଭାବକୁ ନେଇ ଉଦବେଗ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ବିଭିନ୍ନ କାରଣରୁ ଏବେ ଭାରତରେ ସ୍ନାୟୁଜନିତ ରୋଗ କ୍ରମଶଃ ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଅନୁରୂପ ସ୍ଥିତି ରହିଛି। ଏଭଳି ରୋଗ ବଢୁଥିଲେ ହେଁ ବିଭାଗୀୟ ଡାକ୍ତରଙ୍କ ସଂଖ୍ୟା କମୁଥିବାରୁ ଏନେଇ ଆଜି ଏଠାରେ ନିୟୁରୋଲୋଜିକାଲ ସର୍ଜନ ସୋସାଇଟି ଅଫ ଇଣ୍ଡିଆ



(ନାସିକନ) ପକ୍ଷରୁ ଉଦ୍‌ଘାଟିତ ୩ଦିନିଆ ସମ୍ମିଳନୀରେ ଯୋଗଦେଇଥିବା ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତରମାନେ ମତ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଡାକ୍ତର ସୁକାନ୍ତ ମହାପାତ୍ର (ନିଷ୍ଟ କଲେଜ ମୁଖ୍ୟ), ଅନ୍ୟତମ ଅତିଥି ଭାବେ ଡାକ୍ତର ଥୋମାପ ହେଗଡେ, ଡାକ୍ତର ଶକ୍ତିମୟ ମହାପାତ୍ର ଯୋଗଦେଇଥିଲେ। ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ତଥା ଡାକ୍ତର ବ୍ରିଗେଡ଼ିଅର ପିକେ ସାହୁ ଏବଂ ଡାକ୍ତର ରୀତେଶ ଭୋତଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି।

## ପଣ୍ୟ ପରିବହନରେ ପୂର୍ବତଟ ରେଳବାଇର ରେକର୍ଡ



**ଭୁବନେଶ୍ୱର,୨୧।୨(ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହ ପୂର୍ବତଟ ରେଳପଥ ୨୫୦ ନିୟୁତ ଟନରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି। ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି, ଯାହା ଗତ ବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦.୬ ପ୍ରତିଶତ ଅଭିବୃଦ୍ଧି ବୋଲି ପୂର୍ବତନ ରେଳବାଇ ପକ୍ଷରୁ କୁହାଯାଇଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଓ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହ ବର୍ଦ୍ଧିତ ସମନ୍ୱୟ ଓ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତିଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ବଲ୍କ ସାମଗ୍ରୀଗୁଡ଼ିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଏହି ମାଇଲଖୁଣ୍ଟ ଭାରତୀୟ ରେଳବାଇ ଅଧୀନରେ ଏକ ପ୍ରମୁଖ ପଣ୍ୟ ପରିବହନ କ୍ଷେତ୍ର ଭାବେ ପୂର୍ବତଟ ରେଳପଥର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଓ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ସହ ଅର୍ଥନୈତିକ ବିକାଶରେ ସମର୍ଥନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି।

ବେଦାନ୍ତ ଆଲୁମିନିୟମର ଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ

## ଉପକୃତ ହୋଇଛନ୍ତି ରାୟଗଡ଼ା ଓ କଳାହାଣ୍ଡିର ୬୦୦ ଛାତ୍ରଛାତ୍ରୀ

**ରାୟଗଡ଼ା,୨୧।୨(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିଜର ଜ୍ଞାନ ଜ୍ୟୋତି ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ୬ଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ପାଖାପାଖି ୬୦୦ ପିଲାଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଶିକ୍ଷଣ ପରିବେଶକୁ ସୁଦୃଢ଼ କରୁଛି।

ଏହି ପଦକ୍ଷେପ ଶିକ୍ଷାଷ୍ଠାନଗୁଡ଼ିକୁ ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥା ସହ ଯୋଡୁଥିବା ବେଳେ ଏଥିରେ ଆଣ୍ଡ୍ରଏଡ୍-ଆଧାରିତ ସ୍ମାର୍ଟ ଶ୍ରେଣୀଗୃହ, ପ୍ରୋଜେକ୍ଟର, ‘ଷ୍ଟେମ’ ଶିକ୍ଷା କିଟ୍, ମଡେଲ୍, ଲାଇବ୍ରେରୀ ଆଦି ସ୍ଥାନ ପାଇଛି। ଏଗୁଡ଼ିକ ସୌର ଶକ୍ତି ଦ୍ୱାରା ପରିଚାଳିତ ଯାହା ଗ୍ରାମାଞ୍ଚଳରେ ବିଦ୍ୟୁତ ନ ଥିଲେ ମଧ୍ୟ ନିରବଚ୍ଛିନ୍ନ ଭାବେ ଡିଜିଟାଲ ଶିକ୍ଷା ସୁନିଶ୍ଚିତ କରିପାରିବ। ଏହି ପଦକ୍ଷେପ ଦ୍ୱାରା ‘ଷ୍ଟେମ’ ଶିକ୍ଷଣ ସୁଯୋଗ ମାଧ୍ୟମରେ ବିଦ୍ୟାର୍ଥୀଙ୍କ ବହୁଳ ଯୋଗଦାନ ସହ ଶ୍ରେଣୀଗୃହ ପରିବେଶରେ ଉନ୍ନତି ଘଟିଛି।

ଡିଜିଟାଲ୍ ଶିକ୍ଷା ବୃଦ୍ଧି ବ୍ୟତୀତ



ବେଦାନ୍ତ ଆଲୁମିନିୟମ୍ ଏହି ଅଞ୍ଚଳର ୧୨ଟି ସରକାରୀ ବିଦ୍ୟାଳୟରେ ଭିତ୍ତିଭୂମି ସହାୟତା ପାଇଁ ସହଯୋଗର ହାତ ବଢ଼ାଇଛି, ଯାହା ଶ୍ରେଣୀଗୃହ କାର୍ଯ୍ୟକାରିତା ଓ ଛାତ୍ରଛାତ୍ରୀଙ୍କ ଆରାମଦାୟକ ପାଠପଢ଼ାରେ ଉନ୍ନତି ଆଣିଛି। ଏହାଦ୍ୱାରା ୧୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ଏହି ପଦକ୍ଷେପରେ ଅତ୍ୟାବଶ୍ୟକ ଶ୍ରେଣୀଗୃହ, ଆସବାବପତ୍ରର ବ୍ୟବସ୍ଥା, ଶିକ୍ଷାଗତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସାମଗ୍ରିକ ଶିକ୍ଷଣ ପରିବେଶକୁ ବୃଦ୍ଧି କରିବା ଆଦି ସାମିଲ୍ ରହିଛି।

ଏହି ପଦକ୍ଷେପ ନେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଡିଜିଟାଲ ଶିକ୍ଷା ହେଉଛି ଆମ ସମୟର ସବୁଠାରୁ ଶକ୍ତିଶାଳୀ ଶିକ୍ଷାଦାନ ବ୍ୟବସ୍ଥା ଓ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଯେପରି ଏ କ୍ଷେତ୍ରରେ ପଛରେ ନ ରହିବେ, ତା’ ସୁନିଶ୍ଚିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଡିଜିଟାଲ ଶ୍ରେଣୀଗୃହଗୁଡ଼ିକୁ ସୁଦୃଢ଼ ସହ ‘ଷ୍ଟେମ’ ଶିକ୍ଷାକୁ ସକ୍ଷମ କରି ଆମେ ଭବିଷ୍ୟତରେ ପ୍ରସ୍ତୁତ ପ୍ରତିଭାମାନଙ୍କୁ ଆତ୍ମବିଶ୍ୱାସର ସହ ବିକଶିତ କରିବା ଓ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ ବୋଲି ଶ୍ରୀ କୁମାର କହିଛନ୍ତି।

# ଗଞ୍ଜେଇ ଗଛ ନଷ୍ଟ, ରାଜକୋଷ ଉପରେ ବୋଝ

**ଭୁବନେଶ୍ୱର,୨୧।୨:** ରାଜ୍ୟରେ ଗଞ୍ଜେଇ ଚାଷ ଏବେ ରାଜକୋଷ ଉପରେ ବୋଝ ହେବାରେ ଲାଗିଲାଣି। ନିଶା ବେପାରୀମାନେ କରୁଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିବା ପାଇଁ ସରକାର ଖର୍ଚ୍ଚ କରୁଥିବା ଅର୍ଥ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି।



ରାଜ୍ୟର ବିଭିନ୍ନ ଅଞ୍ଚଳ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଶା ବେପାରୀମାନେ ଗଞ୍ଜେଇ ଚାଷ କରିବା ସହିତ ତାହାକୁ ବିକି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଓଡିଶା ଗଞ୍ଜେଇ ଏବେ ରାଜ୍ୟ ବାହାରେ ବେଶ୍ ଦୁର୍ନାମ ଅର୍ଜନ କରିବାରେ ଲାଗିଛି। ଦେଶରୁ ଯେଉଁଠାରେ ବି ଗଞ୍ଜେଇ ଜବତ ହେଉଛି ତା’ର ଚେର ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଥିବା ଜଣାଯାଇଛି।

ତେବେ ଗଞ୍ଜେଇ ଚାଷକୁ ସମୂଳେ ବିନାଶ ପାଇଁ ରାଜ୍ୟ ସରକାର ଯୁଦ୍ଧଂଦେହି ଡାକରା ଦେବା ସହ ପ୍ରତିବର୍ଷ ଦଳବଳ ସହ ଗଞ୍ଜେଇ ଗଛ ନଷ୍ଟ କରିବାରେ ଲାଗିଛନ୍ତି। ଏଥିପାଇଁ ରାଜକୋଷରୁ ବିପୁଳ ପରିମାଣର ଅର୍ଥ ବି ଶ୍ରାଦ୍ଧ ହେଉଛି। ଚଳିତ ବର୍ଷ ଫେବୃଅରୀ ୧୨ ସୁଦ୍ଧା ସରକାରୀ ହିସାବରେ ୨ କୋଟି ୧୭ ଲକ୍ଷରୁ ଅଧିକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବିଗତ ବର୍ଷ ତୁଳନାରେ ଏହା ସର୍ବକାଳୀନ ରେକର୍ଡ ମଧ୍ୟ। ୨୦,୪୪୧ ଏକର ଜମିରୁ ଏହି ଗଞ୍ଜେଇ ଗଛ ନଷ୍ଟ ହୋଇଥିବା ସରକାରୀ ଭାବେ କୁହାଯାଇଛି।

ତେବେ ଗଞ୍ଜେଇ ଗଛ ନଷ୍ଟ ପାଇଁ ସରକାର ବି ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି। ଚଳିତ ବର୍ଷ ଏ ବାବଦରେ ଦେଢ଼ କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଛି। କେବଳ କନ୍ଧମାଳ ଜିଲ୍ଲାକୁ ଏଥିପାଇଁ ୧୪ ଲକ୍ଷ ଟଙ୍କା ଦିଆଯାଇଛି। ଗଞ୍ଜେଇ ଗଛ ଓପାଡ଼ିବା ଖର୍ଚ୍ଚ ବର୍ଷକୁ ବର୍ଷ ବିବାରେ ଲାଗିଛି। ୨୦୨୩-୨୪ ବର୍ଷରେ ସରକାର ଏଥିପାଇଁ ୬୧ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିବା ବେଳେ ୨୦୨୪-୨୫ ବର୍ଷରେ ଏଥିପାଇଁ ୧ କୋଟି ୪୭ ଲକ୍ଷ ଟଙ୍କା ଦେଇଥିଲେ।

ଅବକାରୀ ଓ ପୁଲିସ୍ ବିଭାଗ ପକ୍ଷରୁ ଗଞ୍ଜେଇ ଗଛ ନଷ୍ଟ ସମୟରେ ବିଭିନ୍ନ ପ୍ରକାର ଘୋଷଣା ହେଉଛି। କେତେ ହେକ୍ଟରରେ ଗଞ୍ଜେଇ ଗଛ ନଷ୍ଟ କରାଯାଉଛି ଓ ଏହି କାର୍ଯ୍ୟ ପାଇଁ ଡ୍ରୋନର ସହାୟତା ନିଆଯାଉଥିବା କୁହାଯାଉଛି। ହେଲେ ଗଞ୍ଜେଇ ଚାଷ କମିବା ବଦଳରେ ବର୍ଷକୁ ବର୍ଷ କିଭଳି ବଢୁଛି, ସେ ସଂକ୍ରାନ୍ତରେ ଏହି ଦୁଇ ବିଭାଗ ପୂରାପୂରି ନିରବ।

ଯେଉଁ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଛି, ସେଠାରେ ଅବକାରୀ ଥାନା ସହ ପୁଲିସ୍ ଥାନା ବି ରହିଛି। ଏଠାରେ ବେଆଇନ ନିଶା କାରବାରକୁ ରୋକିବା ଦାୟିତ୍ୱ ହେଉଛି ଏହି ଦୁଇ ବିଭାଗର। ହେଲେ ବିପୁଳ ପରିମାଣର ଗଞ୍ଜେଇ ଚାଷ ପାଇଁ ସମ୍ପୃକ୍ତ ଅଞ୍ଚଳର ଅବକାରୀ ବିଭାଗ କିମ୍ବା ପୁଲିସ୍ ବିଭାଗ, କାହାରିକୁ ବି ଉତ୍ତରଦାୟୀ କରାଯାଉନାହିଁ। ଯେଉଁଠାରେ ବି ଗଞ୍ଜେଇ ଚାଷ ଠାବ ହେଉଛି, ତାହାକୁ ଦୁର୍ଗମ ଅଞ୍ଚଳ କହି ସଫେଇ ଦିଆଯାଉଛି।

ପ୍ରତିବର୍ଷ ଯେଭଳି ଭାବେ ଗଞ୍ଜେଇ ଚାଷ ସହ ତାଳ ଦେଇ ଏହାକୁ ନଷ୍ଟ କରିବା ବାବଦ ଖର୍ଚ୍ଚ ବଢ଼ିବାରେ ଲାଗିଛି, ତା’ ଆଗାମୀ ଦିନରେ ରାଜକୋଷ ପାଇଁ ବଡ଼ ବୋଝ ପାଲଟିବ ବୋଲି କୁହାଗଲାଣି। ତେଣୁ ଯେଉଁସବୁ ଅଞ୍ଚଳରେ ଗଞ୍ଜେଇଚାଷ ଠାବ ହେଉଛି, ତା’ର ନଷ୍ଟ ଦିଗରେ ହେଉଥିବା ବ୍ୟୟ ସମ୍ପୃକ୍ତ ଅଞ୍ଚଳର ଅବକାରୀ ଓ ଥାନା ବାବୁମାନଙ୍କଠାରୁ ଆଦାୟ କରିବା ପାଇଁ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ମତ ଦେଉଛନ୍ତି। (ତଥ୍ୟ)



# ବିଧାନସଭା ଖବର

## ମହିଳା କମିଶନ୍‌ରେ ବିଚାର ଅପେକ୍ଷାରେ ୩୯୨୩ ମାମଲା

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ରାଜ୍ୟ ମହିଳା କମିଶନଙ୍କ ନିକଟରେ ବର୍ତ୍ତମାନ ୩୯୨୩ଟି ମାମଲା ବିଚାରାଧୀନ ଥିବା ବେଳେ ଏଥିରୁ ସର୍ବାଧିକ ମାମଲା ଖୋର୍ଦ୍ଧା ଜିଲ୍ଲାରୁ ଆସିଛି। ଏକ୍ଷେତ୍ରରେ କଟକ ଜିଲ୍ଲା ଦ୍ୱିତୀୟ ସ୍ଥାନରେ ଥିବା ଜଣାଯାଇଛି। ମହିଳା କମିଶନଙ୍କ ନିକଟରେ ବିଚାର ପାଇଁ ଥିବା ମାମଲା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତି ପରିଡା। ସେ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଚଳିତ ବର୍ଷ ଜାନୁଆରୀ ଶେଷ ସୁଦ୍ଧା ମହିଳା କମିଶନଙ୍କ ନିକଟରେ ୩୯୨୩ଟି ମାମଲା ବିଚାର ପାଇଁ ରହିଛି। ଗତ ୨୦୨୪ ଜୁନ୍‌ଠାରୁ ଚଳିତ ବର୍ଷ ଜାନୁଆରୀ ମଧ୍ୟରେ କମିଶନଙ୍କ ନିକଟକୁ ୩୬୧୨ଟି ମାମଲା ଆସିଛି। କମିଶନଙ୍କ ନିକଟରେ ଥିବା ମାମଲା ମଧ୍ୟରୁ ସର୍ବାଧିକ ୮୬୪ଟି ଖୋର୍ଦ୍ଧା ଜିଲ୍ଲାରୁ ଆସିଥିବା ବେଳେ କଟକରୁ ୩୪୮ଟି, ପୁରୀରୁ ୨୭୨ଟି, ଗଞ୍ଜାମରୁ ୨୨୨ଟି, କେନ୍ଦ୍ରାପଡ଼ାରୁ ୨୨୦ଟି, ଭଦ୍ରକରୁ ୧୯୯ଟି, ବାଲେଶ୍ୱରରୁ ୧୯୦ଟି, ଯାଜପୁରରୁ ୧୭୪ଟି, ଜଗତ୍‌ସିଂହପୁରରୁ ୧୩୪ଟି ମାମଲା ଆସିଛି। ତେବେ ସବୁଠାରୁ କମ୍ ଅର୍ଥାତ୍ ମାତ୍ର ୭ଟି ମାମଲା ମାଲକାନଗିରି ଜିଲ୍ଲାରୁ ଆସିଥିବା ବେଳେ ଝାରସୁଗୁଡା ଜିଲ୍ଲାରୁ ୮ଟି ମାମଲା ଆସିଛି। ତେବେ ଗତ ୨୦୨୪ ଜୁନ୍‌ରୁ ୨୦୨୬ ଜାନୁଆରୀ ମଧ୍ୟରେ ମହିଳା କମିଶନର ୨୬୨୬ଟି ମାମଲାର ଫଏସଲା କରିଥିବା ମନ୍ତ୍ରୀ ଶ୍ରୀମତୀ ପରିଡ଼ା ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

## ସୃଷ୍ଟି ହୋଇଛନ୍ତି ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଛନ୍ତି। ତେବେ ସୁଭଦ୍ରା ଯୋଜନାଟି ମିଶନ ଶକ୍ତି ବିଭାଗର ପରିସରଭୁକ୍ତ ନୁହେଁ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଆଜି ସ୍ପଷ୍ଟ କରିଛନ୍ତି। ଲକ୍ଷପତି ଦିଦିଙ୍କ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡା କହିଛନ୍ତି ଯେ ରାଜ୍ୟରେ ଏବେ ମୋଟ୍ ୬ ଲକ୍ଷ ୨ ହଜାର ୧୩ଟି ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) କାର୍ଯ୍ୟରତ ଥିବା ବେଳେ ସେଥିରେ ୭୦ ଲକ୍ଷ ୧୦ ଜଣ ମହିଳା ସଦସ୍ୟା ସମ୍ପୃକ୍ତ ଅଛନ୍ତି। ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଅଦ୍ୟାବଧି ୧୬ ଲକ୍ଷ ୪୧ ହଜାର ୭୪୮ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି।

## ଇକୋ ରିଟ୍ରିଟ୍ ପରିଚାଳନା ଦାୟିତ୍ୱରେ ଦୁଇଟି ସଂସ୍ଥା

ଚଳିତ ବର୍ଷ ରାଜ୍ୟର ୭ଟି ସ୍ଥାନରେ ଇକୋ ରିଟ୍ରିଟ ଆୟୋଜନ କରାଯାଇଛି। ଏହାର ପରିଚାଳନା ଦାୟିତ୍ୱରେ ଦୁଇଟି ସଂସ୍ଥା ରହିଥିବା ଆଜି ବିଧାନସଭାରେ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ସୂଚନାରୁ ଜଣାପଡ଼ିଛି। ଇକୋ ରିଟ୍ରିଟ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦର୍ଶାଇଛନ୍ତି ଯେ ଚଳିତ ବର୍ଷ ରାଜ୍ୟର ୭ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆୟୋଜନ କରାଯାଇଛି। ଏହିସବୁ ସ୍ଥାନ ହେଲା କୋଣାର୍କର ରାମଚଣ୍ଡୀ, ଭିତରକନିକାର ପେଣ୍ଠ, ସାତକୋଶିଆର ବାଲିପୁଟ, ସମ୍ବଲପୁରର ହୀରାକୁଦ, କନ୍ଧମାଳର ଦାରିଙ୍ଗିବାଡ଼ି, କୋରାପୁଟର ପୁଟସିଲ ଓ ଗଞ୍ଜାମର ସୋନାପୁର ବେଳାଭୂମି। ଏହି ସମସ୍ତ ଇକୋ ରିଟ୍ରିଟର ଆୟୋଜନ କରିଛନ୍ତି ଇ-ଫ୍ୟାକ୍ଟର ଏକ୍ସପେରିଏନ୍ସ ଲିମିଟେଡ ଓ ଯାଲା ଇକୋ ରିଟ୍ରିଟ୍ ପ୍ରାଇଭେଟ ଲିମିଟେଡ୍। ଚଳିତ ବର୍ଷର ଆୟୋଜନ ପାଇଁ ରାମଚଣ୍ଡୀ ଇକୋ ରିଟ୍ରିଟ ଲାଗି ଇ-ଫ୍ୟାକ୍ଟର ସର୍ବାଧିକ ୨୪ କୋଟି ୬୪ ଲକ୍ଷ ଟଙ୍କା ନେବାକୁ ଥିବାବେଳେ କନ୍ଧମାଳର ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ ପାଇଁ ଯାଲା ଇକୋ ରିଟ୍ରିଟ ସବୁଠାରୁ କମ୍ ୬ କୋଟି ୯ ଲକ୍ଷ ଟଙ୍କା ପାଇବ। ଚଳିତ ବର୍ଷର ଦେୟ ଗତବର୍ଷ ତୁଳନାରେ ଅଧିକ ରହିଥିବା ମନ୍ତ୍ରୀ ଶ୍ରୀମତୀ ପରିଡ଼ା ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ରାଜ୍ୟରେ ହ୍ରାସ ପାଉଛି ଶିଶୁ ଜନ୍ମ ହାର

ରାଜ୍ୟରେ ଶିଶୁ ଜନ୍ମ ହାର କ୍ରମାଗତ ଭାବେ ହ୍ରାସ ପାଉଛି। ଗତ ୨୦୦୦ ମସିହାରେ ରାଜ୍ୟରେ ଶିଶୁ ଜନ୍ମହାର ୨୪.୧% ଥିବା ବେଳେ ୨୦୨୩ରେ ଏହା ୧୬ ପ୍ରତିଶତକୁ ଖସିଆସିଛି। ଗତ ବର୍ଷ ପ୍ରକାଶିତ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ଶିଶୁ ଜନ୍ମ ହାର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ପୋଷଣ ଟ୍ରାକର୍‌ରେ ଉପଲବ୍ଧ ସୂଚନା ଆଧାରରେ ରାଜ୍ୟରେ ଏବେ ଜନ୍ମରୁ ୫ ବର୍ଷ ବୟସର ୧୪୬୭ ଜଣ ଅତିଶୟ ପୁଷ୍ଟିହୀନ ଶିଶୁ ଥିବା ବେଳେ ୬୪ ହଜାର ୯୩୬ ଜଣ ପୁଷ୍ଟିହୀନ ଶିଶୁ ରହିଛନ୍ତି। ସେହିଭଳି କମ୍ ଓଜନବିଶିଷ୍ଟ ଶିଶୁଙ୍କ ସଂଖ୍ୟା ୩ ଲକ୍ଷରୁ ଅଧିକ ରହିଛି। ଏହାଛଡ଼ା ବୟସ ତୁଳନାରେ ଉଚ୍ଚତା କମ୍ ଥିବା ଶିଶୁଙ୍କ ସଂଖ୍ୟା ରାଜ୍ୟରେ ପାଖାପାଖି ୭ ଲକ୍ଷ ରହିଥିବା ମନ୍ତ୍ରୀ ଶ୍ରୀମତୀ ପରିଡ଼ା ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ସେହିପରି ରାଜ୍ୟରେ ସର୍ବାଧିକ ଅପପୁଷ୍ଟିହୀନ ଶିଶୁ ମୟୂରଭଞ୍ଜରେ ଥିବା ବେଳେ ପୁଷ୍ଟିହୀନ ଶିଶୁ ତାଲିକାରେ ବି ଏହି ଜିଲ୍ଲା ଏକ ନମ୍ବରରେ ରହିଛି।

## ଦେଢ଼ ବର୍ଷରେ ଶ୍ରୀମନ୍ଦିର ଉପରେ ୧୦ ଥର ଉଡ଼ିଛି ଡ୍ରୋନ

ଯାବତୀୟ କଟକଣା ସତ୍ତ୍ୱେ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡୁଛି। ଗତ ୨୦୨୪ ଜୁନ୍‌ରୁ ଅଦ୍ୟାବଧି ଶ୍ରୀମନ୍ଦିର ଉପରେ ୧୦ ଥର ବେଆଇନ ଭାବେ ଡ୍ରୋନ ଉଡ଼ିଛି। ଏ ସମ୍ପର୍କରେ ୧୦ଟି ମାମଲା ରୁଜୁ କରାଯାଇଥିବା ବେଳେ ଦୁଇ ମାମଲାରେ ଫାଇନାଲ ଫର୍ମ ପ୍ରଦାନ କରାଯାଇଛି ଓ ଅବଶିଷ୍ଟ ୮ଟି ମାମଲାର ତଦନ୍ତ ଜାରି ରହିଛି। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର ପରିସରକୁ ୭୦୦ ଜଣ ବ୍ୟକ୍ତି ଅନଧିକୃତ ଭାବେ ମୋବାଇଲ ଫୋନ ଧରି ମଧ୍ୟ ପ୍ରବେଶ କରିଛନ୍ତି। ସେମାନଙ୍କଠାରୁ ୬ ଲକ୍ଷ ୯୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାଛଡ଼ା ଏହି ଘଟଣାରେ ସିଂହଦ୍ୱାର ଥାନାରେ ୯ଟି ମାମଲା ରୁଜୁ କରାଯାଇଛି ବୋଲି ଆଜି ବିଧାନସଭାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

## ସନାଙ୍କ ମଦ ବୋତଲ ଟେନସନ

ଏଣିକି କାଚ ବୋତଲରେ ମିଳିବ ନାହିଁ ମଦ। ଫ୍ରୁଟି ପରି ମୋଟା କାଗଜ ପ୍ୟାକେଟରେ ମଦ ମିଳିବ। ଏହି ଟେଟ୍ରା ପ୍ୟାକରେ ମଦ ଯୋଗାଣ ସକାଶେ ନୂତନ ଅବକାରୀ ନୀତିରେ ନିୟମ ରହିଛି ବୋଲି ଆଜି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ ଲିଖିତ ଉତ୍ତର ରଖିଛନ୍ତି। ମଦୁଆମାନେ ମଦ ପିଇବା ପରେ ଏଣେତେଣେ ବୋତଲ ଫିଙ୍ଗୁଥିବାରୁ ଏଥିରେ ଲୋକେ ଆହତ ହେଉଥିବା ନେଇ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଉଦ୍‌ବେଗ ପ୍ରକାଶ କରିବା ସହ ଏନେଇ ପ୍ରଶ୍ନ ଉପସ୍ଥାପନ କରିଥିଲେ। ତେବେ ପରିବେଶ ସୁରକ୍ଷା ଦୃଷ୍ଟିକୋଣରୁ ସରକାର ସମସ୍ତ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିଙ୍କୁ କାଚ ବୋତଲର ପୁନଃବ୍ୟବହାର ସକାଶେ ଉତ୍ସାହିତ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ସର୍ବବୃହତ ଜିଲ୍ଲାରେ ସର୍ବାଧିକ ଅପପୃଷ୍ଟି

ଯାଜପୁରର ନଗଡ଼ାକୁ ବଳି ପଡ଼ିଲା ମୟୂରଭଞ୍ଜ। ୨୦୨୬ର ତଥ୍ୟ ଅନୁଯାୟୀ, ରାଜ୍ୟରେ ୭ ହଜାର ୬୬୫ ଜଣ ଅତିଶୟ ପୃଷ୍ଟିହୀନ ଶିଶୁ ଅଛନ୍ତି। ଏମାନଙ୍କ ମଧ୍ୟରୁ ସର୍ବାଧିକ ପୁଷ୍ଟିହୀନ ଶିଶୁ ଥିବା ଜିଲ୍ଲା ହେଉଛି ମୟୂରଭଞ୍ଜ। ଏଠାରେ ୭୪୬ ପୁଷ୍ଟିହୀନ ଶିଶୁ ଥିବା ବେଳେ କେଉଁଝରରେ ୬୩୪ ଶିଶୁ ଅପପୃଷ୍ଟିର ଶିକାର ବୋଲି ବିଧାୟକ ରୋମାଞ୍ଚ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

## ଜଗାଙ୍କୁ ମୁକ୍ତ ହସ୍ତରେ ଦାନ କରୁଛନ୍ତି ଭକ୍ତ

ଗତବର୍ଷ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ୭୭୦ ଟଙ୍କା ଦାନ ସଂଗ୍ରହ କରାଯାଇଛି। ଭକ୍ତମାନେ ଉକ୍ତ ବର୍ଷ ୩ କିଲୋ ୪୪୧ ଗ୍ରାମ ୩୦୦ ମିଲିଗ୍ରାମ ମିଶ୍ରିତ ସୁନା ଓ ୩୩ କିଲୋ ୬୪୮ ଗ୍ରାମ ୯୫୦ ମିଲିଗ୍ରାମ ମିଶ୍ରିତ ରୁପା ଅଳଙ୍କାର ଦାନ କରିଛନ୍ତି। ଗତ ୧୯୮୧ରୁ ୨୦୨୪-୨୫ ସୁଦ୍ଧା ମୋଟ ୫୮ କେଜି ୩୧୭ ଗ୍ରାମ ସୁନା ଓ ୧୫୮ କେଜି ୮୩୬ ଗ୍ରାମ ରୁପା ଦାନ ହୁଣ୍ଡିରୁ ସଂଗ୍ରହ ହୋଇଛି। ସେହିଭଳି ୨୦୧୧ରୁ ୨୦୨୪-୨୫ ଭିତରେ ହୁଣ୍ଡି ଓ ଅନ୍ୟାନ୍ୟ ଦାନରୁ ୩୦୪ କୋଟି ୫୭ ଲକ୍ଷ ଟଙ୍କା ଆଦାୟ ହୋଇଛି। ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ରୋଜଗାରକୁ ବିପଦ ଏଆଇ

ଆଧୁନିକ ବିଜ୍ଞାନ ଏବଂ ପ୍ରଯୁକ୍ତିର କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏକ ବିପ୍ଳବ ସୃଷ୍ଟି କରିଛି। ଏହା ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରୁଛି-ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ଏବଂ ଖେଳକୁଦରୁ ଆରମ୍ଭ କରି ରୋଜଗାର ପର୍ଯ୍ୟନ୍ତ। କିନ୍ତୁ ଏହି ପ୍ରଗତିର ଅନ୍ୟ ପାର୍ଶ୍ୱରେ ଏକ ବଡ଼ ବିପଦ ଲୁଚି ରହିଛି, ତାହା ହେଉଛି ଏଆଇ ରୋଜଗାର ଉପରେ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ବିଶ୍ୱବ୍ୟାପୀ ଅର୍ଥନୀତିରେ ଏହାର ପ୍ରଭାବ କଣ ହେବ, ଏହା ଉପରେ ଆଲୋଚନା କରିବା ଆବଶ୍ୟକ। ଭାରତ ଭଳି ବିକାଶଶୀଳ ଦେଶରେ, ଯେଉଁଠାରେ ଯୁବକମାନଙ୍କର ବହୁଳ ଜନସଂଖ୍ୟା ରହିଛି, ଏହି ବିପଦ ଆହୁରି ଗମ୍ଭୀର ହୋଇପାରେ।



ଏଆଇର ବୃଦ୍ଧି ସହିତ ଅଟୋମେସନ୍ ଏବଂ ରୋବୋଟିକ୍ସର ବ୍ୟବହାର ବଢ଼ିବାରେ ଲାଗିଛି। ଉଦାହରଣ ସ୍ୱରୂପ, କାରଖାନାଗୁଡ଼ିକରେ ରୋବୋଟ୍ ମାନବ କର୍ମଚାରୀଙ୍କୁ ବଦଳାଇ ଦେଉଛନ୍ତି। ଏହା କେବଳ ଶାରୀରିକ କାର୍ଯ୍ୟରେ ସୀମିତ ନୁହେଁ; ଏଆଇ ଏବେ ବୌଦ୍ଧିକ କାର୍ଯ୍ୟକୁ ମଧ୍ୟ ସମ୍ଭାଳିବାରେ ସକ୍ଷମ। ଚାଟବଟ୍ ଗ୍ରାହକ ସେବା କର୍ମଚାରୀଙ୍କୁ ବିସ୍ଥାପିତ କରୁଛି, ଏଆଇ ଆଧାରିତ ସଫ୍ଟୱେୟାର୍ ଲେଖକ ଏବଂ ସାମ୍ବାଦିକମାନଙ୍କର କାର୍ଯ୍ୟକୁ ସ୍ୱୟଂଚାଳିତ କରୁଛି। ଗୁଗୁଲ୍ ଏବଂ ମାଇକ୍ରୋସଫ୍ଟ ଭଳି କମ୍ପାନୀଗୁଡ଼ିକର ଏଆଇ ଟୁଲ୍ସ ଡାଟା ଆନାଲିସିସ୍ ଏବଂ କୋଡିଂ ଭଳି କ୍ଷେତ୍ରରେ ମାନବ ପ୍ରତିଭାକୁ ଚ୍ୟାଲେଞ୍ଜ କରୁଛି। ଅକ୍ସଫର୍ଡ ୟୁନିଭର୍ସିଟିର ଏକ ଅଧ୍ୟୟନ ଅନୁସାରେ, ଆଗାମୀ ୨୦ ବର୍ଷରେ ବିକଶିତ ଦେଶଗୁଡ଼ିକରେ ୪୭ ପ୍ରତିଶତ ରୋଜଗାର ଏଆଇ ଦ୍ୱାରା ପ୍ରଭାବିତ ହେବ। ଭାରତରେ ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ, ଯେହେତୁ ଆମର ଅର୍ଥନୀତି ସେବା କ୍ଷେତ୍ର ଉପରେ ନିର୍ଭରଶୀଳ। ଏହି ବିପଦର ପ୍ରଭାବ ସର୍ବାଧିକ ଅନୁଭୂତ ହେବ ଅଣଦକ୍ଷ ଏବଂ ଅର୍ଦ୍ଧ-ଦକ୍ଷ କର୍ମଚାରୀଙ୍କ ମଧ୍ୟରେ। ଉଦାହରଣ ସ୍ୱରୂପ, ଅଟୋମୋବାଇଲ୍ ଉଦ୍ୟୋଗରେ ରୋବୋଟ ସଂଖ୍ୟା ବଢ଼ିବା ଦ୍ୱାରା ଲକ୍ଷାଧିକ କର୍ମଚାରୀ ବେରୋଜଗାର ହୋଇପାରନ୍ତି। ସେହିପରି ବ୍ୟାଙ୍କିଙ୍ଗ ଏବଂ ବୀମା କ୍ଷେତ୍ରରେ ଏଆଇ ଆଧାରିତ ଆଲଗୋରିଦମ୍ ଅନେକ କାର୍ଯ୍ୟକୁ ସ୍ୱୟଂଚାଳିତ କରିବା ଦ୍ୱାରା କର୍ମଚାରୀ କମାଇବାର ସମ୍ଭାବନା ରହିଛି। ଏହା କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ସାମାଜିକ ଏବଂ ଅର୍ଥନୈତିକ ଅସମାନତାକୁ ବଢ଼ାଇବ। ଧନୀ କମ୍ପାନୀଗୁଡ଼ିକ ଏଆଇର ଲାଭ ଉଠାଇବେ, କିନ୍ତୁ ସାଧାରଣ କର୍ମଚାରୀମାନେ ଅସହାୟ ହୋଇପଡ଼ିବେ। ଓଡ଼ିଶା ଭଳି ରାଜ୍ୟରେ, ଯେଉଁଠାରେ ଗ୍ରାମୀଣ ଅର୍ଥନୀତି ଏବଂ ଛୋଟ ଉଦ୍ୟୋଗ ପ୍ରଧାନ, ଏହି ପରିବର୍ତ୍ତନ ବହୁତ ଯନ୍ତ୍ରଣାଦାୟକ ହୋଇପାରେ।

କିନ୍ତୁ ଏହା କେବଳ ନକାରାତ୍ମକ ନୁହେଁ। ଏଆଇ ନୂଆ ରୋଜଗାର ସୃଷ୍ଟି କରିବାର ସମ୍ଭାବନା ମଧ୍ୟ ରଖିଛି। ଏଆଇ ଡେଭଲପର୍, ଡାଟା ସାଇଣ୍ଟିଷ୍ଟ୍ ଏବଂ ଏଥିକାଲ୍ ଏଆଇ ସ୍ପେସାଲିଷ୍ଟ୍ ଭଳି ନୂଆ କ୍ଷେତ୍ରରେ ଚାକିରି ସୃଷ୍ଟି ହେବ। ଇତିହାସ ସାକ୍ଷୀ ଯେ ପ୍ରଯୁକ୍ତିଗତ ପରିବର୍ତ୍ତନ ପ୍ରାରମ୍ଭରେ ବିପଦ ସୃଷ୍ଟି କରେ, କିନ୍ତୁ ଦୀର୍ଘକାଳୀନରେ ଅର୍ଥନୀତିକୁ ମଜବୁତ କରେ। ଉଦାହରଣ ସ୍ୱରୂପ, ଇଣ୍ଡଷ୍ଟ୍ରିଆଲ୍ ରେଭୋଲ୍ୟୁସନ୍ ସମୟରେ ମେସିନ୍ ଅନେକ କାର୍ଯ୍ୟକୁ ବଦଳାଇଥିଲା, କିନ୍ତୁ ଏହା ନୂଆ ଉଦ୍ୟୋଗ ସୃଷ୍ଟି କରିଥିଲା। ତେଣୁ ଏଆଇକୁ ଏକ ବିପଦ ଭାବରେ ନୁହେଁ, ଏକ ସୁଯୋଗ ଭାବରେ ଦେଖିବା ଆବଶ୍ୟକ।

ଏହି ବିପଦକୁ ମୁକାବିଲା କରିବା ପାଇଁ ସରକାର ଏବଂ ସମାଜର ଯୁଗ୍ମ ପ୍ରୟାସ ଆବଶ୍ୟକ। ପ୍ରଥମେ, ଶିକ୍ଷା ବ୍ୟବସ୍ଥାରେ ଏଆଇ ଏବଂ ଡିଜିଟାଲ୍ ଦକ୍ଷତାକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍। ଯୁବକମାନଙ୍କୁ ରିସ୍କିଲିଂ ଏବଂ ଅପସ୍କିଲିଂ ପ୍ରୋଗ୍ରାମ୍ ମାଧ୍ୟମରେ ପ୍ରସ୍ତୁତ କରାଯାଉ। ସରକାର ଏଆଇ ନୀତି ନିର୍ମାଣ କରି ରୋଜଗାର ସୁରକ୍ଷା ନିଶ୍ଚିତ କରିବା ଉଚିତ୍, ଯେପରିକି ବେରୋଜଗାରୀ ଭତ୍ତା ଏବଂ ଟ୍ରାନଜିସନାଲ୍ ସହାୟତା। କମ୍ପାନୀଗୁଡ଼ିକୁ ଏଆଇ ବ୍ୟବହାର ସମୟରେ କର୍ମଚାରୀଙ୍କ ହିତ ରକ୍ଷା କରିବାକୁ ବାଧ୍ୟ କରାଯାଉ। ଏହା ବ୍ୟତୀତ, ଏଥିକାଲ୍ ଏଆଇ ବିକାଶକୁ ପ୍ରୋତ୍ସାହିତ କରିବା ଦ୍ୱାରା ଅସମାନତା ହ୍ରାସ କରାଯାଇପାରିବ।

ସାରାଂଶରେ, ଏଆଇ ରୋଜଗାରରେ ଏକ ଗମ୍ଭୀର ବିପଦ ହୋଇଥିବା ବେଳେ, ଏହାକୁ ସଠିକ୍ ପରିଚାଳନା ଦ୍ୱାରା ଏକ ସୁଯୋଗରେ ପରିଣତ କରାଯାଇପାରିବ। ଆମକୁ ଏହି ପରିବର୍ତ୍ତନକୁ ସ୍ୱାଗତ କରିବାକୁ ହେବ, କିନ୍ତୁ ସମାନ ସୁରକ୍ଷା ବ୍ୟବସ୍ଥା ସହିତ। ଯଦି ଆମେ ଏହାକୁ ଅଣଦେଖା କରିବୁ, ତେବେ ଏହା ସାମାଜିକ ଅସ୍ଥିରତା ସୃଷ୍ଟି କରିପାରେ। ତେଣୁ ଏବେ ସମୟ ହୋଇଛି କାର୍ଯ୍ୟାନୁଷ୍ଠାନର-ଏକ ସନ୍ତୁଳିତ ଭବିଷ୍ୟତ ପାଇଁ।

# ଆପଣା ହସ୍ତେ ଜିହ୍ବା ଛେଦି

ଡ ସୀତାକାନ୍ତ ତ୍ରିପାଠୀ



ପ୍ରତ୍ୟେକ ମଣିଷର ସବୁଠୁ ବଡ଼ ଅସ୍ତ୍ର ହେଉଛି ତା'ର ଜିହ୍ୱ/ଜିଭ। ଯାହାର ବ୍ୟବହାର କରି ସିଏ ସ୍ୱର୍ଗସୁଖ ଲାଭ କରିପାରେ କିମ୍ବା ନରକର ଯନ୍ତ୍ରଣାକୁ ନିମନ୍ତ୍ରଣ କରିପାରେ। ଏହା ଶତ୍ରୁମାନଙ୍କ ଆକ୍ରମଣକୁ ପ୍ରତିହତ କରିବା ସହିତ ମିତ୍ର ଲାଭ କରିବାରେ ମଣିଷକୁ ସାହାଯ୍ୟ କରିପାରେ କିମ୍ବା ଅନେକ ଶତ୍ରୁ ତିଆରି କରିଦେଇ ନିଜର ମୃତ୍ୟୁର କାରଣ ନିଜେ ହିଁ ବନିଯାଇଥାଏ। ଯଦି କୌଣସି କାରଣରୁ ଅସାବନଧାନତା ବଶତଃ ନିଜର ହାତରେ ନିଜର ଜିଭଟି କଟିଯାଏ ତାହେଲେ ମଣିଷ କାହାକୁ ଦୋଷ ଦେବ! ଦାନ୍ତ ଘଷିବା, ଜିଭ ଚିରିବା କିମ୍ବା ଖାଇବା ସମୟରେ ନିଜ ଅସାବଧାନତାରୁ ଯଦି ଜିଭଟି କଟିଯାଏ ତାହେଲେ ସିଏ କାହାକୁ ଦୋଷ ଦେବ ? ଯାହାକୁ ଲକ୍ଷ୍ୟ କରି ଭାଗବତ୍‌କାର ଜଗନ୍ନାଥ ଦାସ ଲେଖିଛନ୍ତି "ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ "।

ଭସ୍ମାସୁର ପ୍ରଭୁ ଶିବଙ୍କଠାରୁ ବରପ୍ରାପ୍ତ ହେଲା, ସିଏ ଯାହାକୁ ଛୁଇଁବ ତା'ର ମୃତ୍ୟୁ ହେବ। ତେବେ ଏହା ସତ କି ମିଛ ସିଏ ଜାଣିବ ବା କେମିତି ? ଯଦି ପ୍ରଭୁ ତଥାସ୍ତୁ କହିବା ପରେ ଏହା କାର୍ଯ୍ୟକାରୀ ନ ହେବ ସେତେବେଳକୁ ପ୍ରଭୁ ତ ଅନ୍ତର୍ଦ୍ଧାନ ହୋଇ ସାରିଥିବେ ସିଏ ଆଉ କାହାକୁ ସାକ୍ଷୀ କରିବ? ମନରେ ଦ୍ୱିଧାବୋଧ ଓ ସନ୍ଦେହ ଭରପୁର। ଭାବିଲା ଯେଉଁ ଶିବ ତାକୁ ବର ପ୍ରଦାନ କରିଛନ୍ତି ସିଏ ତାଙ୍କରି ଉପରେ ହିଁ ଉକ୍ତ ବରର ସତ୍ୟତା କଥା ପରୀକ୍ଷା କରିବ। ଯିଏ ତାକୁ ଏକ ବିସ୍ମୟକର ବର ଦେଇ ବଳବାନ କଲେ ତାଙ୍କୁ ହିଁ ଶେଷରେ ବଳୀ ପଡ଼ିବାର ଥିଲା। ଏ କଥାକୁ ଲକ୍ଷ୍ୟ କରି ଦେବତାମାନେ କପଟ କଲେ ଏବଂ ତା'ର ବୁଦ୍ଧି ବିଭ୍ରମ କରି କହିଲେ ଆରେ ତୁ ଶିବଙ୍କ ଉପରେ କ'ଣ ପରୀକ୍ଷା କରିବା ପାଇଁ କହୁଛୁ, ତୁ ନିଜେ ନିଜ ଉପରେ ପରୀକ୍ଷା କରି ଦେଖୁନୁ କ'ଣ ହେଉଛି? ତୋ ହାତକୁ ତୋ ମୁଣ୍ଡ ଉପରେ ଦେଇ ଦେଖିଲୁ। ବୁଦ୍ଧିହୀନ ଭସ୍ମାସୁର ମୁଣ୍ଡରେ କ'ଣ ପଶିଲା ଯେ ଦେହ କିମ୍ବା ମୁଣ୍ଡରେ ହାତ ମାରିଦେଲେ ତାହା ଭସ୍ମ ହୋଇଯିବ ତା ଛଡା ମୁଣ୍ଡ କିମ୍ବା ଶରୀର ଭସ୍ମ ହୋଇଗଲା ପରେ ତାର ହାତ ରହି ଲାଭ କ'ଣ। ନିଜର ଅଯଥା ସନ୍ଦେହ ଓ ଦ୍ୱିଧାବୋଧ ହିଁ ନିଜର ବିନାଶର କାରଣ ଏକଥା ବୁଝିବାର ଶକ୍ତି ସିଏ ହରାଇ ସାରିଥିଲା। ଏଠାରେ ସିଏ ନିଜ ହାତରେ ନିଜକୁ ଧ୍ୱଂସ କରିଦେଲା। ସେଥିପାଇଁ କିଏ ପ୍ରତିବାଦ କରିବ ? ଅବଶ୍ୟ ପରବର୍ତ୍ତୀ ସମୟରେ ଅସୁରକୁଳ ଭସ୍ମାସୁରର ଏହି ବୁଦ୍ଧି ଭ୍ରଷ୍ଟ ପାଇଁ ଦେବତାମାନଙ୍କୁ ଦାୟୀ କରି ଯୁଦ୍ଧଂଦେହିର ଡାକରା ଦେଇଥିଲେ।

ତେଣୁ ନିଜ ହାତରେ ନିଜର ଭାଗ୍ୟ ଓ ଭବିଷ୍ୟତ ନଷ୍ଟ କରିଦେଉଥିବା ମଣିଷକୁ ପ୍ରତିବାଦ କରୁଥିବା ଲୋକ ନଥାନ୍ତି ବୋଲି କହିବା ଭୁଲ୍। ପିଲାଟିଏ ଯଦି ପାଠପଢ଼ାରେ ମନ ନ ଦେଇ ବିଭିନ୍ନ ଅସାମାଜିକ କାମରେ ମନ ଦେଇ ନିଜର ଭବିଷ୍ୟତ ନଷ୍ଟ କରିବାର ଅପଚେଷ୍ଟା କଲେ ତାହେଲେ ତା'ର ବାପା, ମା', ପରିବାର ସ୍ୱଜନ ପରିଜନ ସମସ୍ତେ ତାକୁ ଅବାଟରୁ ବାଟକୁ ଆଣିବା ପାଇଁ ପ୍ରୟାସ କରିଥା'ନ୍ତି। ତଥାପି ସିଏ ଯଦି କାହାରି କଥା ନଶୁଣି କୁପଥରୁ ନିଜକୁ ଦୂରେଇ ନଆଣେ ତାହେଲେ ସିଏ ନିଜର ଭବିଷ୍ୟତକୁ ଅନ୍ଧାର କରିବା ସହିତ ନିଜର ପରିବାରକୁ ରସାତଳ କରିଥାଏ ତେଣୁ ଏଠାରେ ପ୍ରତିବାଦୀ ଅନେକ ରହିବା ସ୍ୱାଭାବିକ। କାରଣ ମଣିଷ ଏକ ସାମାଜିକ ପ୍ରାଣୀ। ଜଣେ ନିଜେ ନିଜର କ୍ଷତି କରିବା କଥାଟି କେବଳ ତା'ର ନିଜସ୍ୱ ନୁହେଁ ବରଂଏହା ପଛରେ ଥିବା କାର୍ଯ୍ୟକାରଣ ପ୍ରସଙ୍ଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ଜିଭ କଟିଯିବାର ଅନେକ କାରଣ ରହିଛି। ବେଳେବେଳେ ମଣିଷ ଅନ୍ୟମନସ୍କ ହୋଇ ଏହାକୁ କାଟି ଦେଇଥାଏ ସିନା କିନ୍ତୁ ଯେତେବେଳେ ବିଭିନ୍ନ ପୂଜାପାଠ ଓ ମାନସିକର ଆଳ ଦେଖାଇ ମଣିଷ ନିଜର ଜିହ୍ୱା ଛେଦନ କରିଥାଏ ସେତେବେଳେ ଉକ୍ତ ଘଟଣାର ପ୍ରାସଙ୍ଗିକତା ବଦଳି ଯାଇଥାଏ। କାରଣ ନିଜ ହାତରେ କଟୁଥିବା ଜିଭ ପାଇଁ ସବୁବେଳେ ସିଏ ନିଜେ ଦାୟୀ ନଥାଏ ବରଂ ସେ ପ୍ରକାର କର୍ମ ପାଇଁ ତାକୁ ପ୍ରବର୍ତ୍ତାଉଥିବା ବା ବାଧ୍ୟ କରୁଥିବା ଲୋମାନଙ୍କୁ ଚିହ୍ନି ସେମାନଙ୍କୁ ଦଣ୍ଡିତ କରିବାର ବିଧି ବ୍ୟବସ୍ଥା ରହି ଆସିଛି। ଉଦାହରଣ ସ୍ୱରୂପ କେହି ଜଣେ ଆତ୍ମହତ୍ୟା କଲେ ଆମେ କ'ଣ ନିରବ ରହିଯାଉ। ବରଂ ଆମେ ଚାହୁଁ ସତକଥା ପଦାକୁ ଆସୁ ଯାହା ଫଳରେ ସମାଜ ସୁଧୁରିଯିବ। ସ୍ଥୁଳ ରୂପରେ ତା'ର ପ୍ରତିବାଦୀ ନଥାନ୍ତି କିନ୍ତୁ ସୂକ୍ଷ୍ମ ଅର୍ଥରେ ଅନେକ ପ୍ରତିବାଦୀମାନେ ରହିବା ସାମାଜିକ ଏବଂ ଆଇନଗତ ଦୃଷ୍ଟିକୋଣରୁ ଜରୁରୀ।

**ଅର୍ଣ୍ଣପାଳ, ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**



# ସାମ୍ବାଦିକତାରେ ତଥ୍ୟ ଯାଞ୍ଚର ଗୁରୁତ୍ୱ

ଅସିତ ମହାନ୍ତି



ସାମ୍ବାଦିକତାରେ ତଥ୍ୟ ଯାଞ୍ଚର ଗୁରୁତ୍ୱ କେବଳ ସୂଚନାର ସଠିକତା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସମାଜ ଏବଂ ଦେଶର ବିଶ୍ୱସନୀୟତା ପାଇଁ ମଧ୍ୟ। ଦିଲ୍ଲୀରେ ଅନୁଷ୍ଠିତ ସମ୍ପ୍ରତି ଏଆଇ ଇମ୍ପାକ୍ଟ ସମ୍ମିଳନୀରେ, ଭାରତ ଏକ ରୋବୋଟ୍ ପ୍ରଦର୍ଶନ କରିଥିଲା ଯାହାକୁ ଭାରତରେ ନିର୍ମିତ ବୋଲି ଦାବି କରାଯାଇଥିଲା। ଏହି ଦାବି ଏକ ସରକାରୀ ଚ୍ୟାନେଲର ଜଣେ ସାମ୍ବାଦିକ ରିପୋର୍ଟ କରିଥିଲେ ଏବଂ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ମଧ୍ୟ ଏକ ଭିଡିଓ ସେୟାର କରିଥିଲେ। ତଥାପି, ପରେ ଏହା ସ୍ପଷ୍ଟ ହୋଇଥିଲା ଯେ ରୋବୋଟ୍ ପ୍ରକୃତରେ ଚୀନରେ ନିର୍ମିତ ଏବଂ ଭାରତ ଦ୍ୱାରା କ୍ରୟ କରାଯାଇଥିଲା। ଏହି ପ୍ରକାଶନ କେବଳ ଭାରତକୁ ସମାଲୋଚନାର ଶିକାର କରିନଥିଲା ବରଂ ଚୀନକୁ ଭାରତକୁ ପରିହାସ କରିବାର ସୁଯୋଗ ଦେଇଥିଲା। ଭିଡିଓରେ, ବିଶ୍ୱବିଦ୍ୟାଳୟ ପ୍ରଫେସର ନେହା ସିଂହ କହିଛନ୍ତି ଯେ ରୋବୋଟିକ୍ କୁକୁରର ନାମ 'ଓରିଅନ୍', ଯାହା ଗଲଗୋଟିଆ ବିଶ୍ୱବିଦ୍ୟାଳୟର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଦ୍ୱାରା ବିକଶିତ ହୋଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ଏଆଇ କ୍ଷେତ୍ରରେ ୩୫୦କୋଟି ନିବେଶ କରୁଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ, ଅନେକ ଟେକ୍ ବିଶେଷଜ୍ଞ ଏବଂ ବ୍ୟବହାରକାରୀ ଦାବି କରିଥିଲେ ଯେ ଏହା ପ୍ରକୃତରେ ଚୀନ୍ କମ୍ପାନୀ 'ୟୁନିଟାରି'ର 'ଏକ୍ସ୨' ମଡେଲ୍, ଯାହା ବଜାରରେ ୨-୩ଲକ୍ଷରେ ଉପଲବ୍ଧ। ଅନ୍ୟ ଏକ ଭିଡିଓରେ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ 'ସ୍କ୍ରିମ୍ ରୁ' ନିର୍ମିତ ବୋଲି ଦାବି କରୁଥିବା ଡ୍ରୋନକୁ ବ୍ୟବହାରକାରୀମାନେ ଏକ ପ୍ରସ୍ତୁତ 'ଷ୍ଟ୍ରାଇକର୍ ୦୩ ଇଜର୍' ମଡେଲ୍ ଭାବରେ ବର୍ଣ୍ଣନା କରିଛନ୍ତି ଯାହାର ମୂଲ୍ୟ ୪୦, ୦୦୦। ଏହି ଘଟଣା ଆମକୁ ବିଚାର କରିବାକୁ ବାଧ୍ୟ କରେ ଯେ ସାମ୍ବାଦିକତାରେ ତଥ୍ୟ ଯାଞ୍ଚ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଏବଂ ମିଥ୍ୟା ଦାବି ଜାତୀୟ ପ୍ରତିଛବିକୁ କିପରି କ୍ଷତି ପହଞ୍ଚାଇପାରେ।

ସାମ୍ବାଦିକତାର ମୌଳିକ ଉଦ୍ଦେଶ୍ୟ ହେଉଛି ସତ୍ୟ ପ୍ରକାଶ କରିବା। ଯେତେବେଳେ ସାମ୍ବାଦିକମାନେ ଯାଞ୍ଚ ବିନା ସୂଚନା ପ୍ରସାରଣ କରନ୍ତି, ସେମାନେ କେବଳ ଜନସାଧାରଣଙ୍କୁ ଭ୍ରମିତ କରନ୍ତି ନାହିଁ ବରଂ ଦେଶର ପ୍ରତିଷ୍ଠାକୁ ମଧ୍ୟ ବିପଦରେ ପକାନ୍ତି। ଏହି କ୍ଷେତ୍ରରେ, ଏକ ସରକାରୀ ଚ୍ୟାନେଲର ଜଣେ ସାମ୍ବାଦିକ ସମ୍ପୂର୍ଣ୍ଣ ତଦନ୍ତ ବିନା ରୋବୋଟ୍ ଭାରତରେ ତିଆରି ହୋଇଥିବା ଦାବି ପ୍ରସାରଣ କରିଥିଲେ। ସାମ୍ବାଦିକତାର ନୀତି ହେଉଛି କୌଣସି ସୂଚନା ପ୍ରସାରଣ କରିବା ପୂର୍ବରୁ ଏହାର ଉତ୍ସ, ପ୍ରମାଣ ଏବଂ ପ୍ରାମାଣିକତା ଯାଞ୍ଚ କରିବା। ଯଦି ଏହି ପ୍ରକ୍ରିୟା ଅନୁସରଣ କରାଯାଇଥାନ୍ତା, ତେବେ ଭାରତ ହୁଏତ ଏହି ଅପମାନଜନକ ପରିସ୍ଥିତିର ସମ୍ମୁଖୀନ ହୋଇନଥାନ୍ତା। ଆଜିର ବିଶ୍ୱରେ ସୂଚନା ଏତେ ଶୀଘ୍ର ବ୍ୟାପିବା ହେତୁ ତଥ୍ୟ ଯାଞ୍ଚର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି। ଥରେ ସୋସିଆଲ ମିଡିଆ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ଏକ ଦାବି ପ୍ରସାରିତ ହେବା ପରେ, ଏହା ତୁରନ୍ତ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିଯାଏ। ଯଦି ଦାବି ମିଥ୍ୟା ହୁଏ, ତେବେ ଏହାକୁ ଖଣ୍ଡନ କରିବା କଷ୍ଟକର ହୋଇଯାଏ ଏବଂ କ୍ଷତି ପୂର୍ବରୁ ହୋଇଯାଏ। ଏହି କାରଣରୁ ସାମ୍ବାଦିକ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଆହୁରି ସତର୍କ ରହିବାକୁ ପଡ଼ିବ। ଏହି ଘଟଣାରୁ ଏହା ପ୍ରମାଣିତ ହେଲା ଯେ କିପରି ଅସମ୍ପୂର୍ଣ୍ଣ ଦାବିଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିଛବିକୁ ଖରାପ କରିପାରେ। ଭାରତକୁ ଏଟିଆଇ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହାର ପ୍ରକୃତ ସଫଳତାକୁ ଉଜାଗର କରିବା ଉଚିତ। ଯଦି ଭାରତ ଏପର୍ଯ୍ୟନ୍ତ ଏହି କ୍ଷେତ୍ରରେ କୌଣସି ବଡ଼ ସଫଳତା ହାସଲ କରିନାହିଁ, ତେବେ ଏହାକୁ ସ୍ୱୀକାର କରିବା ଉଚିତ ଏବଂ ସଚ୍ଚୋଟତାର ସହିତ କହିବା ଉଚିତ ଯେ ପ୍ରୟାସ ଜାରି ରହିଛି। ମିଥ୍ୟା ଦାବି କେବଳ କ୍ଷଣିକ ଗୌରବ ପାଇପାରେ, କିନ୍ତୁ ଯେତେବେଳେ ସତ୍ୟ ପ୍ରକାଶିତ ହୁଏ, ସେହି ଗୌରବ ଅପମାନରେ ପରିଣତ ହୁଏ। ଚୀନ୍ ଏହି ଘଟଣାକୁ ପରିହାସ କରିଥିଲା ଏବଂ ଭାରତକୁ ପ୍ରଯୁକ୍ତିବିଦ୍ୟାରେ ପଛରେ ପକାଇବାକୁ ଚେଷ୍ଟା କରିଥିଲା। ଏହି ଉପହାସ କେବଳ ଭାରତର ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ପ୍ରଶ୍ନ କରିନାହିଁ ବରଂ ଏହାର ଅଖଣ୍ଡତା ଏବଂ ବିଶ୍ୱସନୀୟତାକୁ ମଧ୍ୟ ପ୍ରଶ୍ନ କରିଥିଲା। ସାମ୍ବାଦିକତାରେ ତଥ୍ୟ ଯାଞ୍ଚର ଗୁରୁତ୍ୱ ଗଣତନ୍ତ୍ର ସହିତ ମଧ୍ୟ ଜଡିତ। ଏକ ଗଣତାନ୍ତ୍ରିକ ସମାଜରେ, ଜନସାଧାରଣଙ୍କ ପାଖରେ ସଠିକ୍ ସୂଚନା ପାଇବା ଆବଶ୍ୟକ ଯାହା ଦ୍ୱାରା ସେମାନେ ସୁଚିନ୍ତିତ ନିଷ୍ପତ୍ତି ନେଇପାରିବେ ଏବଂ ନିଜର ମତାମତ ଗଠନ କରିପାରିବେ। ଯଦି ସାମ୍ବାଦିକମାନେ ମିଥ୍ୟା ସୂଚନା ପ୍ରଦାନ କରନ୍ତି, ତେବେ ଜନସାଧାରଣ ଦ୍ୱନ୍ଦ୍ୱରେ ପଡ଼ିଯିବେ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଦୁର୍ବଳ ହୋଇଯିବ। ଏହି ଘଟଣା ଏହା ମଧ୍ୟ ଦର୍ଶାଇଛି ଯେ ଯେତେବେଳେ ସାମ୍ବାଦିକତା ନିଜର ଦାୟିତ୍ୱ ପୂରଣ କରିବାରେ ବିଫଳ ହୁଏ, ଏହା କେବଳ ଜନସାଧାରଣଙ୍କୁ ନୁହେଁ ବରଂ ଦେଶର ଆନ୍ତର୍ଜାତୀୟ ସ୍ଥିତିକୁ ମଧ୍ୟ ପ୍ରଭାବିତ କରେ। ଭାରତ ଭଳି ଏକ ଦେଶ ପାଇଁ, ଯିଏ ବିଶ୍ୱ ସ୍ତରରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବାକୁ ଚାହୁଁଛି, ସାମ୍ବାଦିକତା ସମ୍ପୂର୍ଣ୍ଣ ତଥ୍ୟ ଉପରେ ଆଧାରିତ ହେବା ଆହୁରି ଜରୁରୀ। ଏହି ଘଟଣାରୁ ଶିଖିବାକୁ ହେବ ଯେ ସାମ୍ବାଦିକତା ଶୀଘ୍ରତାରୁ ଦୂରେଇ ରହିବା ଉଚିତ। ଯେକୌଣସି ସୂଚନା ପ୍ରସାରଣ କରିବା ପୂର୍ବରୁ ତାହାକୁ ଯାଞ୍ଚ କରିବା ଅତ୍ୟନ୍ତ ଜରୁରୀ। ସାମ୍ବାଦିକମାନେ ସ୍ୱାଧୀନ ଉତ୍ସରୁ ସୂଚନା ଲୋଡ଼ିବା, ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଏବଂ ବୈଷୟିକ ଦାବି ଯାଞ୍ଚ କରିବା ଉଚିତ। ଯଦି ଏହି ପ୍ରକ୍ରିୟା ଅନୁସରଣ କରାଯାଇଥାନ୍ତା, ତେବେ ହୁଏତ ଭାରତ ଏହି ଅପମାନଜନକ ପରିସ୍ଥିତିର ସମ୍ମୁଖୀନ ହୋଇନଥାନ୍ତା। ସାମ୍ବାଦିକତାର ନୀତି ହେଉଛି ସତ୍ୟକୁ ପ୍ରକାଶ କରିବା, ତାହା ଯେତେ କଷ୍ଟକର ହେଉ ନା କାହିଁକି। ମିଥ୍ୟା ଦାବି କେବଳ ଅସ୍ଥାୟୀ ଲାଭ ପ୍ରଦାନ କରେ, କିନ୍ତୁ ଦୀର୍ଘକାଳୀନ ଭାବରେ, ଏହା ଏକ ଜାତିର ପ୍ରତିଛବିକୁ କ୍ଷତି ପହଞ୍ଚାଏ।



ଏଆଇ ପ୍ରଭାବ ସମ୍ମିଳନୀ ଭାରତ ପାଇଁ ବିଶ୍ୱ ସମ୍ମୁଖରେ ଏହାର ପ୍ରଯୁକ୍ତିବିଦ୍ୟା କ୍ଷମତା ଏବଂ ନବସୃଜନ ପ୍ରଦର୍ଶନ କରିବାର ଏକ ସୁଯୋଗ ଥିଲା। କିନ୍ତୁ ମିଥ୍ୟା ଦାବି କରି, ଭାରତ କେବଳ ଏହି ସୁଯୋଗ ହରାଇଲା ନାହିଁ ବରଂ ତାର ବିଶ୍ୱସନୀୟତା ମଧ୍ୟ ହରାଇଲା। ସାମ୍ବାଦିକତାର କାମ ହେଉଛି ଏପରି ସୁଯୋଗଗୁଡ଼ିକୁ ସଠିକ୍ ଭାବରେ ଉପସ୍ଥାପନ କରିବା ଏବଂ କରାଯାଉଥିବା ଯେକୌଣସି ଦାବିକୁ ଯାଞ୍ଚ କରିବା। ଏହି ଘଟଣା ଦର୍ଶାଇଲା ଯେ ସାମ୍ବାଦିକତାରେ ସତ୍ୟ ଯାଞ୍ଚର ଅଭାବ କିପରି ଦେଶକୁ ଲଜ୍ଜିତ କରିପାରେ। ପରିଶେଷରେ, ଏହା କୁହାଯାଇପାରେ ଯେ ସାମ୍ବାଦିକତାରେ ସତ୍ୟ ଯାଞ୍ଚ କେବଳ ଏକ ପ୍ରକ୍ରିୟା ନୁହେଁ ବରଂ ଏକ ନୈତିକ ଦାୟିତ୍ୱ। ସାମ୍ବାଦିକମାନଙ୍କୁ ଏହି ଦାୟିତ୍ୱ ବହନ କରିବାକୁ ପଡ଼ିବ, କାରଣ ସେମାନେ ପ୍ରସାରଣ କରୁଥିବା ସୂଚନା କେବଳ ଜନସାଧାରଣଙ୍କ ପାଖରେ ପହଞ୍ଚେ ନାହିଁ ବରଂ ଦେଶର ପ୍ରତିଛବିକୁ ମଧ୍ୟ ପ୍ରଭାବିତ କରେ। ଭାରତକୁ ଏହି ଘଟଣାରୁ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ଏବଂ ଭବିଷ୍ୟତରେ ସାମ୍ବାଦିକତା ସମ୍ପୂର୍ଣ୍ଣ ତଥ୍ୟ ଉପରେ ଆଧାରିତ ହେବା ନିଶ୍ଚିତ କରିବାକୁ ପଡ଼ିବ। କେବଳ ଏହି ଉପାୟରେ ଭାରତ ନିଜର ବିଶ୍ୱସନୀୟତା ବଜାୟ ରଖିପାରିବ ଏବଂ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନ ପାଇପାରିବ।

**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**

# ଭାସ୍କରାଚାର୍ଯ୍ୟଙ୍କ ଲୀଳାବତୀ

ଶ୍ରୀବତ୍ସ ନାୟକ

ଭାରତୀୟମାନେ ଯେତେବେଳେ ପଥର ଉଠାନ୍ତି, ସେତେବେଳେ ଭବ୍ୟ ମନ୍ଦିର ନିର୍ମାଣ କରନ୍ତି ନଚେତ୍ ଅଲଂଘ୍ୟ ସମୁଦ୍ର ଉପରେ ସେତୁବନ୍ଧ ବସାଇଥାନ୍ତି। ଯେତେବେଳେ ପ୍ରେମ କରନ୍ତି, ସେତେବେଳେ ଗୀତଗୋବିନ୍ଦ ଓ ଲୀଳାବତୀ ସୂତ୍ର ଭଳି ମହାନ ପରୋପକାର ଗ୍ରନ୍ଥମାନ ରଚନା କରନ୍ତି। ଏହା ହେଉଛି ଭାରତୀୟ ସଂସ୍କୃତିର ବିଶେଷତ୍ୱ। ମହାରାଷ୍ଟ୍ର ଜନ୍ମିତ (ମସିହା ୧୧୧୪) ପ୍ରସିଦ୍ଧ ଜ୍ୟୋତିର୍ବିଦ୍ ଓ ଗଣିତଜ୍ଞ ହେଉଛନ୍ତି ଭାସ୍କରାଚାର୍ଯ୍ୟ। ଭାସ୍କରାଚାର୍ଯ୍ୟଙ୍କ କନ୍ୟା ହେଉଛନ୍ତି ଲୀଳାବତୀ। ଲୀଳାବତୀ ଯେପରି ବୁଦ୍ଧିମତୀ ଥିଲେ ଠିକ୍ ସେପରି ସୁନ୍ଦରୀ ମଧ୍ୟ ଥିଲେ। ଯେତେବେଳେ ତାଙ୍କର ବିବାହ ବୟସ ଉପସ୍ଥିତ ହେଲା,ପିତା ଭାସ୍କରାଚାର୍ଯ୍ୟ ଗଣନା କରି ଜାଣିପାରିଲେ ଯେ, ଲୀଳାବତୀ ବିବାହ ସିନା କରିବେ, ମାତ୍ର ଖୁବ୍ ଅଳ୍ପ ଦିନରେ ସେ ବିଧବା ହୋଇଯିବେ। ପୁନଶ୍ଚ ସେ ଗଣନା କରି ଜାଣିପାରିଲେ, ଯଦି ଠିକ୍ ଲଗ୍ନରେ ବିବାହ କାର୍ଯ୍ୟ ସମାପନ କରାଯାଏ, ତେବେ ବିଧବା ଦଶା କଟିଯାଇପାରେ। ସୁତରାଂ ସେ ଠିକ୍ ଲଗ୍ନରେ ବିବାହକାର୍ଯ୍ୟ ସମ୍ପନ୍ନ କରିବାକୁ ମନସ୍ଥ କଲେ। ସେତେବେଳେ ତ ଆଉ ଆଜିକାଲି ପରି ସମୟ ଜାଣିବା ପାଇଁ ଘଣ୍ଟା ନଥାଏ,ତେଣୁ ଠିକ୍ ସମୟ ଜାଣିବା ନିମନ୍ତେ ଗୋଟିଏ ମାଠିଆରେ କଣାଟିଏ କରି ଭାସ୍କରାଚାର୍ଯ୍ୟ ପାଣିପାତ୍ରରେ ତାହା ଭସାଇଦେଲେ। ସେହି କଣାବାଟେ ମାଠିଆ ଭିତରକୁ ପାଣି ଧୀରେ ଧୀରେ ପଶି ଯେତେବେଳେ ଭର୍ତ୍ତି ହୋଇଯିବ, ସେତେବେଳେ ଏହା ବିବାହର ଠିକ୍ ସମୟ ବୋଲି ଧରାଯିବ। ହେଲେ ବିଧିର ବିଧାନ ତ ବଡ ବିଚିତ୍ର। ସେଦିନ ଅଳଙ୍କାର ପିନ୍ଧି ଲୀଳାବତୀ କାହିଁକି ମାଠିଆ ଭିତରକୁ ଚାହିଁଦେଲେ। ଠିକ୍ ଏତିକିବେଳେ ତାଙ୍କ ମଥାମଣିରୁ ମୁକ୍ତାଟିଏ ଖସି ସେ ମାଠିଆ ଭିତରେ ପଡି ଛିଦ୍ରଟିକୁ ବନ୍ଦ କରିଦେଲା। ଫଳରେ ସେଇଠି ପାଣି ଅଟକିଗଲା। ସୁତରାଂ ସେ ମାଠିଆ ଆଉ ଜଳପୂର୍ଣ୍ଣ ହେଲା ନାହିଁ। ଜଳପୂର୍ଣ୍ଣ ନ ହେବାର କାରଣ ପରେ ଜଣାପଡିଲେ ମଧ୍ୟ ସେତେବେଳକୁ ଆଉ କିଛି ବି ଉପାୟ ନ ଥିଲା। ଶେଷରେ ବାହାଘର କାର୍ଯ୍ୟ ସମ୍ପନ୍ନ ହେଲା। ସତକୁ ସତ ବିବାହର ଖୁବ୍ ଅଳ୍ପଦିନ ପରେ ଲୀଳାବତୀ ବିଧବା ହୋଇଗଲେ। ତା'ପରେ ସେ ତାଙ୍କ ବାପଘରକୁ ଫେରି ଆସିଲେ। ତାଙ୍କର ପିତା ଜଣେ ପ୍ରସିଦ୍ଧ ଗଣିତଜ୍ଞ ଥିବାରୁ ତାଙ୍କ ଠାରୁ ଗଣିତ ଜ୍ଞାନ ଆହରଣ କରିବାରେ ଲାଗିଲେ। ତତ୍କାଳୀନ ସମୟରେ ଭାରତରେ ଗଣିତ ଶିକ୍ଷା ପ୍ରଧାନତଃ ପରିବାରକେନ୍ଦ୍ରିକ ଥିଲା। ପିତା ନିଜ ଜ୍ଞାନ ଓ ଟିକାକୁ ପୁତ୍ରଙ୍କୁ ଦେଉଥିଲେ। ସେ ସମୟରେ ନାରୀମାନଙ୍କର ଗଣିତରେ ଭୂମିକା ବହୁତ ସୀମିତ ଓ ପ୍ରାୟ ଅସ୍ତିତ୍ୱହୀନ ଥିଲା। ଧର୍ମୀୟ ଧାରଣା ଗଣିତ ଧାରଣା ସହିତ ବେଶ୍ ଜଡିତ ଥିଲା  ଏହି କାରଣରୁ ଟିକା ରଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ଲୀଳାବତୀ ଜଣେ ବିଚକ୍ଷଣ ପ୍ରତିଭା ସମ୍ପନ୍ନ ନାରୀ ହୋଇଥିବାରୁ ଭାସ୍କରାଚାର୍ଯ୍ୟଙ୍କ ଠାରୁ ଗଣିତ ଶାସ୍ତ୍ରର ପ୍ରୟୋଗ ତଥା କୌଶଳକୁ ଅକ୍ଳେଶରେ ଗ୍ରହଣ କଲେ। କାଳକ୍ରମେ ଅଙ୍କ ବିଦ୍ୟାରେ ପିତାଙ୍କଠାରୁ ବଳି ଅସାଧାରଣ ଜ୍ଞାନ ତାଙ୍କର ଆସିଗଲା। ଫଳରେ ବାପା ଓ ଝିଅ ଉଭୟ ମିଶି ବୀଜଗଣିତ ଉପରେ ବିଭିନ୍ନ ଆଲୋଚନା କରି ତାର ସମାଧାନ ପାଇଁ ସରଳ ସୂତ୍ରମାନ ନିର୍ଦ୍ଧାରଣ କରିବାରେ ବ୍ୟସ୍ତ ରହିଲେ। କଠିନ ଗଣିତଗୁଡିକ ସରଳ ସୂତ୍ର ମାଧ୍ୟମରେ କିଭଳି ସହଜରେ ସମାଧାନ କରିହେବ ତାହା ଉପରେ ୧୧୫୦ ଖ୍ରୀଷ୍ଟାବ୍ଦରେ ଭାସ୍କରାଚାର୍ଯ୍ୟ, ଗଣିତସୂତ୍ର ପୁସ୍ତକ ଲେଖିଲେ ଯାହା ପରବର୍ତ୍ତୀ ସମୟରେ  "ଲୀଳାବତୀ ସୂତ୍ର" ନାମରେ ନାମିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲା।

ଭାସ୍କରାଚାର୍ଯ୍ୟଙ୍କର ମୁଖ୍ୟ ଗ୍ରନ୍ଥ "ସିଦ୍ଧାନ୍ତ ଶିରୋମଣି" (ଅର୍ଥାତ୍ "ଗ୍ରନ୍ଥମାନଙ୍କର ମୁକୁଟ")ର ଲୀଳାବତୀ,ବୀଜଗଣିତ,ଗ୍ରହଗଣିତ ଓ ଗୋଳାଧ୍ୟାୟ ନାମରେ ଯେଉଁ ଚାରୋଟି ଖଣ୍ଡ ରହିଛି ତନ୍ମଧ୍ୟରୁ,ଭାରତୀୟ ଗଣିତ ପରମ୍ପରାରେ ଲୀଳାବତୀ ସବୁଠାରୁ ପ୍ରଶଂସିତ ଓ ଲୋକପ୍ରିୟ ଗ୍ରନ୍ଥ ଭାବେ ପରିଚିତ। କହିବାକୁ ଗଲେ ଆଧୁନିକ ଗଣିତ ଶାସ୍ତ୍ରର ପ୍ରାୟ 100 ବର୍ଷ ପୂର୍ବେ ପାଟି (ମୌଖିକ) ଗଣିତ,ବୀଜ ଗଣିତ, ଜ୍ୟାମିତି, ପରିମିତି, ତ୍ରିକୋଣମିତି,ଅଙ୍କଗଣିତ,ବୀଜଗଣିତ, ଜ୍ୟାମିତି,ମାପନଶାସ୍ତ୍ର ଓ ସଂଖ୍ୟାତତ୍ତ୍ୱ ଆଦିର ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ରୂପେ ଏହା ସର୍ବଜନବିଦିତ ଥିଲା। ଲୀଳାବତୀ ପ୍ରଧାନତଃ ଅଙ୍କଗଣିତ ଉପରେ ଆଧାରିତ ଏବଂ ଏଥିରେ ୨୭୯ଟି ସଂସ୍କୃତ ପଦ୍ୟ ରହିଛି।  ଏଥିରେ ଜଟିଳ ଗାଣିତିକ ସମସ୍ୟାଗୁଡିକର ସରଳ ସମାଧାନ ଗୁଡିକୁ ପଦର ଲାଳିତ୍ୟରେ ଅତିବ ଅକର୍ଷଣୀୟ ଓ ମାଧୁର୍ଯ୍ୟମୟ ଢଙ୍ଗରେ ବର୍ଣ୍ଣିତ ହୋଇ ଗଦ୍ୟ ଟିକା ସହିତ ଉପସ୍ଥାପିତ ହୋଇଛି।

ଆଧୁନିକ ଗଣିତର ମୁଖ୍ୟ ଅଂଶ ହେଉଛି 'ପ୍ରମାଣ' (PROOF), କିନ୍ତୁ ଭାସ୍କରାଚାର୍ଯ୍ୟ ଏହା ସମ୍ପର୍କରେ ବିଶେଷ ଧାରଣା ରଖିଥିଲେ ବୋଲି ଅନୁଭବ ନହେଲେ ମଧ୍ୟ,ତାଙ୍କର ସଂକ୍ଷିପ୍ତ ପଦ୍ୟଗୁଡ଼ିକରେ ଥିବା ନିୟମ ଓ ସାଧାରଣୀକରଣଗୁଡ଼ିକ ଏହାକୁ ସୂଚାଏ ଯେ ସେ ସମୟରେ ମଧ୍ୟ ତାଙ୍କ ମନରେ ନିଶ୍ଚୟ କିଛି ତର୍କ ଓ ବିଚାର ଥିଲା। ତାଙ୍କର ଗାଣିତିକ ସମସ୍ୟା ସମାଧାନର ପ୍ରଣାଳୀ ଥିଲା ସଠିକ୍ ଓ ନିର୍ଦ୍ଦିଷ୍ଟ। ତର୍କକୁ ସ୍ପଷ୍ଟ ଭାବେ ଲେଖିବାକୁ ସେ ଆବଶ୍ୟକ ମନେ କରୁନଥିଲେ ବରଂ ସେ ସମ୍ପୂର୍ଣ୍ଣ ଅନୁଭୂତି ଉପରେ ଭରସା କରୁଥିଲେ। ତତ୍କାଳୀନ ସମୟରେ ଗାଣିତିକ ପ୍ରତୀକ ବା ସଂକେତ ପ୍ରଣାଳୀ ନଥିଲା, ଗାଣିତିକ ଚିତ୍ର ଓ ରେଖାଚିତ୍ରର ପ୍ରଚଳନ ହୋଇନଥିଲା। ଅନୁଭୂତି ଆଧାରିତ ଚିନ୍ତା ଓ ଆଲଗୋରିଦମ୍ ପଦ୍ଧତିରେ ନିପୁଣ ଥିବା ଭାସ୍କରାଚାର୍ଯ୍ୟ ରସାତ୍ମକ, ଆନନ୍ଦଦାୟକ ଓ ମନୋରଞ୍ଜନ ଧର୍ମୀ କାବ୍ୟ ମାଧ୍ୟମରେ ସଂଖ୍ୟା ପଦ୍ଧତି, ଯୋଗ ପଦ୍ଧତି, ବିୟୋଗ ପଦ୍ଧତି, ଗୁଣନ ପଦ୍ଧତି, ଭାଗ ପଦ୍ଧତି, ଭାଗାଂଶ, ଶୂନ୍ୟ ଓ ଦଶମିକ ଧାରଣା, ନିୟମ ତ୍ରୟୀ, ସୁଧ ଗଣନା, ଲାଭ-କ୍ଷତି ଗଣନା, ମିଶ୍ରଣ ପଦ୍ଧତି, ମାପ ଓ ମାପକ, କ୍ଷେତ୍ରଫଳ ଗଣନା, ଘନଫଳ ଗଣନା, ସରଳ ସମୀକରଣ, ଅନୁପାତ ଓ ପ୍ରମାଣ, ସରଳ ଜ୍ୟାମିତି ପ୍ରଶ୍ନ- ଉତ୍ତର ଆଧାରିତ ପଦ୍ଧତି ଗୁଡିକୁ ଅତି ନିଖୁଣ ଭାବେ ପରିପ୍ରକାଶ କରିଥିଲେ। କେବଳ ସେତିକି ନୁହେଁ ବରଂ ଭାସ୍କରାଚାର୍ଯ୍ୟଙ୍କ "ଲୀଳାବତୀ" ଗ୍ରନ୍ଥରେ ବ୍ୟବହୃତ



ଲୀଳାବତୀର ଶେଷ ପଦ୍ୟ ଭାସ୍କରାଚାର୍ଯ୍ୟଙ୍କ କାବ୍ୟ ପ୍ରତିଭାକୁ ଆହୁରି ସୁନ୍ଦର ଭାବେ ପ୍ରକାଶ କରେ। ଏହି ପଦ୍ୟଟି ଲୀଳାବତୀ ନାମକ ଜଣେ ସୁସଂସ୍କୃତ କନ୍ୟାଙ୍କ ବର୍ଣ୍ଣନା ପରି ଲାଗେ, କିନ୍ତୁ ଏହାକୁ ଗଣିତ ଗ୍ରନ୍ଥ ରୂପେ ମଧ୍ୟ ବୁଝାଯାଇପାରେ।ଏହି କାରଣରୁ ଭାସ୍କରାଚାର୍ଯ୍ୟଙ୍କୁ "ଗଣକଚକ୍ରଚୂଡ଼ାମଣି"- ଅର୍ଥାତ୍ "ଗଣିତଜ୍ଞମାନଙ୍କ ମଧ୍ୟରେ ଶିରୋମଣି"-ଉପାଧି ଦିଆଯାଇଥିଲା।

ମାକୁୟେଲେ ଇଂରେଜ ଶିକ୍ଷା ଢାଞ୍ଚାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ପକାଇବା ପୂର୍ବରୁ ସମସ୍ତ ଚାଟଶାଳୀ ଓ ବେଦବିଦ୍ୟାଳୟରେ "ଗଣିତ" ବୋଇଲେ ଏହି ବିରାଟ "ଲୀଳାବତୀ ସୂତ୍ର" ହିଁ ପଢ଼ାଯାଉଥିଲା।ଲୀଳାବତୀରେ ବିକଶିତ ଧାରଣା ଓ ପଦ୍ଧତିଗୁଡ଼ିକ ଆଜି ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଓ ବିଦ୍ୟାର୍ଥୀ, ଶିକ୍ଷକ, ପଣ୍ଡିତ, ଇତିହାସବିଦ୍ ଏବଂ ଗଣିତ ପ୍ରସାରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ପାଇଁ ଉପକାରୀ। ଭାରତର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ (ଯେଉଁଠାରେ କ୍ୟାଲକୁଲେଟର ଅନୁମତି ନାହିଁ) ଏହି ପୁସ୍ତକଟି ବିଶେଷ ଭାବେ ସହାୟକ।

ଏହି ଗୁରୁତ୍ୱପୂର୍ଣ୍ଣ ପାଠ୍ୟଗ୍ରନ୍ଥଟି ପ୍ରାୟ ୮୦୦-୮୫୦ ବର୍ଷ ଧରି ଶିକ୍ଷା ଦେବାରେ ବ୍ୟବହୃତ ହୋଇଆସିଛି ଏବଂ ଆଜି ମଧ୍ୟ ଭାରତର ଅନେକ ସଂସ୍କୃତ ବିଦ୍ୟାଳୟରେ ପାଠ୍ୟପୁସ୍ତକ ଭାବେ ବ୍ୟବହୃତ ହେଉଛି। ଏହାର ପାଣ୍ଡିତ୍ୟପୂର୍ଣ୍ଣ, ସୁସ୍ପଷ୍ଟ ଓ ଐତିହାସିକ ଉପସ୍ଥାପନା ଯୋଗୁଁ ଏହି ଗ୍ରନ୍ଥଟି ବିଶ୍ୱର ଅନେକ ଭାଷାକୁ ଅନୁବାଦିତ ହୋଇଛି।

ଭାସ୍କରାଚାର୍ଯ୍ୟଙ୍କ ମହାନ କୃତି 'ଲୀଳାବତୀ ସୂତ୍ର ' କେବଳ ଗୋଟିଏ ସାହିତ୍ୟିକ ଗ୍ରନ୍ଥ ନୁହେଁ ବରଂ ଗଣିତର ଇତିହାସରେ ଏହା ଗୋଟିଏ ଅତ୍ୟନ୍ତ ଗରିମାମୟ ଓ ସମ୍ମାନିତ ସ୍ଥାନ ଅଧିକାର କରିଛି। ଏହା ତାଙ୍କର ଅସାଧାରଣ ଗଣିତ ପ୍ରତିଭାର ଏକ ଜୀବନ୍ତ ପ୍ରମାଣ। ତାଙ୍କ ସମୟରେ ସେ ଭାରତର ସବୁଠାରୁ ନବଚିନ୍ତକ ଗଣିତଜ୍ଞମାନଙ୍କ ମଧ୍ୟରୁ ଜଣେ ବୋଲି ଅଭିହିତ ହୁଅନ୍ତି। ସେ ଗଣିତକୁ ଭଲପାଉଥିଲେ କାରଣ ତାଙ୍କ ଦୃଷ୍ଟିରେ ଗଣିତ ହିଁ ଏହି ସଂସାରରେ ସବୁବେଳେ ସତ୍ୟ। ଗାଣିତିକ ସମସ୍ୟାକୁ ରସାତ୍ମକ,ଆନନ୍ଦଦାୟକ ଓ ମନୋରଞ୍ଜଧର୍ମୀ ଉପାୟରେ ସରଳ ଓ ସାବଲୀଳ ଭାବେ ସମାଧାନ କରିବା ନିମନ୍ତେ ତାଙ୍କର ସ୍ୱ-ରଚିତ ଲୀଳାବତୀ ସୂତ୍ର ଏକ କାଳଜୟୀ ରଚନା।

**ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ**

# ଆତଙ୍କବାଦୀଙ୍କ ଟାର୍ଗେଟରେ ଲାଲକିଲ୍ଲା

## ହାଇ ଆଲର୍ଟରେ ପ୍ରମୁଖ ମନ୍ଦିର ଓ ଚାନ୍ଦନୀ ଚୌକ

ନୂଆଦିଲ୍ଲୀ, ୨୧।୨: ଦିଲ୍ଲୀର ଲାଲକିଲ୍ଲା ଓ ଦେଶର କିଛି ପ୍ରମୁଖ ମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ମିଳିଥିବା ଗୁପ୍ତ ସୂଚନା ଆଧାରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କତା ସୂଚନା ଜାରି କରିଛନ୍ତି। ଆତଙ୍କବାଦୀମାନେ ଲାଲକିଲ୍ଲା ସମ୍ମୁଖରେ ଏକ ବୋମା ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି। ଏହା ସହିତ, ଚାନ୍ଦନୀ ଚୌକରେ ଥିବା ମନ୍ଦିରକୁ ମଧ୍ୟ ଟାର୍ଗେଟ କରାଯାଇଥିବା ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି। ଏଜେନ୍ସି ତଥ୍ୟ ଅନୁଯାୟୀ, ଲସ୍କର-ଏ-ତୈବା ଆଇଇଡି ଆକ୍ରମଣ କରିବାକୁ ଯୋଜନା କରୁଛି। ପାକିସ୍ତାନର ଇସଲାମାବାଦରେ ହୋଇଥିବା ମସଜିଦ ବିସ୍ଫୋରଣର ଭଳି ଭାରତର ପ୍ରମୁଖ ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଲସ୍କର-ଏ-ତୈବାର ଟାର୍ଗେଟରେ ରହିଛି। ୬ ଫେବ୍ରୁଆରି ୨୦୨୬ରେ, ପାକିସ୍ତାନର ରାଜଧାନୀ ଇସଲାମାବାଦର ଶାହଜାଦ ଟାଉନର ତେରଲାଇ ଇମାମ ବାରଗାରେ ଶୁକ୍ରବାର ନମାଜ ସମୟରେ ଏକ ବିସ୍ଫୋରଣ ଘଟିଥିଲା। ଏଥିରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ଅନେକ ଗୁରୁତର ଆହତ ହୋଇଥିଲେ। ଆତ୍ମଘାତୀ ବିସ୍ଫୋରଣକାରୀ ଫାଟକରେ ପ୍ରବେଶ କରିବା ସମୟରେ ବିସ୍ଫୋରଣ କରିଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ ଦିଲ୍ଲୀର ଲାଲକିଲ୍ଲା, ଚାନ୍ଦନୀ ଚୌକ ଓ ନିକଟବର୍ତ୍ତୀ ଧାର୍ମିକ ସ୍ଥଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦେଇଛନ୍ତି। ସୂଚନା ପାଇବା ମାତ୍ରେ, ଦିଲ୍ଲୀ ପୁଲିସ ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଅତିରିକ୍ତ ଫୋର୍ସ ମୁତୟନ କରିଛନ୍ତି। ସନ୍ଦିଗ୍ଧ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛନ୍ତି। ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଲସ୍କର-ଏ-ତୈବା ଆତଙ୍କବାଦୀମାନେ ଦେଶର ପ୍ରମୁଖ ମନ୍ଦିରଗୁଡ଼ିକୁ ଟାର୍ଗେଟ କରିପାରନ୍ତି, ବିଶେଷକରି ଦିଲ୍ଲୀର ଚାନ୍ଦନୀ ଚୌକରେ ଥିବା ମନ୍ଦିରକୁ। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ସୁରକ୍ଷା ପ୍ରସ୍ତୁତିକୁ ଜୋରଦାର କରାଯାଇଛି।

୧୦ ନଭେମ୍ବର, ୨୦୨୫ରେ ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ବିସ୍ଫୋରଣ ଘଟିଥିଲା। ଏଥିରେ ଅନେକ ଲୋକ ଆହତ ହୋଇଥିଲେ ଏବଂ ଅନେକ ଯାନବାହନ ନଷ୍ଟ ହୋଇଯାଇଥିଲା। ବିସ୍ଫୋରଣ ପୂର୍ବରୁ ପ୍ରାୟ ତିନି ଘଣ୍ଟା ଧରି ଲାଲକିଲ୍ଲା ଅଞ୍ଚଳରେ ପାର୍କିଂ ହୋଇଥିବା ଏକ କାରରେ ବିସ୍ଫୋରଣ ଘଟିଥିଲା। ଆତଙ୍କବାଦୀ ଆକ୍ରମଣ ପରେ, ଦେଶବ୍ୟାପୀ ଚଢ଼ଉ କରାଯାଇଥିଲା। ଅନେକ ସନ୍ଦିଗ୍ଧ ଗିରଫ ହୋଇଥିଲେ।



## କଂଗ୍ରେସ କାର୍ଯ୍ୟାଳୟକୁ ଟମାଟୋ-କମଳା ମାଡ଼



ଇନ୍ଦୋର, ୨୧।୨: ଦିଲ୍ଲୀରେ ଆୟୋଜିତ ଏଆଇ ସମିଟରେ ଯୁବ କଂଗ୍ରେସ ନେତା ହଙ୍ଗାମା କରିଥିଲେ। ଏହାର ପ୍ରତିବାଦରେ ଶନିବାର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଇନ୍ଦୋରର କଂଗ୍ରେସ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାରତୀୟ ଜନତା ଯୁବ ମୋର୍ଚ୍ଚା ଦ୍ୱାରା ପ୍ରତିବାଦ ସମୟରେ ଇନ୍ଦୋରରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା। ସହରରେ ନିୟୋଜିତ ପୋଲିସ ବାହିନୀ ପ୍ରଦର୍ଶନକାରୀଙ୍କୁ ଆଗକୁ ବଢ଼ିବାରୁ ରୋକିବା ପାଇଁ ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ନିର୍ମାଣ କରିଥିଲା। ପ୍ରତିବାଦ ହିଂସାତ୍ମକ ପରିସ୍ଥିତିରେ ପରିଣତ ହୋଇଥିଲା। ଫଳରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପ୍ରତିବାଦ ସମୟରେ, କଂଗ୍ରେସ ଏବଂ ବିଜେୱାଇଏମ୍ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଦର୍ଶନକାରୀମାନେ ପରସ୍ପର ଉପରେ ପାଣି ବୋତଲ, ପଥର, କମଳା ଏବଂ ଟମାଟୋ ଫିଙ୍ଗିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ, ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ୍ୱାଟର କ୍ୟାନନ୍ ବ୍ୟବହାର କରିଥିଲା। ଏହି ଘଟଣା ସମୟରେ ଅନେକ କର୍ମୀ ଆହତ ହୋଇଥିଲେ ଏବଂ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିଲା। ଘଟଣା କଭରେଜ୍ କରିବାକୁ ଆସିଥିବା କିଛି ଗଣମାଧ୍ୟମ କର୍ମଚାରୀଙ୍କ ଉପରେ ମଧ୍ୟ ପଥର ମାଡ଼ ହୋଇଥିଲା। ଦିଲ୍ଲୀରେ ଏଆଇ ଇମ୍ପାକ୍ଟ ସମିଟ ସମୟରେ କଂଗ୍ରେସ କର୍ମୀମାନଙ୍କ ଦ୍ୱାରା କରାଯାଇଥିବା ଅର୍ଦ୍ଧ-ନଗ୍ନ ପ୍ରଦର୍ଶନର ଜବାବରେ ଏହି ପ୍ରତିବାଦ ଆୟୋଜନ କରିଥିଲା ବିଜେପି ଯୁବ ମୋର୍ଚ୍ଚା। ଯୁବ ମୋର୍ଚ୍ଚା କର୍ମୀମାନେ ଇନ୍ଦୋରର ଗାନ୍ଧୀ ଭବନରେ ପହଞ୍ଚି କଂଗ୍ରେସ କାର୍ଯ୍ୟାଳୟ ଘେରାଉ କରିବାକୁ ଉଦ୍ୟମ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଅଞ୍ଚଳରେ ଅତିରିକ୍ତ ଫୋର୍ସ ମୁତୟନ କରିଛି।

## ବାଣିଜ୍ୟ ଚୁକ୍ତିକୁ ରାହୁଲ୍‌ଙ୍କ ସମାଲୋଚନା

ନୂଆଦିଲ୍ଲୀ, ୨୧।୨: ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଶ୍ୱବ୍ୟାପୀ ଶୁଳ୍କ ବ୍ୟବସ୍ଥାକୁ ଖାରଜ କରିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହି ପ୍ରସଙ୍ଗରେ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ବୁଝାମଣା କରିଛନ୍ତି ବୋଲି ଲେଖିଛନ୍ତି। ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିଦ୍ୱାରା ଦେଶ ପ୍ରତି ହୋଇଥିବା ବିଶ୍ୱାସଘାତର ପର୍ଦ୍ଦାଫାସ ହୋଇଛି ବୋଲି ରାହୁଲ ଅଭିଯୋଗ କରିବା ସହିତ ପ୍ରଧାନମନ୍ତ୍ରୀ ପୁନଃ ଆଲୋଚନା କରିପାରିବେ ନାହିଁ। ସେ ପୁଣି ଥରେ ଆତ୍ମସମର୍ପଣ କରିଦେବେ ବୋଲି ଏହି ପୋଷ୍ଟରେ ଲେଖିଛନ୍ତି। କଂଗ୍ରେସ ଏହାପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଉପରେ ସମାନ ଅଭିଯୋଗ କରିଆସୁଛି। ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ବାଣିଜ୍ୟ ଚୁକ୍ତି ପାଇଁ ଭାରତର ହିତକୁ ଅଣଦେଖା କରିଥିବା ଦଳ କହିଆସୁଛି। ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ ଭାରତ ପାଇଁ ଏକ ଅଗ୍ନିପରୀକ୍ଷା କହିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ହତାଶାଭାବ ଏବଂ ଆତ୍ମସମର୍ପଣ' ଦ୍ୱାରା ଦେଶ ଏହା ଭୋଗୁଛି ବୋଲି କହିଛି। କଂଗ୍ରେସରେ ଯୋଗାଯୋଗ ଦାୟିତ୍ୱରେ ଥିବା ମହାସଚିବ ଜୟରାମ ରମେଶ ମଧ୍ୟ ଦାବି କରିଛନ୍ତି ଯେ, ଯଦି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ଦୁର୍ବଳ ଭାବମୂର୍ତ୍ତିକୁ ରକ୍ଷା କରିବା ପାଇଁ ଏତେ ହତାଶ ହୋଇ ନଥାନ୍ତେ ଏବଂ ଆଉ ମାତ୍ର ୧୮ ଦିନ ଅପେକ୍ଷା କରିଥାନ୍ତେ, ତେବେ ଭାରତୀୟ କୃଷକମାନେ ଯନ୍ତ୍ରଣା ଏବଂ ଦୁର୍ଦ୍ଦଶାରୁ ରକ୍ଷା ପାଇଥାନ୍ତେ ଏବଂ ଭାରତୀୟ ସାର୍ବଭୌମତ୍ୱ ସୁରକ୍ଷିତ ରହିଥାନ୍ତା। ଏହାପୂର୍ବରୁ ଶିବସେନା (ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଭାରତ ସରକାର କାହିଁକି ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲେ ନାହିଁ ଓ ଏହି ଚୁକ୍ତି ସ୍ୱାକ୍ଷରିତ କଲେ ବୋଲି ପ୍ରଶ୍ନ କରିଛନ୍ତି। ପ୍ରିୟଙ୍କା 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଶୁଳ୍କ ୧୦ ପ୍ରତିଶତ ରହିଥିବାବେଳେ ଭାରତକୁ ଆମେରିକାର ଆମଦାନୀ ଶୂନ ପ୍ରତିଶତ ରହିଛି। ବ୍ରାଜିଲ ସର୍ବାଧିକ ଶୁଳ୍କ ଆଦାୟକାରୀ ରାଷ୍ଟ୍ର ମଧ୍ୟରେ ଥିବା ସତ୍ତ୍ୱେ ଏହାର ବାଣିଜ୍ୟ ସାର୍ବଭୌମତ୍ୱ ବଜାୟ ରଖିଲା ଓ ଆମେରିକା ଚାପ ଆଗରେ ନଇଁଲା ନାହିଁ ବୋଲି କହି ପ୍ରିୟଙ୍କା ଏହାର ପ୍ରଶଂସା କରିଥିଲେ।

## ବିହାର ରାଜନୀତିରେ ହଲଚଲ

# ୪୨ ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ୍

ପାଟନା, ୨୧।୨: ପାଟନା ହାଇକୋର୍ଟ ବିହାର ବିଧାନସଭାର ୪୨ ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ଉଭୟ ଶାସକ ଓ ବିରୋଧୀ ଦଳ ବିଧାୟକ ଅଛନ୍ତି। ୨୦୨୫ ବିଧାନସଭା ନିର୍ବାଚନରେ ଏହି ବିଧାୟକମାନଙ୍କ ବିରୋଧରେ ଭୋଟ କିଣିବା, ମତଦାନରେ ଅନିୟମିତତା ସୃଷ୍ଟି କରିବା ଓ ପ୍ରାର୍ଥୀପତ୍ରରେ ଭୁଲ ସତ୍ୟପାଠ ଦାଖଲ କରିଥିବାର ଗୁରୁତର ଅଭିଯୋଗ ରହିଛି। ତେଣୁ କୋର୍ଟ ନୋଟିସ୍ ଜାରି କରିବା ପରେ ବିହାର ରାଜନୀତିରେ ହଟଚମଟ ସୃଷ୍ଟିହୋଇଛି। କାରଣ ଯେଉଁମାନଙ୍କୁ ହାଇକୋର୍ଟ ନୋଟିସ୍ ମିଳିଛି ସେମାନଙ୍କ ମଧ୍ୟରେ ବିହାର ବିଧାନସଭାର ବାଚସ୍ପତି, ମନ୍ତ୍ରୀ ଓ ପ୍ରମୁଖ ନେତା ମଧ୍ୟ ଅଛନ୍ତି।

ଏହି ମାମଲାରେ ପାଟନା ହାଇକୋର୍ଟ ଫେବୃଆରୀ ୧୯ ତାରିଖରେ ପ୍ରାରମ୍ଭିକ ଶୁଣାଣି କରିଥିଲେ। ଏଥିରେ ନିର୍ବାଚନରେ ପରାଜିତ ପ୍ରାର୍ଥୀମାନେ ଜିତିଥିବା ପ୍ରାର୍ଥୀଙ୍କ ବିରୋଧରେ ପିଟିସନ ରୁଜୁ କରିଛନ୍ତି। ଅଭିଯୋଗକାରୀ ନିର୍ବାଚିତ ବିଧାୟକମାନେ ପଇସା ଦେଇ ଭୋଟ କ୍ରୟ କରିଥିବାର ଅଭିଯୋଗ ଆଣିଛନ୍ତି। ଏହାଛଡା



ଏହି ନିର୍ବାଚିତ ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନୀ ଶପଥପାଠରେ ସେମାନଙ୍କ ସମ୍ପତ୍ତି ଓ ଅପରାଧିକ ରେକର୍ଡ ଲୁଚାଇଥିବାର ଗୁରୁତର ଅଭିଯୋଗ ଅଣାଯାଇଛି। ଶୁଣାଣି ପରେ କୋର୍ଟ ସମସ୍ତ ୪୨ ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ତି ଓ ସେମାନଙ୍କୁ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଶୁଣାଣିରେ ବିଧାୟକଙ୍କ ସାକ୍ଷ ଓ ଜବାବ ଅନୁସାରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ହେବ।

ହାଇକୋର୍ଟ ଯେଉଁ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ତି ସେମାନଙ୍କ ମଧ୍ୟରେ ବିଜେପିର ବିଧାନସଭା ବାଚସ୍ପତି ପ୍ରେମ କୁମାର ଥିବା ବେଳେ ଜେଡିୟୁର ଶକ୍ତି ଓ ଅର୍ଥମନ୍ତ୍ରୀ ବିଜେନ୍ଦ୍ର ଯାଦବ, ବିଜେପି ବିଧାୟକ ତଥା ପୂର୍ବତନମନ୍ତ୍ରୀ ଜୀବେଶ ମିଶ୍ର, ଜେଡିୟୁ ବିଧାୟକ ଚେତନ ଆନନ୍ଦ, ବିରୋଧୀ ଆରଜେଡି ବିଧାୟକ ଅମରେନ୍ଦ୍ର ପ୍ରସାଦ ଆଦି ଅଛନ୍ତି। ନୋଟିସ ଜାରି ହୋଇଥିବା ବିଧାୟକଙ୍କ ମଧ୍ୟରେ ଏନଡିଏର ୩୨ ଜଣ ବିଧାୟକ ଥିବାବେଳେ ମହାଗଠବନ୍ଧନର ୮-୧୦ ବିଧାୟକଙ୍କ ନାମ ରହିଛି। ହାଇକୋର୍ଟଙ୍କ ନୋଟିସ୍ ମିଳିବା ପରେ ଏହାକୁ ନେଇ ପାଟନା ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି।

ଏହି ମାମଲା ବିହାର ରାଜନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେବ ବୋଲି ଏବେ କୁହାଯାଉଛି। ଯଦି ମାମଲାର ଶୁଣାଣିରେ ବିଧାୟକଙ୍କ ସଦସ୍ୟତା ରଦ୍ଦ ହୁଏ ତେବେ ବିଧାନସଭା ଶକ୍ତିରେ ପରିବର୍ତ୍ତନ ଆସିବ ବୋଲି ଆଶଙ୍କା କରାଯାଉଛି। ଏବେ ସମସ୍ତଙ୍କ ନଜର ମାମଲାର ପରବର୍ତ୍ତି ଶୁଣାଣି ଉପରେ ରହିଛି। ହାଇକୋର୍ଟଙ୍କ ନିଷ୍ପତ୍ତି ଆଗକୁ ରାଜ୍ୟ ରଜନୀତିର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ଆକଳନ କରାଯାଉଛି।

## କେରଳରୁ ପଶ୍ଚିମବଙ୍ଗ ଗସ୍ତ କରିବେ ନିର୍ବାଚନ ଅଧିକାରୀ

ନୂଆଦିଲ୍ଲୀ,୨୧।୨: କେରଳ, ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗ ଓ ଆସାମ ଆଦି ୫ ରାଜ୍ୟରେ ବିଧାନସଭା ନିର୍ବାଚନ କରିବା ପାଇଁ ନିର୍ବାଚନ କମିସନ ପ୍ରସ୍ତୁତ ହୋଇଛନ୍ତି। ପାଞ୍ଚଟି ରାଜ୍ୟ ପାଇଁ ନିର୍ବାଚନ ବିଗୁଲ୍ ବାଜିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିସନର ଏକ ଦଳ ନିର୍ବାଚନ ପ୍ରସ୍ତୁତି ମୂଲ୍ୟାଙ୍କନ କରିବା ପାଇଁ ଫେବୃଆରି ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ଓ ପୁଡୁଚେରୀ ଗସ୍ତ କରିବେ। ଏହି ସମୟ ମଧ୍ୟରେ ନିର୍ବାଚନ ପ୍ରସ୍ତୁତି ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ। ତାମିଲନାଡୁ ଓ ପୁଡୁଚେରୀ ବ୍ୟତୀତ ଆସନ୍ତା ଏପ୍ରିଲ-ମେ'ରେ ଆସାମ, କେରଳ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବ। ନିର୍ବାଚନ ପ୍ରସ୍ତୁତିର ମୂଲ୍ୟାଙ୍କନ ସକାଶେ ନିର୍ବାଚନ କମିସନର ଶୀର୍ଷ ଅଧିକାରୀମାନେ ଏହି ସପ୍ତାହରେ ଆସାମ ଗସ୍ତ କରିଛନ୍ତି। ଜ୍ଞାନେଶ କୁମାର ଗୌହାଟୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ନିର୍ବାଚନ କମିସନ ୧୪ ଏପ୍ରିଲରେ ପଡୁଥିବା ବିହୁ ପର୍ବକୁ ଧ୍ୟାନରେ ରଖି ଉତ୍ତର-ପୂର୍ବ ରାଜ୍ୟ ପାଇଁ ନିର୍ବାଚନ କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିବେ।



ନିର୍ବାଚନ କମିସନଙ୍କ ଦଳ ଆସନ୍ତାକାଲି ଓ ୨୩ରେ କେରଳରେ ରହିବେ। ରାଜ୍ୟ ନିର୍ବାଚନ କମିସନ ସମ୍ମିଳନୀରେ ଯୋଗଦେବା ପାଇଁ ନିର୍ବାଚନ କମିସନଙ୍କ ଦଳ ୨୪ ତାରିଖରେ ଦିଲ୍ଲୀ ଫେରିବେ। ଏହାପରେ ଆସନ୍ତା ୨୫ରେ କମିସନ ପୁଡୁଚେରୀ ଓ ତାମିଲନାଡୁ ଯିବେ। କମିଶନ ୨୫ରେ ପୁଡୁଚେରୀରେ ରହିବେ। ନିର୍ବାଚନ ପ୍ରସ୍ତୁତି ପାଇଁ ନିର୍ବାଚନ କମିସନଙ୍କ ଦଳ ୨୬ ଓ ୨୭ରେ ତାମିଲନାଡୁରେ ରହିବେ। ସେହିପରି ମାର୍ଚ୍ଚ ପ୍ରଥମ ସପ୍ତାହରେ ପଶ୍ଚିମବଙ୍ଗ ଯିବେ। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବା ପୂର୍ବରୁ ନିର୍ବାଚନ କମିସନ ନିର୍ବାଚନ ହେଉଥିବା ରାଜ୍ୟଗୁଡ଼ିକୁ ଗସ୍ତ କରିବା ସାଧାରଣ କଥା। ଏହି ପାଞ୍ଚଟି ରାଜ୍ୟର ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ମେ' ଓ ଜୁନ୍‌ରେ ପୃଥକ୍ ତାରିଖରେ ଶେଷ ହେବ। ପୁଡୁଚେରୀ ବିଧାନସଭାର ୫ ବର୍ଷର କାର୍ଯ୍ୟକାଳ ଜୁନ୍ ୧୫ରେ ଶେଷ ହେଉଥିବାବେଳେ ଆସାମ, କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ମେ' ୭, ୧୦, ୨୦ ଓ ୨୩ରେ ଶେଷ ହେଉଛି। ଗତ ଥର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଠଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା, ଯାହା ଅଦ୍ୟାବଧି ସର୍ବାଧିକ ପର୍ଯ୍ୟାୟ ଥିଲା। ଆସାମରେ ୨ଟି ପର୍ଯ୍ୟାୟ ଥିବା ବେଳେ ତାମିଲନାଡୁ, କେରଳ ତଥା ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ହୋଇଥିଲା।

## ଭାରତରେ ବ୍ରାଜିଲ୍ ରାଷ୍ଟ୍ରପତି

# ବ୍ୟାବସାୟିକ ଚୁକ୍ତି ଚୂଡ଼ାନ୍ତ

ନୂଆଦିଲ୍ଲୀ, ୨୧।୨:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ପ୍ରତ୍ୟେକ କ୍ଷେତ୍ରରେ ଦୁଇ ଦେଶ ମଧରେ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କର ମିଳିତ ସଂକଳ୍ପକୁ ଦୋହରାଇଛନ୍ତି। ଆଗାମୀ ପାଞ୍ଚ ବର୍ଷ ମଧରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଆମେରିକୀୟ ଡଲାର ଅତିକ୍ରମ କରିବାକୁ ପ୍ରତିବଦ୍ଧ ହୋଇଛନ୍ତି। ରାଷ୍ଟ୍ରପତି ଲୁଲାଙ୍କୁ ଭାରତରେ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି



ଯେ ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଦ୍ୱାରା ଭାରତ-ବ୍ରାଜିଲ ସମ୍ପର୍କ ନିରନ୍ତର ମଜବୁତ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ଷ ବର୍ଷ ଧରି ଲୁଲାଙ୍କ ସହ ପ୍ରତ୍ୟେକ ସାକ୍ଷାତ ଭାରତ ପ୍ରତି ତାଙ୍କର ଗଭୀର ବିଶ୍ୱାସ ଓ ବନ୍ଧୁତାକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଛି। ପ୍ରଧାନମନ୍ତ୍ରୀ ଗ୍ଲୋବାଲ୍ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି ଲୁଲାଙ୍କ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ, ଏହା ଦୁଇ ଦେଶ ମଧରେ ରଣନୈତିକ ସହଭାଗୀତାକୁ ନୂତନ ପ୍ରେରଣା ଦେଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବ୍ରାଜିଲ ହେଉଛି ଲାଟିନ୍ ଆମେରିକାରେ ଭାରତର ସବୁଠାରୁ ବଡ଼ ରାଷ୍ଟ୍ର। ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ସେ ରାଷ୍ଟ୍ରପତି ଲୁଲାଙ୍କ ସହ ଆସିଥିବା ବୃହତ ବ୍ୟବସାୟିକ ପ୍ରତିନିଧି ଦଳକୁ ପାରସ୍ପରିକ ବିଶ୍ୱାସର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ମର୍କୋସୁର ବାଣିଜ୍ୟ ଚୁକ୍ତିନାମାର ବିସ୍ତାର ଦୁଇ ଦେଶ ମଧରେ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବ। ସେ ଏହା ମଧ ଗୁରୁତ୍ୱାରୋପ କରିଛନ୍ତି, ଯେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ଭାରତ-ବ୍ରାଜିଲ ସହଯୋଗ କେବଳ ଦୁଇ ଦେଶ ପାଇଁ ନୁହେଁ ବରଂ ସମଗ୍ର ଗ୍ଲୋବାଲ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବ୍ରାଜିଲରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ କାର୍ଯ୍ୟ କରୁଛି। ସେ କୃତ୍ରିମ ବୁଦ୍ଧିମତ୍ତା, ସୁପର କମ୍ପ୍ୟୁଟର, ସେମିକଣ୍ଡକ୍ଟର ଓ ବ୍ଲକଚେନ୍ ଭଳି ଅତ୍ୟାଧୁନିକ କ୍ଷେତ୍ରରେ ସହଯୋଗକୁ ମଧ ପ୍ରାଥମିକତା ଦେଇଛନ୍ତି। ଶକ୍ତି ସହଯୋଗକୁ ଭାରତ-ବ୍ରାଜିଲ ସମ୍ପର୍କର ଏକ ଦୃଢ଼ ସ୍ତମ୍ଭ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ହାଇଡ୍ରୋକାର୍ବନ ବ୍ୟତୀତ, ନବୀକରଣୀୟ ଶକ୍ତି, ଇଥାନଲ ମିଶ୍ରଣ ଓ ସ୍ଥାୟୀ ବିମାନ ଇନ୍ଧନ ଭଳି କ୍ଷେତ୍ରରେ ସହଯୋଗ ଦ୍ରୁତ ଗତିରେ ବିସ୍ତାର ହେଉଛି। ସେ ଗ୍ଲୋବାଲ ଜୈବ ଇନ୍ଧନ ଆଲାଏନ୍ସରେ ବ୍ରାଜିଲର ସକ୍ରିୟ ଭୂମିକାକୁ ପ୍ରଶଂସା କରି ଏହାକୁ ଏକ ସବୁଜ ଭବିଷ୍ୟତ ପାଇଁ ଏକ ସହଭାଗୀ ପ୍ରତିବଦ୍ଧତା ବୋଲି କହିଥିଲେ। ସେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ବ୍ରାଜିଲର ସହ-ଅଧ୍ୟକ୍ଷତା ପ୍ରସ୍ତାବକୁ ମଧ ସ୍ୱାଗତ କରିଛନ୍ତି।

## ପୋଲାଣ୍ଡ ସୀମାରେ ଲ୍ୟାଣ୍ଡମାଇନ୍

ପୋଲାଣ୍ଡ,୨୧।୨: ରୁଷରୁ ବର୍ଦ୍ଧିତ ବିପଦକୁ ଦୃଷ୍ଟିରେ ରଖି, ପୋଲାଣ୍ଡ ଏହାର ସୁରକ୍ଷା ରଣନୀତିରେ ଏକ ବଡ଼ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ଦେଶର ଉପ-ପ୍ରତିରକ୍ଷା ମନ୍ତ୍ରୀ ପାଓ୍ୱେଲ୍ ଜାଲେଓ୍ୱସ୍କି ସୀମାରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲ୍ୟାଣ୍ଡମାଇନ୍ ବିଛାଇବା ପାଇଁ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି। ନାଟୋର ପୂର୍ବ ପାର୍ଶ୍ୱକୁ ସୁରକ୍ଷିତ ରଖିବା ଓ ଭବିଷ୍ୟତରେ କୌଣସି ରୁଷ ଆକ୍ରମଣକୁ ରୋକିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଏବେ ପୋଲାଣ୍ଡ ମଧ୍ୟ ବିବାଦୀୟ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଉଥିବା ଅନ୍ତର୍ଜାତୀୟ ଓଟାଓ୍ୱା ଚୁକ୍ତିରୁ ସମ୍ପୂର୍ଣ୍ଣ ଓହରିଯାଇଛି। ପୋଲାଣ୍ଡ ଉତ୍ତରରେ ରୁଷ ଓ ପୂର୍ବରେ ବେଲାରୁଷ ସହିତ ଏହାର ଲମ୍ବା ସୀମାରେ ପ୍ରତିରକ୍ଷା ଢାଞ୍ଚା ନିର୍ମାଣ କରୁଛି। ଉପପ୍ରତିରକ୍ଷା ମନ୍ତ୍ରୀ ପାଓ୍ୱେଲ ଜାଲେଓ୍ୱସ୍କିଙ୍କ ଅନୁଯାୟୀ, ବର୍ତ୍ତମାନର ପରିସ୍ଥିତିରେ ସୁରକ୍ଷା ଉଦ୍ଦେଶ୍ୟରେ ସୀମାରେ ଲ୍ୟାଣ୍ଡମାଇନ୍ ବିଛାଇବା ଅତ୍ୟାବଶ୍ୟକ ହୋଇଯାଇଛି। ପୋଲାଣ୍ଡକୁ ନିଜ ସୀମାକୁ ସୁରକ୍ଷା ଦେବା ଆବଶ୍ୟକ। କାରଣ ରୁଷ ସର୍ବଦା ପଡ଼ୋଶୀମାନଙ୍କ ପ୍ରତି ଆକ୍ରମଣାତ୍ମକ ଉଦ୍ଦେଶ୍ୟ ପୋଷଣ କରିଆସିଛି। ପୋଲାଣ୍ଡ ଏବେ ଆନୁଷ୍ଠାନିକ ଭାବେ ୧୯୯୭ର ପ୍ରସିଦ୍ଧ ଅଟାଓ୍ୱା ଚୁକ୍ତିନାମାରୁ ଓହରିଯାଇଛି। ଏହି ଚୁକ୍ତିନାମା ସ୍ୱାକ୍ଷରକାରୀମାନଙ୍କୁ ପ୍ରତିରକ୍ଷା ଉଦ୍ଦେଶ୍ୟରେ ଲ୍ୟାଣ୍ଡମାଇନ୍ ରଖିବା କିମ୍ବା ଖନନ କରିବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରିଥିଲା। ରୁଷ-ୟୁକ୍ରେନ ଯୁଦ୍ଧ ପରେ ପରିବର୍ତ୍ତିତ ପରିସ୍ଥିତିରେ, ପୋଲାଣ୍ଡ ଏବେ ନିଜର ଦୀର୍ଘକାଳୀନ ପ୍ରତିରକ୍ଷା ନୀତିକୁ ସମ୍ପୂର୍ଣ୍ଣ ପୁନଃମୂଲ୍ୟାୟନ କରିବାକୁ ନିଷ୍ପତ୍ତି ନେଇଛି। ପୋଲାଣ୍ଡ ୨୦୧୨ରେ ଏହି ଚୁକ୍ତିକୁ ଅନୁମୋଦନ କରିଥିଲା ଓ ୨୦୧୬ ସୁଦ୍ଧା ଏହାର ସମସ୍ତ ପୁରୁଣା ଲ୍ୟାଣ୍ଡମାଇନ୍ ନଷ୍ଟ କରିଥିଲା। ତଥାପି ଏବର ସଙ୍କଟକୁ ଦୃଷ୍ଟିରେ ରଖି ପୋଲାଣ୍ଡ ଏହି ଅସ୍ତ୍ରଶସ୍ତ୍ରର ଉତ୍ପାଦନ ଓ ନିୟୋଜନ ପୁନଃଆରମ୍ଭ ପାଇଁ ଯୋଜନା କରିଛି।



ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ଗତ ୨୦୨୨ ଫେବ୍ରୁଆରୀ ପରଠାରୁ ରୁଷ ଆକ୍ରମଣରେ ୫,୦୦୦ରୁ ଅଧିକ ମହିଳା ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ରୁଷିଆ ଅବୈଧ ଭାବେ ୟୁକ୍ରେନର ୨୦ ପ୍ରତିଶତରୁ ଅଧିକ ଅଞ୍ଚଳ ଦଖଲ କରିଛି। ଏହି ଅଞ୍ଚଳଗୁଡ଼ିକରେ ରହୁଥିବା ପ୍ରାୟ ୩ରୁ ୫ ନିୟୁତ ଲୋକ ପାଣି, ଶକ୍ତି ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ। ପୋଲାଣ୍ଡ ଅନୁସାରେ, ରୁଷ କେବେ ବି ଅନ୍ତର୍ଜାତୀୟ ଲ୍ୟାଣ୍ଡମାଇନ୍ ନିଷେଧ ଚୁକ୍ତିନାମା ପ୍ରତି ପ୍ରତିଶ୍ରୁତିବଦ୍ଧ ହୋଇନାହିଁ। ତେଣୁ ପୋଲାଣ୍ଡକୁ ଏବେ ଏହାର ଜାତୀୟ ସାର୍ବଭୌମତ୍ୱ ଓ ନାଗରିକ ଜୀବନକୁ ସୁରକ୍ଷା ଦେବା ପାଇଁ ତୁରନ୍ତ ଆକ୍ରମଣାତ୍ମକ ପ୍ରତିରକ୍ଷା ପଦକ୍ଷେପ ନେବାକୁ ପଡ଼ିବ।

# କୁକୁର ପାଇଁ ଭାଙ୍ଗିଲା ବାହାଘର, ଫେରିଗଲା ବର

ଉତ୍ତରପ୍ରଦେଶ, ୨୧।୨: କନ୍ୟାର ପୋଷ କୁକୁର ପାଇଁ ଭାଙ୍ଗିଗଲା ବାହାଘର। ମଣ୍ଡପରୁ ଫେରିଲେ ଦୁଇ ପକ୍ଷ। ଉତ୍ତର ପ୍ରଦେଶରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ପୋଷା କୁକୁରକୁ ନେଇ ବର ପକ୍ଷ ଓ କନ୍ୟା ପକ୍ଷ ମଧ୍ୟରେ ବିବାଦ ଯୋଗୁ ବିବାହ ବନ୍ଦ କଲେ କନ୍ୟା। ବୁଧବାର ଫେତପୁର ଜିଲ୍ଲା ଖଗା କୋତଓ୍ୱାଲିର ଏକ ଗେଷ୍ଟ ହାଉସରେ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ବିବାହ ପାଇଁ କନ୍ୟା ପକ୍ଷ ପ୍ରୟାଗରାଜରୁ ଏକ ପ୍ରାଇଭେଟ ବସ୍ ଯୋଗେ ପହଞ୍ଚିଥିଲେ। ସେପଟେ ବର ପକ୍ଷ ପାରମ୍ପରିକ ଭାବରେ ପ୍ରୋସେସନ କରି ପହଞ୍ଚିଥିଲେ। ପ୍ରାରମ୍ଭିକ ଭାବରେ ସବୁ ରୀତିନୀତି ସରିଥିଲା। ବର- କନ୍ୟା ପରସ୍ପରକୁ ବରମାଳା ମଧ୍ୟ ପିନ୍ଧାଇଥିଲେ।

ବର ମିତ୍ କେଶରଓ୍ୱାନି କହିଛନ୍ତି ସେ ଓ ମହିଳା ପରସ୍ପରକୁ ଭଲ ପାଉଥିଲେ। ସେମାନେ କାନପୁରରେ ଏକ ଆର୍ଯ୍ୟ ସମାଜ ଉତ୍ସବରେ ବିବାହ କରିବାକୁ ପଳାଇଯାଇଥିଲେ। ହେଲେ ଆଲୋଚନା ପରେ କନ୍ୟା ପରିବାର ଆନୁଷ୍ଠାନିକ ଭାବରେ ବିବାହ କରିବାକୁ ରାଜି ହୋଇଥିଲେ। ଏଥିପାଇଁ ଫତେପୁରରେ ଏକ ବଡ଼ ବିବାହ ଉତ୍ସବର ଆୟୋଜନ କରାଯାଇଥିଲା।

ମାତ୍ର ଭୋର ୪ଟା ସମୟରେ ବେଦୀରେ ଅଳଙ୍କାର ପ୍ରଦାନ ଚାଲିଥିବା ବେଳେ, ନିକଟରେ ବନ୍ଧା ହୋଇଥିବା କନ୍ୟାଙ୍କ କୁକୁରଟି ଭୁକିବାକୁ ଲାଗିଥିଲା।



ଏଥିରେ ବିରକ୍ତ ହୋଇ ବର ପକ୍ଷର ଜଣେ ଯୁବକ କୁକୁରକୁ ପିଟିଦେଇଥିଲେ। ଯାହାକୁ ତୀବ୍ର ବିରୋଧ କରିଥିଲେ କନ୍ୟା ପରିବାର। ଆଉ ଏଠାରୁ ଆରମ୍ଭ ହୋଇଥିବା ବିବାଦ। ପ୍ରଥମେ ଯୁକ୍ତ ତର୍କ ଆଉ ପରେ ଆରମ୍ଭ ହୋଇଗଲା ହାତାହାତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଗଣ୍ଡଗୋଳରେ ଲାଠି ଏବଂ ଚେୟାର ମଧ୍ୟ ବ୍ୟବହାର ହୋଇଥିଲା। ଏହି ଗଣ୍ଡଗୋଳରେ କନ୍ୟାପକ୍ଷର ତିନି ଜଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ସେମାନଙ୍କ ଦେହରୁ ରକ୍ତ ବାହାରିଥିଲା। ସେହିଭଳି ବର ପକ୍ଷର ଜଣେ ଦୁଇଜଣ ସଦସ୍ୟ ସାମାନ୍ୟ ଆହତ ହୋଇଥିଲେ। ତେବେ ପୋଲିସ ପହଞ୍ଚିବା ମାତ୍ରେ ଅନେକ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ଖାଗା ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବିବାହ ବନ୍ଦ କରିଥିଲେ। ଆହତଙ୍କୁ ପ୍ରୟାଗରାଜ ପଠାଇବା ପୂର୍ବରୁ ଚିକିତ୍ସା କରାଯାଇଥିଲା। ଏହା ପରେ ଗୁରୁବାର ଉଭୟ ପରିବାର ପୋଲିସ ଷ୍ଟେସନକୁ ପୁଣି ଆସିଥିଲେ। ଯେଉଁଠାରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଆଉ ଏହି ସମୟରେ କନ୍ୟା ସ୍ପଷ୍ଟ ଭାବରେ କହିଥିଲେ ଯେ ସେ ଆଉ ବିବାହ କରିବାକୁ ଚାହାଁନ୍ତିନାହିଁ। ଏହା ପରେ, ଉଭୟ ପରିବାରର ବରିଷ୍ଠ ସଦସ୍ୟଙ୍କ ମଧ୍ୟରେ ଏକ ପଞ୍ଚାୟତ ଡକାଯାଇଥିଲା। ବିବାହ ଉତ୍ସବ ସମୟରେ ଦିଆଯାଇଥିବା ଉପହାର ଏବଂ ଅର୍ଥ ଫେରାଇ ଦିଆଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇ ମାମଲାର ସମାଧାନ କରାଯାଇଥିଲା।



# ରାଜସ୍ଥାନରେ ବାଦ ପଡ଼ିଲେ ୩୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର୍

ଜୟପୁର, ୨୧।୨: ଭୋଟର ତାଲିକାକୁ ସଂଶୋଧନ କରିବା ପାଇଁ ବିଭିନ୍ନ ରାଜ୍ୟରେ ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ସ(ଏସ୍ଆଇଆର୍) କରାଯାଇଥିଲା। ଏହି ପ୍ରକ୍ରିୟା ନଅଟି ରାଜ୍ୟ ଓ ତିନୋଟି କେନ୍ଦ୍ରଶାସିତ ଅଞ୍ଚଳରେ କରାଯାଇଥିଲା। ରାଜସ୍ଥାନରେ ମଧ୍ୟ ଏହି ପ୍ରକ୍ରିୟା କରାଯାଇଥିଲା। ନିର୍ବାଚନ କମିସନ କହିଛନ୍ତି ଯେ, ରାଜସ୍ଥାନରେ ଏସ୍ଆଇଆର୍ ପ୍ରକ୍ରିୟା ସମାପ୍ତ ହୋଇଛି। ଏହା ସହ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି। ତାଲିକା ଅନୁଯାୟୀ, ରାଜ୍ୟର ୩୧ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି।

ଚୂଡ଼ାନ୍ତ ଭୋଟର ତାଲିକାରେ ରାଜସ୍ଥାନର ୧୯୯ ବିଧାନସଭା ନିର୍ବାଚନମଣ୍ଡଳୀରୁ ୫ କୋଟି ୧୫ ଲକ୍ଷ ଭୋଟରଙ୍କୁ ୯୨୯ ଅନ୍ତର୍ଭୁକ୍ତ କରାଯାଇଛି। ଯାହା ଡ୍ରାଫ୍ଟ ପ୍ରକାଶନରୁ ୧,୦୪୮,୬୦୫ ଭୋଟର (୨.୦୮%) ବୃଦ୍ଧି ପାଇଛି। ନିର୍ବାଚନ କମିସନ ପୂର୍ବରୁ ଏକ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିଥିଲେ। ନିର୍ବାଚନ କମିସନ ୨୭ ଅକ୍ଟୋବର, ୨୦୨୫ରେ ଏକ ପ୍ରାରମ୍ଭିକ ଭୋଟର ତାଲିକା ପ୍ରକାଶ କରିଥିଲେ, ଯେଉଁଥିରେ ୫୪.୬୫୬ ନିୟୁତ ଭୋଟର ଦର୍ଶାଯାଇଥିଲା। ଏହାର ଅର୍ଥ ହେଉଛି ଚୂଡ଼ାନ୍ତ ଭୋଟର ତାଲିକାରୁ ୩୧ଲକ୍ଷ ୩୬ହଜା ୨୮୬ ଜଣଙ୍କ ନାମ ବାଦ୍ ଦିଆଯାଇଛି।

ଡ୍ରାଫ୍ଟ ତାଲିକା ପ୍ରକାଶ କରିବା ପରେ, ନିର୍ବାଚନ କମିସନ ଭୋଟର ତାଲିକାରେ ୧୨ ଲକ୍ଷ ନାମ ଯୋଡିଥିବା ଜଣାପଡ଼ିଛି। ଏହା ସହିତ, ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ବର୍ତ୍ତମାନ ୫ କୋଟି ୧୫ ଲକ୍ଷ ୧୯ ହଜାର ୯୨୯ରେ ପହଞ୍ଚିଛି। ଏଥିମଧ୍ୟରୁ ୨ କୋଟି ୬୯ ଲକ୍ଷ ୫୭ ହଜାର ୮୮୧ ପୁରୁଷ ଭୋଟର, ୨ କୋଟି ୪୫ ଲକ୍ଷ ୬୧ ହଜାର ୪୮୬ ମହିଳା ଭୋଟର। ଟ୍ରାନ୍ସଜେଣ୍ଡର ଭୋଟରଙ୍କ ସଂଖ୍ୟା ୫୬୨ ରହିଛି। ଡ୍ରାଫ୍ଟ ତାଲିକା ପରେ, ରାଜ୍ୟ ରାଜଧାନୀ ଜୟପୁରରେ ସର୍ବାଧିକ ଭୋଟର ଯୋଡା ହୋଇଛନ୍ତି। ଡ୍ରାଫ୍ଟ ପରେ, ୨ଲକ୍ଷ ୪୨ହଜାର ୭୬୦ ଭୋଟରଙ୍କ ନାମ ବାଦ ଦିଆଯାଇଛି। ରାଜ୍ୟରେ ଲିଙ୍ଗ ଅନୁପାତ ୯୦୯ ରୁ ୯୧୧କୁ ବୃଦ୍ଧି ପାଇଛି। ଜୟପୁର ଜିଲ୍ଲାରେ ଲିଙ୍ଗ ଅନୁପାତରେ ୭ ପଏଣ୍ଟ ବୃଦ୍ଧି ପାଇଛି। କୋଟାରେ ୬ ପଏଣ୍ଟ ବୃଦ୍ଧି ପାଇଛି, ଯେତେବେଳେ ଆଜମେର, ସିରୋହି, ଡୁଙ୍ଗରପୁର, ବୁନ୍ଦି, ଝାଲାଓ୍ୱାର ଓ ବାରନରେ ୪ ପଏଣ୍ଟ ବୃଦ୍ଧି ପାଇଛି। ରାଜସ୍ଥାନ ଓ ଅନ୍ୟ ଅନେକ ରାଜ୍ୟ ପାଇଁ ଚୂଡ଼ାନ୍ତ ସଂଖ୍ୟା ଏପର୍ଯ୍ୟନ୍ତ ବାକି ଅଛି। ନିର୍ବାଚନ କମିସନ କହିଛନ୍ତି, ବାକି ରାଜ୍ୟଗୁଡ଼ିକରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ।

# ଭଡ଼ାରେ ଲାଗୁଛି ବ୍ୟାଙ୍କ ପାସବୁକ୍




**ଝାରସୁଗୁଡ଼ା, ୨୧।୨ (ସଂଚାର ବ୍ୟୁରୋ) :** ଝାରସୁଗୁଡ଼ାରେ ଭଡ଼ାରେ ଲାଗୁଛି ବ୍ୟାଙ୍କ ପାସବୁକ। ମଧ୍ୟସ୍ଥିମାନେ ସାଜୁଛନ୍ତି ବ୍ୟାଙ୍କ କର୍ମଚାରୀ। ସାଇବର କବଚ ଅପରେସନରେ ସାତ ଜଣ ଏଭଳି ଜାଲ ମଧ୍ୟସ୍ଥିଙ୍କୁ ଗିରଫ କରିଛି ଝାରସୁଗୁଡା ପୁଲିସ। ଏସବୁ ଜାଲ୍ ବ୍ୟାଙ୍କ ଆକାଉଣ୍ଟ ସହ ରହିଛି ଆନ୍ତର୍ଜାତିକ ଲିଙ୍କ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଏସପି ଜି.ଆର. ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି।

ଝାରସୁଗୁଡ଼ା ଜିଲ୍ଲାରେ ଅକାମୀ ଏକାଉଣ୍ଟ ଜରିଆରେ ଲୋକଙ୍କୁ ଠକୁଥିବା ଅଭିଯୋଗରେ ଜଣେ ମାଷ୍ଟର ମାଇଣ୍ଡ, ପାଞ୍ଚ ଜଣ ଦଲାଲ ଏବଂ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। କରେଣ୍ଟ ଆକାଉଣ୍ଟ ଖୋଲି ପରେ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ଟଙ୍କା ଉଠାଉଥିଲେ ସାଇବର ଠକ। ଠକେଇ ଅର୍ଥରୁ ଅକାମୀ ଆକାଉଣ୍ଟ ହୋଲଡରମାନେ ୦.୮ ପ୍ରତିଶତ ଏବଂ ମଧ୍ୟସ୍ଥିମାନେ ୦.୨ ପ୍ରତିଶତ କମିଶନ୍ ପାଉଥିବା ତଦନ୍ତରୁ ଜଣାପଡିଛି। ଲଇକେରା ଥାନା ଅଞ୍ଚଳରେ ଜଣେ କ୍ଷୁଦ୍ର ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେ ସାଇବର ଠକେଇରେ ସହାୟତା କରି ଏକାଉଣ୍ଟ ଖୋଲୁଥିଲେ। ମୁଖ୍ୟ ମାଷ୍ଟର ମାଇଣ୍ଡ ଗାଜିଆବାଦ ଉତ୍ତରପ୍ରଦେଶର ହିମାଂଶୁ କୁମାର ଶ୍ରୀବାସ୍ତବଙ୍କୁ ପୁଲିସ୍ ଗାଜିଆବାଦରୁ ଗିରଫ କରିଥିବା ବେଳେ ବାକି ଠକଙ୍କୁ ଲଇକେରା ଥାନା ଅଞ୍ଚଳ ଏବଂ ବେଲପାହାଡ଼ ଥାନା ଅଞ୍ଚଳରୁ ପୋଲିସ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କ ଠାରୁ ପୋଲିସ ଏପର୍ଯ୍ୟନ୍ତ ୧୪ କୋଟି ଟଙ୍କାରୁ ଅଧିକ ଠକେଇ ଅର୍ଥ ଜବତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ରାଗ ଶୁଝାଇଲେ ଟ୍ରମ୍ପ୍

## ୧୫% କଲେ ଅନ୍ତର୍ଜାତୀୟ ଟାରିଫ୍

**ୱାଶିଂଟନ୍,୨୧।୨(ସଂଚାର ବ୍ୟୁରୋ):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ବାର ଦେଶର ରାଷ୍ଟ୍ରପତି ହେବା ପରେ ତାଙ୍କ ଟାରିଫ୍ ନୀତିକୁ ଅତ୍ୟଧିକ ଆକ୍ରମଣାତ୍ମକ କରିଥିଲେ। ଫଳସ୍ୱରୂପ ତାଙ୍କୁ ଦେଶ ଭିତରେ ଓ ବାହାରେ ଯଥେଷ୍ଟ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏପରିକି ଗତକାଲି ତାଙ୍କୁ ଦେଶର ସୁପ୍ରିମ୍‌କୋର୍ଟ ମଧ୍ୟ ଭର୍ତ୍ସନା କରିବା ସହ ଏପରି ଟାରିଫ୍ ନୀତି ଲାଗୁ କରି ଟ୍ରମ୍ପ୍ ତାଙ୍କ କ୍ଷମତା ପରିସର ବଢ଼ାଇଛନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ଏପରି ଏକ ରାୟ ଆସିବା ପରେ ଟ୍ରମ୍ପ୍ ନିଜ ପାଖରେ ଆହୁରି କିଛି ବ୍ୟାକ୍‌ଅପ୍ ପ୍ଲାନ୍ ଅଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଆଜି ସେ ଏହି ବ୍ୟାକ୍‌ଅପ୍ ପ୍ଲାନ୍ ଅନୁସାରେ, ଅନ୍ତର୍ଜାତୀୟ ଟାରିଫ୍‌କୁ ୧୫ ପ୍ରତିଶତକୁ ବଢ଼ାଇ ଦେଇଛନ୍ତି। ଏନେଇ ସେ କହିଛନ୍ତି ଯେ ଯଦିଓ ଏହି ଟାରିଫ୍ ୧୦ ପ୍ରତିଶତ ହେବାର ଥିଲା, କିନ୍ତୁ ଏହାକୁ ୧୫% କରିବା ନେଇ ଯଥେଷ୍ଟ ଯୁକ୍ତି ରହିଛି। ଏପରିକି ଆଗାମୀ ଦିନରେ ମଧ୍ୟ ସେ ତାଙ୍କ କ୍ଷମତା ପ୍ରୟୋଗ କରି ଆଇନର ଗଣ୍ଡି ଭିତରେ ରହି ଆହୁରି ଅନେକ ସଂସ୍କାରମୂଳକ ଟାରିଫ୍ ଲାଗୁ କରାଯିବ ବୋଲି ସେ କହିଛନ୍ତି।



## ବ୍ଲଡ୍ ଲାଇନ କଟକ ୧୫ଶ ଯୁବା ବାସ୍କେଟ୍‌ବଲ୍ ଚାମ୍ପିୟନ

**ଭୁବନେଶ୍ୱର, ୨୧।୨ (ସଂଚାର ବ୍ୟୁରୋ) :** ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟର ଆଜି ଉଦ୍‌ଯାପନୀ ଦିନରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ବିଜେପି ନେତା ଜଗନ୍ନାଥ ପ୍ରଧାନ , ସମ୍ମାନିତ ଅତିଥି ରୂପେ ସୁଧିର କୁମାର ଶତପଥୀ, ଚନ୍ଦନ କୁମାର ପାଳିତ, ସଚ୍ଚିଦାନନ୍ଦ ନାୟକ, ବିଶ୍ୱପ୍ରସାଦ ମହାନ୍ତି,ପ୍ରଦୀପ ପ୍ରଜ୍ଜ୍ୱଳନ ସହ କ୍ୱାଟର ଫାଇନାଲର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସଂପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, ଆଦର୍ଶ ପଟ୍ଟନାୟକ ଅନନ୍ତ କିଶୋର ସାମଲ ପୂର୍ବତନ ଅଧିନାୟକ ସୟଦ୍ ଜମିୟୀରୁ ରହମାନ, ଚିତ୍ତରଞ୍ଜନ ପ୍ରଧାନ, ପ୍ରଶାନ୍ତ ବେହେରା, ମିଥୁନ ବିଷୋୟୀ ଅଭିଜିତ ମହାପାତ୍ର, ମୁକେଶ କୈର ଅଚ୍ୟୁତ ବେହେରା ଉପସ୍ଥିତ ଥିଲେ। ଶେଷରେ ଚାମ୍ପିୟାନ ବ୍ଲଡ ଲାଇନ ଚାମ୍ପିୟାନ ଟ୍ରଫି ସହ ନଗଦ ୩୦୦୦୦ ଟଙ୍କା ରନରର୍ସପ ପୁରୀ ଟ୍ରଫି ସହ ନଗଦ ୨୦୦୦୦ ହଜାର ଓ ସେକେଣ୍ଡ ରନରର୍ସପ ଭାବେ ପଶ୍ଚିମବଙ୍ଗ ମେଟ୍ରୋ ରେଲୱେ ଟ୍ରଫି ସହ ନଗଦ ୧୦୦୦୦ ଟଙ୍କା, ମାନ ଅଫ ମ୍ୟାଚ୍ ସାୟାଦ ଖାନ, ଟୁର୍ଣ୍ଣାମେଣ୍ଟର ବେଷ୍ଟ ପ୍ଲେୟାର ରାହୁଲ ପୁରସ୍କୃତ ହୋଇଥିଲେ, ଦୁଇ ବିଶିଷ୍ଟ ଖେଳାଳି ମାନ୍ୟତା ସିଂହ ଓ ଶ୍ରୀକାନ୍ତ ଖୁଣ୍ଟିଆଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପଦେଷ୍ଟା ସରୋଜ ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ




**ଭୁବନେଶ୍ୱର, ୨୧।୨ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବରିଷ୍ଠ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷାର ମୂଲ୍ୟବୋଧ, ଗୁରୁତ୍ୱ ଓ ଏହାର ଉପାଦେୟତା ସଂପର୍କରେ ମତ ରଖିଥିଲେ । ମାତୃଭାଷା ପ୍ରତି କର୍ତ୍ତବ୍ୟପରାୟଣ ହୋଇ ଏହାର ଉନ୍ନତି, ପ୍ରଚାର ଓ ପ୍ରସାର କରିବା ନିମନ୍ତେ ଛାତ୍ରଛାତ୍ରୀମାନେ ସଂକଳ୍ପବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାତୃଭାଷା ପ୍ରୀତି ସମସ୍ତଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ । ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ମାତୃଭାଷାକୁ ହୃଦୟର ଭାଷା ଭାବେ ଅଭିହିତ କରି ଏହାକୁ ଆମ ଚିନ୍ତା, ଚେତନା ଓ ପରିପ୍ରକାଶର ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ତାଙ୍କ ବକ୍ତବ୍ୟରେ ନିଜ ମାତୃଭାଷାର ମହନୀୟତା ସଂପର୍କରେ ଆଲୋକପାତ କରିବା ସହ ଆଜିର କୃତ୍ରିମ ବୁଦ୍ଧିମତା ଯୁଗରେ ମାତୃଭାଷାର ଆବଶ୍ୟକତା ସଂପର୍କରେ ଛାତ୍ରଛାତ୍ରୀମାନେ ସଚେତନ ହେବା ଉଚିତ୍ ବୋଲି ମତ ଦେଇଥିଲେ । କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ମାତୃଭୂମି ଓ ମାତୃଭାଷା ସହ ଜୀବନର ନିବିଡତା ସଂପର୍କରେ ବକ୍ତବ୍ୟ ରଖିବା ସହ ଭାରତର ଜାତୀୟ ଶିକ୍ଷାନୀତିରେ ମାତୃଭାଷାର ଗୁରୁତ୍ୱ ବଢ଼ିବା ଛାତ୍ରଛାତ୍ରୀଙ୍କ ପାଇଁ ନିଜ ମାତୃଭାଷାର ନିକଟତର ହେବା ପାଇଁ ସୁଯୋଗ ଆଣିଦେଇଛି ବୋଲି କହିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



## ତୋଷାଳି ମେଳାରେ ଫ୍ୟାଶନ୍ ଶୋ'

**ଭୁବନେଶ୍ୱର, ୨୧।୨ (ସଂଚାର ବ୍ୟୁରୋ) :** ୨୦ତମ ଭବ୍ୟ ତୋଷାଳୀ ସ୍ୱଦେଶୀ ମେଳା ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଏକ ଆକର୍ଷଣୀୟ ହସ୍ତତନ୍ତ ଫ୍ୟାଶନ୍ ଶୋ ଅନୁଷ୍ଠିତ ହୋଇଥିଲା। ଏହି ଶୋ ଓଡ଼ିଶାର ସମୃଦ୍ଧ ବୟନ ପାରମ୍ପରିକତାକୁ ଆଧୁନିକ ମଞ୍ଚରେ ଉପସ୍ଥାପନ କରି ମେଳାର ମୁଖ୍ୟ ଆକର୍ଷଣରେ ପରିଣତ ହୋଇଥିଲା।

ଏହି ଅବସରରେ ଜାତୀୟ ସ୍ତରରେ ପୁରସ୍କୃତ ପ୍ରସିଦ୍ଧ ବୁଣାକାରମାନଙ୍କୁ ସମ୍ମାନ ଜଣାଯାଇଥିଲା। ସେମାନେ ହେଲେ ଭକ୍ତରାଜ ମେହେର, ଆର୍. କେ. ମେହେର, ଶ୍ରୀ ଭିକାରୀ ମେହେର, ହରିଶଙ୍କର ମେହେର, ଉତ୍ତମ ମେହେର ଓ ଅରିନ୍ଦ୍ର ମେହେର। ସେମାନଙ୍କ ଅସାଧାରଣ କୌଶଳ ଓ ସୃଜନଶୀଳତା ଓଡ଼ିଶାର ହସ୍ତତନ୍ତକୁ ଜାତୀୟ ସ୍ତରରେ ଗୌରବାନ୍ୱିତ କରିଛି। ରନୱେରେ କୋଟପାଡ଼, ଇକତ୍, ସମ୍ବଲପୁରୀ, ବୋମକାଇ, ପସାପଲ୍ଲି, ନୁଆପଟଣା, ବରମପୁର ପଟ୍ଟ ଓ ଅନ୍ୟାନ୍ୟ ପାରମ୍ପରିକ ବୟନ ଶୈଳୀର ଆକର୍ଷଣୀୟ ପ୍ରଦର୍ଶନ ହୋଇଥିଲା। ପାରମ୍ପରିକ ସାଡ଼ି ସହିତ ଆଧୁନିକ ଫ୍ୟୁଜନ୍ ଶୈଳୀର ପୋଷାକ, ଗାର୍ମେଣ୍ଟ୍ସ ଓ ନୂତନ ଡିଜାଇନ୍‌ର ହସ୍ତତନ୍ତ ପରିଧାନ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ପ୍ରତ୍ୟେକ ପରିଧାନରେ ପରମ୍ପରା, ପରିଚୟ ଓ କୌଶଳର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ

**ଦେବଗଡ଼, ୨୧।୨ (ସଂଚାର ବ୍ୟୁରୋ) :** ଦେବଗଡ଼ ଥାନା ଅଞ୍ଚଳର ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ପ୍ରଭାଶୁଣି ଗ୍ରାମର ଶଶୀ କିଷାନ(୪୫)। ବୁଧବାର ଯୁବତୀଙ୍କ ପରିବାର ଲୋକେ ଘରେ ଅନୁପସ୍ଥିତ ଥିଲେ। ଏହି ସୁଯୋଗରେ ଶଶୀ ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ହେଲେ ପରିବାର ଲୋକେ ଘରେ ପହଞ୍ଚିବାରୁ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଯୁବତୀଙ୍କ ମା' ଶୁକ୍ରବାର ସନ୍ଧ୍ୟାରେ ଦେବଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

## ରାସ୍ତାକୁ ଓହ୍ଲାଇଲେ ଛାତ୍ରୀ



**କଟକ, ୨୧।୨ (ସଂଚାର ବ୍ୟୁରୋ) :** କଟକର ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରୀ। ବଜେଟରେ ୪ ନୂଆ ବିଶ୍ୱବିଦ୍ୟାଳୟ ଖୋଲିବାକୁ ସରକାର ଘୋଷଣା କରିଥିବା ବେଳେ ଶୈଳବାଳା କଲେଜକୁ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି ଛାତ୍ରୀ। ୧୧୩ ବର୍ଷ ପୁରୁଣା କଲେଜକୁ କାହିଁକି ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁନି ବୋଲି ପ୍ରଶ୍ନ କରୁଛନ୍ତି ଛାତ୍ରୀ। 'ଶୈଳବାଳା କଲେଜ୍'କୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ କଲେଜ୍ ସମ୍ମୁଖରେ ଆଜି ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଛାତ୍ରୀ। ଏହି ଦାବିରେ ଗଲା ୨୮ ଦିନ ଧରି ପିଲାମାନେ ଧାରଣାରେ ବସିଛନ୍ତି। ତେବେ ଗତକାଲି ବଜେଟରେ ଏନେଇ କୌଣସି ଘୋଷଣା ହୋଇନଥିବା ଅଭିଯୋଗ କରି ପୁଣି ଥରେ ଧାରଣାକୁ ଜୋରଦାର କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ସହ ଗେଟରେ ତାଲା ପକାଇ ସ୍ପଷ୍ଟ ଭାବେ ପଚାରିଛନ୍ତି, ଓଡ଼ିଶାର ପ୍ରଥମ ମହିଳା ମହାବିଦ୍ୟାଳୟ ହୋଇଥିଲେ ମଧ୍ୟ କାହିଁକି ମିଳିଲାନି ବିଶ୍ୱବିଦ୍ୟାଳୟ ମାନ୍ୟତା।

## ଭୂଷଣ୍ଡେଶ୍ୱର ପୀଠକୁ ନେଇ ରାଜନୀତି



**ଭୁବନେଶ୍ୱର, ୨୧।୨ (ସଂଚାର ବ୍ୟୁରୋ) :** ସମସ୍ତେ ଚାହାନ୍ତି ଆମ ଭୋଗରାଇରେ ବିରାଜିତ ଏସିଆର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ପୀଠର ବିକାଶ ହେଉ। କିନ୍ତୁ ବେଳେବେଳେ ଏହି ସଦିଚ୍ଛାକୁ ବଳିଯାଉଛି ଶସ୍ତା ରାଜନୀତି। ଯାହାର ପ୍ରମାଣ ଆଜି ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରରୁ ମିଳିଛି ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି।

ଭୂଷଣ୍ଡେଶ୍ୱର ପୀଠର ବିକାଶ ପାଇଁ ଭୋଗରାଇ ବିଧାୟକ, ବସ୍ତା ବିଧାୟିକା ଓ ବାଲେଶ୍ୱର ସାଂସଦ ସମସ୍ତେ ପର୍ଯ୍ୟଟନ ବିଭାଗ ନିକଟରେ ଦାବି ରଖିଥିଲେ। ଏହି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଗତବର୍ଷ ମେ' ମାସରେ ଭୋଗରାଇ ଗସ୍ତରେ ଆସିଥିବା ବେଳେ ୧୦ କୋଟି ଟଙ୍କା ଦେବାକୁ ଘୋଷଣା କରିଥିଲେ। ମାତ୍ର ଦୀର୍ଘଦିନ ଏହି ଅର୍ଥ ମଞ୍ଜୁର ନହେବାରୁ ସେ ପର୍ଯ୍ୟଟନ ବିଭାଗର ସଚିବଙ୍କୁ ଭେଟି ଏଥିପାଇଁ ପୁନର୍ବାର ଲିଖିତ ଅନୁରୋଧ କରିଥିଲେ ବୋଲି ଗୌତମବୁଦ୍ଧ କହିଛନ୍ତି। ଏହା ପରେ ଆରମ୍ଭ ହେଲା ଶସ୍ତା ରାଜନୀତି, ଅର୍ଥ ମଞ୍ଜୁର ହେବା ପୂର୍ବରୁ ଏଥିରୁ ଶ୍ରେୟ ନେବାପାଇଁ ଶାସକ ଦଳ ନେତାମାନଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ପ୍ରତିଯୋଗିତା। କିଛି ନେତା କହି ବୁଲିଲେ ୧୦ କୋଟି ନୁହେଁ, ୫୦ କୋଟିର ଡିପିଆର୍ ତିଆରି କରିଛୁ। ସାଂସଦ ବି ଏଥିରେ ପାଳି ଧରିଲେ ଏବଂ ଗଣମାଧ୍ୟମ ଆଗରେ ମିଥ୍ୟା ବିବୃତି ଦେଇ କହିଲେ, ୫୦ କୋଟି ମଞ୍ଜୁର ହୋଇଛି।

ଏ ସଂପର୍କରେ ଅସଲ ସତ୍ୟ କ'ଣ ଜାଣିବା ପାଇଁ ବିଧାୟକ ବିଧାନସଭାରେ ଯେଉଁ ପ୍ରଶ୍ନ ରଖିଥିଲେ, ତାହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି: ଭୂଷଣ୍ଡେଶ୍ୱର ପୀଠର ବିକାଶ ପାଇଁ ୧୦ କୋଟିର ଡିପିଆର୍ ପ୍ରସ୍ତୁତ କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ କୁହାଯାଇଛି। ୧୮ ଅକ୍ଟୋବର, ୨୦୨୫ରେ ଜିଲ୍ଲାପାଳଙ୍କୁ ଏନେଇ ବିଭାଗ ପକ୍ଷରୁ ପ୍ରଥମ ଚିଠି ଆସିଥିଲା। ମାତ୍ର ସେ ଏପର୍ଯ୍ୟନ୍ତ ଡିପିଆର୍ ପ୍ରସ୍ତୁତ କରିନଥିବାରୁ ଫେବ୍ରୁଆରୀ ୧୭ତାରିଖରେ ବିଭାଗ ପକ୍ଷରୁ ପୁନର୍ବାର ଜିଲ୍ଲାପାଳଙ୍କୁ ଚିଠି କରିଛନ୍ତି ଏବଂ ତୁରନ୍ତ ଡିପିଆର୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶିଳ୍ପ ପାଇଁ...

ଉତ୍ପାଦନରେ ଓଡ଼ିଶାର ସ୍ଥିତି ସୁଦୃଢ଼ ହେଉଛି। ଏହାଦ୍ୱାରା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ତ୍ୱରାନ୍ୱିତ ହୋଇପାରୁଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେବଳ ପୁଞ୍ଜି ଆକର୍ଷଣ କରିବା ଆମର ଲକ୍ଷ୍ୟ ନୁହେଁ, ଏହା ଯେପରି ତୁରନ୍ତ କାର୍ଯ୍ୟକାରୀ ହେବ, ତାକୁ ସୁନିଶ୍ଚିତ କରିବା ଦରକାର। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହୋଇ ଉତ୍ପାଦନ ଆରମ୍ଭ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ଅଧିକାରୀମାନେ ଟିମ୍ ଓଡ଼ିଶାର ମନୋଭାବ ନେଇ କାର୍ଯ୍ୟ କରିବା ଆବଶ୍ୟକ। ସମସ୍ତଙ୍କ ସମନ୍ୱୟରେ ଆମର କାର୍ଯ୍ୟଶୈଳୀରେ ଉନ୍ନତି ଆସିପାରିବ ଓ ଆମର ସଂସ୍ଥାଗତ ବ୍ୟବସ୍ଥାଗୁଡ଼ିକୁ ସୁଦୃଢ଼ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉଚ୍ଚକ୍ଷମତାସମ୍ପନ୍ନ କ୍ଲିୟରାନ୍ସ ଅଥରିଟିର ସଦସ୍ୟ ଓ ଅଧିକାରୀମାନଙ୍କୁ ପୁଞ୍ଜିନିବେଶରେ ଅଧିକ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ୩-ସୂତ୍ରୀ ଆକ୍ସନ ପ୍ଲାନ ଦେଇଛନ୍ତି। ପ୍ରଥମଟି ହେଉଛି ଯେ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ତେଣୁ ଆମକୁ ଏ କ୍ଷେତ୍ରରେ ଆମର ଅଭିଯାନକୁ ଆହୁରି ସୁଦୃଢ଼ କରିବାକୁ ପଡ଼ିବ। ଦ୍ୱିତୀୟ ହେଲା, ଆମର ଫଙ୍କସ୍‌ନାଲ୍ ସିଷ୍ଟମକୁ ଆହୁରି ଉନ୍ନତ କରିବାକୁ ପଡିବ। ଏହାଦ୍ୱାରା ଶିଳ୍ପ ସ୍ଥାପନ କ୍ଷେତ୍ରରେ ଅଧିକ ଗତି ଆସିବ ଏବଂ ଶିଳ୍ପାୟନ ପ୍ରକ୍ରିୟା ମଧ୍ୟ ସହଜ ହେବ। ତୃତୀୟ ବିଷୟଟି ହେଉଛି, ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଯେତିକି ସମୟ ଲାଗୁଛି, ତାକୁ ଆହୁରି କମ୍ କରିବାକୁ ପଡ଼ିବ। ଯେଉଁ ରାଜ୍ୟରେ ଶିଳ୍ପ ପ୍ରକଳ୍ପଗୁଡିକ ସବୁଠାରୁ କମ୍ ସମୟ ମଧ୍ୟରେ କାର୍ଯ୍ୟକାରୀ ହେଉଥିବ, ନିବେଶକମାନେ ସେଠାକୁ ଯିବାପାଇଁ ଅଧିକ ପସନ୍ଦ କରିବେ। ତେଣୁ, ଆମକୁ ଏହିସବୁ ବିଷୟ ଗୁଡିକ ପ୍ରତି ଅଧିକ ଧ୍ୟାନ ଦେଇ ଏକ ଉଦ୍ୟମ ଅବ୍ୟାହତ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଆଜିର ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି- ଏଏସପି ସେମିକନ ପ୍ରାଇଭେଟ ଲିମିଟେଡ। ଏହି କମ୍ପାନୀ ୪,୬୨୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ଏକ ସେମିକଣ୍ଡକ୍ଟର ମେମୋରୀ ଚିପ୍ ମଡ୍ୟୁଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏହାଦ୍ୱାରା ପ୍ରାୟ ୨୫୦୦ ନିଯୁକ୍ତି ସୃଷ୍ଟି ହେବ। ସେହିପରି ମାଗ୍ନୋଭା ପ୍ରାଇଭେଟ ଲିମିଟେ ଖୋର୍ଦ୍ଧାରେ ୧୦୫୦ କୋଟି ଟଙ୍କା ବିନିଯୋଗରେ ଏକ ଇଣ୍ଟିଗ୍ରେଟେଡ୍ ହାଇ ପରଫର୍ମାନ୍‌ସ ମ୍ୟାଗନେଟ ମାନୁଫାକ୍ଚରିଙ୍ଗ୍ ଫାସିଲିଟି ନିର୍ମାଣ କରିବ। ସେମିକଣ୍ଡକ୍ଟର ଓ ରେଆର ଆର୍ଥ କ୍ଷେତ୍ରରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିବେଶ ଓଡ଼ିଶାକୁ ଆଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ଅଗ୍ରଣୀ କରିବାରେ ସହାୟକ ହେବ। ସେହିପରି ଭାରତ ଫର୍ଜ ଲିମିଟେଡ ଢେଙ୍କାନାଳରେ ୩୦୦୦ କୋଟି ଟଙ୍କା ବିନିଯୋଗରେ ଏକ ଅଟୋମୋଟିଭ୍, ଏରୋସ୍ପେସ୍ ଓ ଡିଫେନ୍ସ ଉପକରଣ ନିର୍ମାଣ ୟୁନିଟ ସ୍ଥାପନ କରିବ। ଏହାଦ୍ୱାରା ୧୦୦୦ ନିଯୁକ୍ତି ସ୍ଥାପନ କରିବ। ସେହିପରି ସିମେଣ୍ଟ କ୍ଷେତ୍ରରେ ମଧ୍ୟ ଦୁଇଟି ପ୍ରସ୍ତାବ ଅନୁମୋଦନ ପାଇଛି। କୋରାପୁଟରେ ଏନସିଏଲ ଇଣ୍ଡଷ୍ଟ୍ରିଜ ଲିମିଟେଡ ୨୦୦୦ କୋଟି ଟଙ୍କା ବିନିଯୋଗରେ, ଏବଂ ମାଲକାନଗିରିରେ ଡାଲମିଆ ସିମେଣ୍ଟ ୨୦୦୦ କୋଟି ଟଙ୍କା ବିନିଯୋଗରେ ସିମେଣ୍ଟ ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା କରିବେ। ଏହି ଦୁଇଟି କମ୍ପାନୀ ଦ୍ୱାରା ଦକ୍ଷିଣ ଓଡ଼ିଶାରେ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସେହିପରି ନବୀକରଣୀୟ ଶକ୍ତି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁରୀ ହାସଲ କରିଛି। ନବୀକରଣୀୟ ଶକ୍ତି ଭିତ୍ତିଭୂମି ନିର୍ମାଣ ପାଇଁ ଆଦାନୀ ହାଇଡ୍ରୋ ଏନର୍ଜି ଟୁଏଲଭ ଲିମିଟେଡ ନୟାଗଡ଼ରେ ୯,୭୩୧କୋଟି ୪୭ ଲକ୍ଷ, ସାଙ୍ଗାମାମ ସିଡି ହାଇଡ୍ରୋ କନସୋଟିୟମ କୋରାପୁଟରେ ୯୦୦୦ କୋଟି, ଗ୍ରୀନକୋ କଳାହାଣ୍ଡିରେ ୭୫୦୬ କୋଟି ୯୪ ଲକ୍ଷ ଏବଂ ଜିନ୍ଦଲ ଗ୍ରୀନ ଜିଏସପି ଦେବଗଡ଼ରେ ୩୭୧୧ କୋଟି ୫୬ ଲକ୍ଷ ଟଙ୍କା ବିନିଯୋଗରେ ପମ୍ପ୍‌ଡ ଷ୍ଟୋରେଜ୍ ହାଇଡ୍ରୋ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବେ। ଟେଲିକମ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ପୁରୀରେ ଶ୍ରୀଟେକ ଡାଟା ଲିମିଟେଡ ୧୬୨୨ କୋଟି ଟଙ୍କା ବିନିଯୋଗ କରି ଏକ କେବୁଲ ଲ୍ୟାଣ୍ଡିଙ୍ଗ୍ ଷ୍ଟେସନ ପ୍ରତିଷ୍ଠା କରିବ। ଏହାଦ୍ୱାରା ଡିଜିଟାଲ କନେକ୍ଟିଭିଟିରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି ପାଇବା ସହିତ ଦେଶର ପୂର୍ବ ଉପକୂଳରେ ଓଡ଼ିଶା ଏକ ଷ୍ଟ୍ରାଟେଜିକ୍ ଗେଟ୍-ୱେ ଭାବେ ପ୍ରତିଷ୍ଠା ହାସଲ କରିବ।

## ଛାତ୍ରୀଙ୍କୁ...

ବିରୋଧରେ ପୀଡ଼ିତାଙ୍କ ମା' ରାଜକନିକା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ମିଳିଥିବା ସୂଚନାନୁସାରେ, ଉକ୍ତ ବିଦ୍ୟାଳୟର ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି (ପିତା ଅରୁଣ କୁମାର ପୃଷ୍ଟି), ବିଶ୍ୱରଞ୍ଜନ ସାହୁ (ପିତା କ୍ଷୀରୋଦ କୁମାର ସାହୁ), ରଶ୍ମିକାନ୍ତ ବିଶ୍ୱାଳ (ପିତା ଶ୍ରୀଧର ବିଶ୍ୱାଳ), ଶିକ୍ଷୟିତ୍ରୀ ମିନତୀ ବଳ (ସ୍ୱାମୀ ସଂଗ୍ରାମ ନାଥ) ଓ ପିଅନ ରଶ୍ମିରଞ୍ଜନ ରଣା (ପିତା ହରେକୃଷ୍ଣ ରଣା) କୁ ପୁଲିସ ଆଜି ସକାଳେ ସ୍କୁଲରୁ ଉଠାଇ ଆଣିଛି। ସେମାନଙ୍କ ବିରୋଧରେ ରାଜକନିକା ଥାନାରେ ୫୪/୨୦୨୬ ନମ୍ବରରେ ମାଲା ରୁଜୁ ହୋଇଥିବା ବେଳେ ସେମାନଙ୍କ ବିରୋଧରେ ୬୫(୨)/୭୦(୨)/୬୦/୪୯/୩୫୧(୨) (୩)/୩(୫)ବିଏନଏସ ଆଦି ସହ ୪/୬ ପୋକ୍‌ସୋ ଆଇନ୍ ଆଦି ଦଫା ଲାଗିଛି। ପୀଡ଼ିତାଙ୍କ ମା' ଏନେଇ ଦେଇଥିବା ଏତଲା ଅନୁସାରେ, ଉକ୍ତ ଛାତ୍ରୀଙ୍କୁ ଶିକ୍ଷକ ଚନ୍ଦନ, ବିଶ୍ୱରଞ୍ଜନ ଓ ରଶ୍ମିକାନ୍ତ ଓ ପିଅନ ରଶ୍ମିରଞ୍ଜନ ରୀତିମତ ଗଣଦୁଷ୍କର୍ମ କରିଆସୁଥିଲେ ଆଉ ଏଥିରେ ମାଧ୍ୟମ ସାଜିଥିଲେ ମିନତୀ। ଏପରିକି ସେମାନେ ପାଖାପାଖି ୩ ବର୍ଷ ହେଲା ଏପରି ନିର୍ଯାତନ ଦେଇଆସୁଥିଲେ। ଅଧିକନ୍ତୁ ସେମାନେ ପୀଡ଼ିତାଙ୍କୁ ସେମାନଙ୍କ କଥାରେ ରାଜି ନ ହେଲେ ସେମାନେ ଉକ୍ତ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ତାଙ୍କ ଭାଇକୁ ଜୀବନରେ ମାରିଦେବାକୁ ଧମକ ବି ଦେଉଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଗତ ୧୪ ତାରିଖରେ ପୀଡ଼ିତା ଜଣଙ୍କ ମା'ଙ୍କୁ ଏ ସମ୍ପର୍କରେ କହିବା ପରେ ସେ ବିଦ୍ୟାଳୟ ପ୍ରିନ୍ସିପାଲ୍‌ଙ୍କୁ ଭେଟି ଏନେଇ ଜଣାଇଥିଲେ। କିନ୍ତୁ ସେତେବେଳେ ପ୍ରିନ୍ସିପାଲ୍ ଏହାକୁ ମିଛ ବୋଲି କହିବା ଫଳରେ ମା' ନିରାଶ ହୋଇଥିଲେ। ତେଣୁ ସେ ବାଧ୍ୟ ହୋଇ ଥାନାରେ ଅଭିଯୋଗ କରିଥିବା ବେଳେ ସ୍ଥାନୀୟ ପୁଲିସ୍ ଏହି ମାମଲାରେ ପ୍ରିନ୍ସିପାଲ୍‌ଙ୍କୁ ବି ପଚରାଉଚରା କରିଥିବା ଜଣାପଡ଼ିଛି। ଗୁରୁ-ଛାତ୍ର ପବିତ୍ର ସମ୍ପର୍କରେ କଳାଦାଗ ଲଗାଇଥିବା ଏହି ଘଟଣା ନେଇ ସ୍ଥାନୀୟ ଏସ୍‌ପି କହିଛନ୍ତି ଯେ ମାମଲାର ତଦନ୍ତ ଚାଲିଛି। ଯେଉଁମାନେ ବି ଘଟଣା ସହ ଜଡ଼ିତ ଥିବେ, ସେମାନଙ୍କ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏପରି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ବିରୋଧୀ ଦଳ ନେତାମାନେ ସକ୍ରିୟ ହୋଇଉଠିଛନ୍ତି। କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା, ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାସଙ୍କ ସହ ଏକ ଟିମ ପୀଡ଼ିତାଙ୍କୁ ଭେଟି ତାଙ୍କ ପିତାମାତାଙ୍କୁ ନ୍ୟାୟ ଦେବା ସକାଶେ ପ୍ରତିଶ୍ରୁତି ଦେବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାଛଡ଼ା ଅପରାହ୍ନରେ ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାନେତ୍ରୀ ସରିତା ସାହୁ, ରାଜ୍ୟ ଜୋନ ସଭାନେତ୍ରୀ ଜ୍ୟୋତ୍ସ୍ନା ପରିଡ଼ା, ସଂଖ୍ୟାଲଘୁ ସେଲର ରାଜ୍ୟ ସହ ଅବାହିକା ରିଜୱାନା ବେଗମ, ଜିଲ୍ଲା ପରିଷଦ ସଭାନେତ୍ରୀ ଲିଲିତା ଦାସ ପ୍ରମୁଖ ମଧ୍ୟ ପୀଡ଼ିତାଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେଇଛନ୍ତି।

## କମୁଛି...

ଥିଲେ ଆଉ ଅପରାଜିତା ବିଜେପିରେ। କିନ୍ତୁ ସୌଜନ୍ୟତା ରଖି ନ ଥିଲେ ଅନନ୍ତ। ଏପରିକି ସେତେବେଳେ ଭୁବନେଶ୍ୱରର ଅନେକ ସରକାରୀ କାର୍ଯ୍ୟକ୍ରମକୁ ମଧ୍ୟ ଅପରାଜିତାଙ୍କୁ ସାଂସଦ ଭାବେ ଡକାଯାଉନଥିଲା କି ତାଙ୍କ ସହ ମଞ୍ଚରେ ବସୁ ନ ଥିଲେ ବିଜେଡି ନେତାମାନେ।

ହୁଏତ ବିଜେଡି ଗତ ନିର୍ବାଚନ ଜିତିଥିଲେ ଏହି ଟ୍ରେଣ୍ଡ ଜାରି ରହିଥାନ୍ତା। କିନ୍ତୁ ହାରିଯିବା ପରେ ବୋଧହୁଏ ଅନନ୍ତଙ୍କ ରାଜନୈତିକ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ଏବେ ମଧ୍ୟ-ଭୁବନେଶ୍ୱର ମଧ୍ୟରେ ହେଉଥିବା ସବୁ କାର୍ଯ୍ୟକ୍ରମରେ ଅପରାଜିତାଙ୍କ ସହ ମଞ୍ଚ ଶେୟାର କରୁଛନ୍ତି ଅନନ୍ତ। ଏହା ସୁପ୍ରିମୋଙ୍କ ନିର୍ଦ୍ଦେଶ ନା ତାଙ୍କ ବ୍ୟକ୍ତିଗତ ନୀତି, ତା' ଅବଶ୍ୟ ସ୍ପଷ୍ଟ ନୁହେଁ। କିନ୍ତୁ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନ କରିବାରୁ ସେ କହିଥିଲେ ଯେ ସରକାରୀ କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକ ଏକାଠି ବସିବାରେ ଅସୁବିଧା କିଛି ନାହିଁ। ଯଦିଓ ଅନନ୍ତ ସେଫ୍ ଗେମ୍ ଖେଳିଲେ, ରାଜନୈତିକ ମହଲରେ କିନ୍ତୁ ଏହାକୁ ନେଇ ଅନେକ ଚର୍ଚ୍ଚା ହେଉଛି। ଆଲୋଚନା ହେଉଛି, ଜଗନ୍ନାଥ ପ୍ରଧାନଙ୍କୁ ଚେକ୍ ଦେବାକୁ ଅନନ୍ତ ଅପରାଜିତାଙ୍କ ଚେସ୍ ବୋର୍ଡର ଗୋଟି ସାଜିଛନ୍ତି।

## ଦଳୀୟ...

ଚାଲିଛି। ତେଣୁ ଯେନେତେନ ପ୍ରକାରେ ଚାଷୀ ପ୍ରସଙ୍ଗରୁ ନଜର ହଟାଇବାକୁ ଚାହୁଁନି ବିଜେଡି।

ବିଧାନସଭା ଚାଲିବା ପାଇଁ ଦୈନିକ ଲକ୍ଷ ଲକ୍ଷ ଟଙ୍କା ରାଜ୍ୟ ରାଜକୋଷରୁ ପାଣି ଭଳି ଖର୍ଚ୍ଚ ହେଉଛି। ବିଧାୟକମାନେ ବିଧାନସଭା ଅଧିବେଶନ ପାଇଁ ଦୈନିକ ଭତ୍ତା ସହ ଅନ୍ୟାନ୍ୟ ଖର୍ଚ୍ଚ ବି ପାଉଛନ୍ତି। ହେଲେ ଲୋକଙ୍କ ସମସ୍ୟା ଓ ସୁବିଧା ପାଇଁ ଏଯାଏଁ ଘଣ୍ଟାଏ ବି ଆଲୋଚନା ହୋଇନି। ଚାଷୀ ପ୍ରସଙ୍ଗରେ ବିଜେଡି ଭଳି କଂଗ୍ରେସ ମଧ୍ୟ ଶାସକ ଦଳକୁ ଘେରୁଛି। କଟନୀ ଛଟନୀ ବନ୍ଦ, ସବୁ ଚାଷୀଙ୍କଠାରୁ ଧାନ ଉଠାଣ, ଚାଷୀଙ୍କୁ ଟୋକନ ଦେବାକୁ ଦାବି କରିଛି ଦଳ। ପାଦେ ଆଗକୁ ଯାଇ ବିଜେଡି କହିଛି, ମଣ୍ଡି ଅବ୍ୟବସ୍ଥା ପାଇଁ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ। ଶାସକ ଦଳ ଜବାବ ରଖି କହିଛି ଯେ ରାଜ୍ୟବାସୀ ବିରୋଧୀ ଦଳର ଆଚରଣ ଦେଖୁଛନ୍ତି, କଦାପି କ୍ଷମା ଦେବେନି।

ଶାସକ-ବିରୋଧୀଙ୍କ ତୁତୁ ମେଁମେଁ ଭିତରେ ଚାଷୀଙ୍କ ସମସ୍ୟାକୁ ନେଇ ଗୃହରେ ଆଲୋଚନା ହୋଇପାରୁନି। ଯେଉଁ ଚାଷୀଙ୍କ ପାଇଁ ବିଜେଡି ଓ କଂଗ୍ରେସ ହଟ୍ଟଗୋଳ କରୁଛନ୍ତି, ସେଇ ଅନ୍ନଦାତାଙ୍କ ପାଇଁ ବିଭିନ୍ନ ଫୋରମରେ ଆଲୋଚନା ହୋଇପାରିବ। କିନ୍ତୁ ବିରୋଧୀ ଦଳ ସେ ସୁଯୋଗର ବିନିଯୋଗ କରୁନାହାନ୍ତି। ଆଉ ସରକାରୀ ଦଳକୁ ବିରୋଧୀଙ୍କ ଏଭଳି ଆଚରଣ ମଧ୍ୟ ସୁହାଉଛି। ଏହାଦ୍ୱାରା ଚାଷୀ ସମସ୍ୟା କେବଳ ହଟ୍ଟଗୋଳ ଭିତରେ ହିଁ ସୀମିତ ରହିଯାଉଛି।

## ବବିଙ୍କ...

ବିରୋଧ ବଢ଼ି ଚାଲିଥିଲା। ତେବେ ସବୁଠାରୁ ଅଧିକ ଖରାପ ହୋଇଥିଲା ଯେତେବେଳେ ବିଜେଡି ନୂଆପଡା ଉପନିର୍ବାଚନରେ ହାରି ତୃତୀୟ ସ୍ଥାନରେ ରହିଲା। କେଉଁ ସ୍ଥିତିରେ ବିଜେଡି ପ୍ରାର୍ଥୀଙ୍କୁ ବିଜେପି ନେଇଗଲା ଓ ନବୀନଙ୍କ ଦୁଇ ଦୁଇ ଥର ପ୍ରଚାର ସତ୍ତ୍ୱେ ଏତେ ଅଧିକ ଭୋଟରେ ଜିତାଇ ଆଣିଲା, ତାହା କେବଳ ବବିଙ୍କୁ ଜଣା ବୋଲି ଅନେକେ କହୁଛନ୍ତି। କାରଣ ନିର୍ବାଚନରେ ଲୋକ ବଳ କିମ୍ବା ଧନ ବଳର ଅଭାବ ନ ଥିଲା। ବବି ସେଠାରେ ନିର୍ବାଚନର ମଙ୍ଗ ଧରିଥିଲେ।

ଏହାପରେ ଯାଜପୁର ଜିଲ୍ଲା ରାଜନୀତିରେ ମଧ୍ୟ ଦିନକୁ ଦିନ ବବିଙ୍କୁ ନେଇ ଗୋଳମାଳିଆ ସ୍ଥିତି ଉପୁଜିବାରେ ଲାଗିଛି। ଜିଲ୍ଲାର ଅନ୍ୟତମ ଟାଣୁଆ ନେତା ପ୍ରୀତିରଞ୍ଜନ ଘଡାଇ ଓରଫ ଡ୍ୟାନିଙ୍କ ସହ ବବି ମୁହାଁମୁହିଁ ହେବାରେ ଲାଗିଛନ୍ତି। ଜିଲ୍ଲାରେ ବବିଙ୍କ ଉପସ୍ଥିତି ସତ୍ତ୍ୱେ ସରପଞ୍ଚଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ସମସ୍ତେ ଦଳ ଛାଡ଼ିବାରେ ଲାଗିଛନ୍ତି। ଯାଜପୁର ବିଧାୟିକା ମଧ୍ୟ ନିଜକୁ ଅସୁରକ୍ଷିତ ମଣୁଥିବା ନେଇ ସୂଚନା ଦେଇଛନ୍ତି। ଚର୍ଚ୍ଚା ହେଉଛି ନିର୍ବାଚନର ୬ ମାସ ପରେ ସୁଜାତାଙ୍କୁ ଇସ୍ତଫା ଦେବାକୁ ଚାପ ପକାଉଥିଲେ ବବି, ଯେଉଁଥିପାଇଁ ସୁଜାତା ଆଉ ବବିଙ୍କ କ୍ୟାମ୍ପ ସହ ନାହାଁନ୍ତି ବୋଲି ସ୍ପଷ୍ଟ ହୋଇଛି।ଆଗକୁ ରାଜ୍ୟସଭା ନିର୍ବାଚନ ଆସୁଥିବାରୁ କାଳେ ବବି ଏଥିରେ ଷଣ୍ଢ ପୂରାଇବେ, ସେହି ଆଶଙ୍କାରେ ନବୀନ ସତର୍କ ହେବା ସହ କୋରେଇ ବାହାରେ ରାଜନୀତି ନ କରିବାକୁ ତାଙ୍କୁ ଚେତାଇ ଦେଇଛନ୍ତି। ଯଦି ଏଥିରେ କିଛି ବି ଏପଟ ସେପଟ ହେବା ନେଇ ସୂଚନା ହସ୍ତଗତ ହୁଏ, ତା'ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜେଡି ମହଲରେ ଚର୍ଚ୍ଚା ଚାଲିଥିବା ବେଳେ ବିଜେଡିରେ ବବିଙ୍କ ଯୁଗ ଶେଷ ହେଉଥିବା ନେଇ ଆଉ କିଛି କର୍ମୀ ଆଲୋଚନା କରୁଛନ୍ତି।

## ଭୁବନେଶ୍ୱରରେ...

ଭିଏଫଏସର ଗ୍ଲୋବାଲ ସିଇଓ ଶ୍ରୀ କର୍ଣ୍ଣାରିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀ ଓ ବ୍ୟବସାୟୀମାନଙ୍କୁ ଆଉ ଭିସା କାମ ପାଇଁ କୋଲକାତା କିମ୍ବା ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ସେମାନଙ୍କର ସମୟ, ଅର୍ଥ ଓ ପରିଶ୍ରମ ବଞ୍ଚିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ଓଡ଼ିଶାର ଅନ୍ତର୍ଜାତୀୟ ସଂଯୋଗୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ।

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି କେନ୍ଦ୍ରର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଭିଏଫଏସ ଗ୍ଲୋବାଲ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଏହି ପଦକ୍ଷେପ ଓଡ଼ିଶାର ଅନ୍ତର୍ଜାତୀୟ ସଂଯୋଗୀକରଣକୁ ଏକ ନୂତନ ଦିଗ ଦେବ।

## ଦେଶ ପାଇଲା...

କରାଯିବ। ଆସନ୍ତା ଏପ୍ରିଲ ସୁଦ୍ଧା ୟୁଆଇପିକୁ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିଆର୍‌ଆଇ) ୫୫ ଲକ୍ଷ ଡୋଜ୍ ଯୋଗାଇଦେବ ବୋଲି ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଟିକାକରଣ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ଆଗାମୀ ଦିନରେ ଅଧିକ ପରିମାଣରେ ଟୀକା ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ଡିପ୍‌ଥେରିଆ ଟୀକା ଲଞ୍ଚ୍ ହେବା ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ବିଷୟ ବୋଲି ଶ୍ରୀ ନଡ୍ଡା କହିବା ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ, ବୈଷୟିକ ବିଶେଷଜ୍ଞ ଓ ଅନ୍ୟ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ସ୍ୱଦେଶୀ ଟୀକା ପ୍ରସ୍ତୁତି ଦ୍ୱାରା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ସଫଳତା ମିଳିବ। ଏହାଦ୍ୱାରା ଭାରତ ମଧ୍ୟ ବିଶ୍ୱରେ ଅନ୍ୟତମ ପ୍ରମୁଖ ଟୀକା ପ୍ରସ୍ତୁତକାରୀ ଦେଶରେ ପରିଣତ ହୋଇଛି। ବିଦେଶରେ ଟିଟାନସ୍ ଟୀକା ଉଦ୍ଭାବନ ସକାଶେ ଦଶନ୍ଧି ଦଶନ୍ଧି ଧରି ଗବେଷଣା କରାଯାଇଥିବା ବେଳେ ଡିପ୍‌ଥେରିଆ ସକାଶେ ୩୦ରୁ ଊର୍ଦ୍ଧ୍ୱ ବର୍ଷ ସମୟ ଲାଗିଗଲା। କିନ୍ତୁ ଭାରତରେ କୋଭିଡ୍ ଟୀକା ମାତ୍ର ଦେଶର ବୈଜ୍ଞାନିକମାନେ ମାତ୍ର କେଇ ମାସରେ ପ୍ରସ୍ତୁତ କରିବାରେ ସକ୍ଷମ ହେଲେ। ଅଧିକନ୍ତୁ ଯଥେଷ୍ଟ କମ୍ ସମୟ ମଧ୍ୟରେ ବୁଷ୍ଟର୍ ଡୋଜ୍ ସମେତ ୨୨୦ କୋଟି ଟୀକା ଦିଆଯାଇପାରିଛି।

# କେନ୍ଦୁପତ୍ର ଶ୍ରମିକଙ୍କ ଧାରଣା

## ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ବୋରିଗୁମ୍ମା,୨୧।୨(ସଂଚାର ବ୍ୟୁରୋ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନରେ ବୋରିଗୁମ୍ମା ଅଞ୍ଚଳରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ବିଭିନ୍ନ ଦାବି ପୂରଣ ଦାବିରେ ଫେବୃଆରୀ ୨୦ ଓ ୨୧ ତାରିଖ ପର୍ଯ୍ୟନ୍ତ ବୋରିଗୁମ୍ମା ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ପଦକ୍ଷେପ ଗ୍ରହଣ ହୋଇନାହିଁ। ଏହାକୁ ପ୍ରତିବାଦ କରି ସେମାନେ ଗଣଧାରଣା ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟ ୧୭ ଟି ଦାବୀ ମାନଙ୍କ ମଧ୍ୟରେ କେନ୍ଦୁପତ୍ର କେରି ଓ ବଣ୍ଡଲ ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି, ବୋନସ ହାର ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ଟଙ୍କାକୁ ବୃଦ୍ଧି, ରୋଗାକ୍ରାନ୍ତ ସମୟରେ ଛୁଟି ବ୍ୟବସ୍ଥା, ଭଳି ଦାବି ସମ୍ମିଳିତ ଅଛି। ସେହିପରି କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ, ପ୍ରସ୍ତାବିତ କିଛି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ ଓ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଶୀଘ୍ର ଆହ୍ୱାନ କରିବାକୁ ସଂଘ ଦାବି କରିଛି। ଧାରଣାସ୍ଥଳରେ ସଂଘର ପକ୍ଷରୁ କୁହାଯାଇଛି ଯେ ଯଦି ଆସନ୍ତା ୨୭ ତାରିଖ ମଧ୍ୟରେ ଦାବି ପୂରଣ ନହେବ ଆଗାମୀଦିନରେ କେନ୍ଦୁପତ୍ର ଉତ୍ପାଦନ ହେଉଥିବା ୨୨ଟି ଜିଲ୍ଲା ରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ଏବଂ ଜାତୀୟ ଓ ରାଜ୍ୟ ରାଜପଥରେ ରାସ୍ତାରୋକ ଆନ୍ଦୋଳନ କରିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଧାରଣାରେ ବୋରିଗୁମ୍ମା କେନ୍ଦୁପତ୍ର ବନାଞ୍ଚଳ ସଂଘର ସମ୍ପାଦକ ଲମ୍ବୋଦର ତ୍ରିପାଠୀ, ସହସମ୍ପାଦକ ପିତବାସ ଭତ୍ରା, ସୁଶାନ୍ତ ତ୍ରିପାଠୀ, ପିତବାସ ସମରଥ, ଉପେନ୍ଦ୍ର ପୂଜାରୀ, ସିମାଞ୍ଚଳ ଶତପଥି, ପ୍ରମାନନ୍ଦ ଦାସଙ୍କ ସମେତ ସମସ୍ତ ଚେକର, ମୁନିସି ଓ ଫୋଡି ସାଥି ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ଉପସ୍ଥିତ ରହିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ହିଞ୍ଜିଳିରେ ସଡ଼କ ସୁରକ୍ଷା ସଚେତନତା




**ହିଞ୍ଜିଳିକାଟୁ,୨୧।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଏବେ ସଡକ ସୁରକ୍ଷା ଏବଂ ପରିବହନ ନିୟମ ଉପରେ ବିଭିନ୍ନ ବିଭାଗ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ତାଲୁକା ଆଇନ ସେବା କମିଟି ପକ୍ଷରୁ ସହର ସ୍ଥିତ ବିଜୁ ପଟ୍ଟନାୟକ ଛକରେ କମିଟି ଅଧ୍ୟକ୍ଷ ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବାଇକ ଚାଳକଙ୍କୁ ଗୋଲାପ ଫୁଲ ଦେଇ ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ଟ୍ରାଫିକ ନିୟମ ମାନିବା, ସିଟ୍ ବେଲ୍ଟ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା ଆଦି ନିୟମ ସମ୍ପର୍କରେ ଅତିଥି ମାନେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ, ଜିତେନ୍ଦ୍ର ପ୍ରହରାଜ, କୁନ୍ଦୀପ ସାହୁଙ୍କ ସମେତ କଲେଜ ଏନସିସି ଛାତ୍ରଛାତ୍ରୀ, ହିଞ୍ଜିଳି ପୋଲିସ ଉପସ୍ଥିତ ଥିଲେ।

## ଆଚାର୍ଯ୍ୟ ହରିହର ଶିଶୁଭବନର ବାର୍ଷିକ ଉତ୍ସବ



**ସତ୍ୟବାଦୀ,୨୧।୨(ସଂଚାର ବ୍ୟୁରୋ):** ସମାଜରେ ଭଲ ମଣିଷର ଆଦର ଓ ସମ୍ମାନ ସବୁବେଳେ ଥାଏ।ସମ୍ପ୍ରତି ଆଜିର ସମାଜ ରେ ସଂସ୍କାର ଓ ଶୃଙ୍ଖଳାର ଅଭାବ ଦେଖାଯାଉଛି। ଏହାକୁ ସୁଧାରିବା ପାଇଁ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଚରିତ୍ର ସର୍ବଦା ପ୍ରେରଣାଦାୟକ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ଅପରାହ୍ନରେ ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ଭଳି ମଣିଷ ହେବାର କାଳଜୟୀ ବାର୍ତ୍ତା ସଭିଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ବିଭିନ୍ନ ଅନୁଷ୍ଠାନ ରେ ଶିକ୍ଷା ଲାଭ କରୁଥିବା ପିଲା ମାନେ ବଡ ମଣିଷ ହେବାର ସ୍ୱପ୍ନ ଦେଖିଥାନ୍ତି। କିନ୍ତୁ ବଡ ମଣିଷ ହୋଇ ଅଧିକ ରୋଜଗାର ଅପେକ୍ଷା ଯଦି ସମାଜ ପାଇଁ ସମ୍ପଦ ପାଲଟି, ସଂସ୍କାର ସମ୍ପନ୍ନ ହୋଇ ଶୃଙ୍ଖଳିତ ଜୀବନ ଅତିବାହିତ କରିଥାନ୍ତି ତେବେ ତାହାହିଁ ହେବ ଆଚାର୍ଯ୍ୟ ହରିହରଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧା ସମ୍ମାନ ବୋଲି କହିଥିଲେ। ଏହି ଅନୁଷ୍ଠାନର ପିଲାମାନେ ଯେଉଁ ମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି ସେମାନଙ୍କ ଆମନ୍ତ୍ରଣ କରି ବର୍ତ୍ତମାନ ପିଲାମାନଙ୍କୁ ପ୍ରେରଣା ପାଇଁ ସେମାନଙ୍କ ସହ ମିଶିବାର ସୁଯୋଗ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ



**ନୀଳଗିରି,୨୧।୨(ସଂଚାର ବ୍ୟୁରୋ):** ମାତୃଭାଷା ହେଉଛି ମାଆର ଭାଷା। ଭାଷାର ବ୍ୟବହାର ନହେଲେ ଭାଷା ମରିଯାଏ। ଭାଷା ମଣିଷର ପରିଚୟ। ମାତୃଭାଷାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ସମାଜରେ ସର୍ବଦା ସ୍ୱତନ୍ତ୍ରବୋଲି ଆଜି ବିଶ୍ୱ ମାତୃଭାଷା ଦିବସରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ବକ୍ତବ୍ୟ ରେ ପ୍ରକାଶ ପାଇଥିଲା। ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଅଧ୍ୟାପିକା ମମତା ବରାଳ, ଡ. ଶିବାନୀ ଡଗର, ଡ. ପ୍ରଦୀପ୍ତ କୁମାର ମିଶ୍ର, ଅଧ୍ୟାପିକା ମୌସୁମୀ ଭୋଳ ପ୍ରମୁଖ ନିଜନିଜ ବକ୍ତବ୍ୟ ରଖିବାସହ ଛାତ୍ରୀମାନେ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ଭାର୍ଗବୀ ରାଉତ୍ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଶ୍ରୀମାଙ୍କ ଜୟନ୍ତୀ ପାଳିତ



**ଖୋର୍ଦ୍ଧା,୨୧।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ବିଦ୍ୟାଳୟର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ଙ୍କ ଅଧ୍ୟକ୍ଷତାରେ ଶ୍ରୀମା ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅପାଭାଇ ମାନଙ୍କୁ ନେଇ ଏକ ପାଠ ଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ମିନତୀ ସାହୁ, ଦୁର୍ଗାସ୍ତୋତ୍ର ପାଠ କରିଥିଲେ, ମମତା ସାହୁ ଧ୍ୟାନ ପ୍ରାର୍ଥନା ପାଠ କରିଥିଲେ। ମା' ବହିର ୩ୟ ଅଧ୍ୟାୟ ଶାଶ୍ୱତୀ ରାଉତରାୟ ପାଠ କରିଥିବା ବେଳେ ଦିପ୍ତିମୟୀ ସାହୁ ଚିରନ୍ତନୀ ପାଠ କରିଥିଲେ। ଏଥିରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ସ୍ୱରଚିତ ଗଳ୍ପ, କବିତା, ଚିତ୍ର ଇତ୍ୟାଦି ହାତଲେଖା ' ସ୍ୱପ୍ନତରୁ ' ପତ୍ରିକା କୁ ବିଦ୍ୟାଳୟର ଶାଶ୍ୱତୀ ରାଉତରାୟ ଓ ମମତା ସାହୁ ଉଦଘାଟନ କରିଥିଲେ।

# ପ୍ରହସନ ପାଲଟିଛି ସରକାରଙ୍କ ଛତୁଆ ଯୋଗାଣ



**ବାଲିଆପାଳ,୨୧।୨ (ସଂଚାର ବ୍ୟୁରୋ):** ଗାଈ ଖାଉଛନ୍ତି ଗର୍ଭବତୀ, ପ୍ରସୂତି ଓ ପିଲାଙ୍କ ଛତୁଆ। ଛତୁଆର ମାନ ନିମ୍ନମାନର ଥିବାରୁ ଖାଇବା ତ ଦୂରର କଥା, ଏହାକୁ ପାଟିରେ ଦେଇ ହେଉନାହିଁ। ଅଧିକାଂଶ ହିତାଧିକାରୀ ଛତୁଆ ନେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଯିଏ ନେଉଛନ୍ତି, ଘରେ ଗାଈଗୋରୁକୁ ଦେଉଛନ୍ତି। ଆଉ କିଏ ୫/୧୦ ଟଙ୍କା ଏହାକୁ ବିକ୍ରି କରିଦେଉଛନ୍ତି।। ଗ୍ରାମାଞ୍ଚଳଠୁ ନେଇ ସହରାଞ୍ଚଳ ସବୁଠି ଏହି ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ତେଣୁ ସରକାରଙ୍କ ଛତୁଆ ଯୋଗାଣ ଏକପ୍ରକାର ପ୍ରହସନ ପାଲଟିଛି। ବାଲିଆପାଳ ବ୍ଲକ ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।ସୂଚନା ମୁତାବକ, ବ୍ଲକ ରେ ୨ଟି ଛତୁଆ ପ୍ରସ୍ତୁତକାରୀ କେନ୍ଦ୍ର ରହିଥିବା ବେଳେ ବାଲିଆପାଳ ବ୍ଲକ ରେ ରେ ଦୁଇଟି କେନ୍ଦ୍ର ଅର୍ଥାତ୍ ସ୍ୱୟଂସହାୟକ ଗୋଷ୍ଠୀ ବିଭିନ୍ନ ଅଙ୍ଗନବାଡ଼ିକୁ ଛତୁଆ ପ୍ରଦାନ କରୁଛନ୍ତି। ବାଲିଆପାଳ ବ୍ଲକ ରେ ପାଖାପାଖି ୧୩ ଶହ ଗର୍ଭବତୀ ଓ ପ୍ରସୂତି ହିତାଧିକାରୀ ରହିଥିବା ବେଳେ ୪ ହଜାର ପିଲାଙ୍କୁ ଏହି ଛତୁଆ ପ୍ରତି ମାସରେ ବଣ୍ଟନ କରାଯାଉଛି। ଗର୍ବବତୀ ଓ ପ୍ରସୂତିଙ୍କ ପାଇଁ ୩.୬ କେଜି ଓଜନର ଛତୁଆ ମିଳୁଥିବା ବେଳେ ପିଲାଙ୍କ ପାଇଁ ୨.୨୦୦ କେଜି ଓଜନର ମିଳୁଛି। ହେଲେ ଏହି ଛତୁଆକୁ ନେବାପାଇଁ କେହି ରାଜି ହେଉନାହାନ୍ତି ମାଗଣାରେ ମିଳୁଥିବାରୁ ହିତାଧିକାରୀ ନଫିଙ୍ଗି ଲୋକେ ଛତୁଆ ନେଉଛନ୍ତି ସତ, ହେଲେ କେହି ଜଣେ ବି ଖାଉନାହାନ ହାନ୍ତି। ଅନ୍ୟ ସାମଗ୍ରୀ ଗୋରୁଗାଈଙ୍କୁ ଦେଉଛନ୍ତି ଓ ଯେମିତି ଖୁସିହୋଇ ନେଉଛନ୍ତି, ଛତୁଆ ନେବାକୁ କିନ୍ତୁ କୁଢକୁଢ ହେଉଛନ୍ତି। ସରକାର ଛତୁଆ ବଦଳରେ ଅନ୍ୟ କିଛି ଦେଲେ ଲୋକେ ଉପକୃତ ହୁଅନ୍ତେ ବୋଲି କେନ୍ଦ୍ରକୁ ଆସୁଥିବା ଅନେକ ହିତାଧିକାରୀ କହିଛନ୍ତି। ଯାହା ଜଣାଯାଇଛି, ଗୋଟିଏ ପ୍ୟାକେଟ୍ରେ ଯେଉଁ ସବୁ ସାମଗ୍ରୀଓଜନ ଅନୁସାରେ ମିଶାଯିବା କଥା ତାହା ମିଶା ଯାଉନାହିଁ ଖାଲି ଗହମ ପରିମାଣକୁ ଅଧିକ ରଖାଯାଇ ଅନ୍ୟ ସାମଗ୍ରୀ ଗୁରୁତ୍ୱ ଦିଆଯାଉନାହିଁ ଯେତେବେଳେ ପ୍ରସ୍ତୁତ କେନ୍ଦ୍ରରେ ପ୍ରଶାସନିକ ଅଧିକାରୀ ରହୁଛନ୍ତି, ସେତେବେଳେ ଏହାର ମାନକୁ ଗୁରୁତ୍ୱ ଦିଆଯାଉଛି। ଏନେଇ ବାରମ୍ବାର ଅଭିଯୋଗ କରାଯାଉଛି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଅନେକ ହିତାଧିକାରୀ, ଅଙ୍ଗନବାଡ଼ି କର୍ମୀ ଅଭିଯୋଗ କରିଛନ୍ତି।

### ଚର୍ଚ୍ଚିତ ମାମଲାରେ ପକ୍ସୋ କୋର୍ଟ, ଯାଜପୁରଙ୍କ ଐତିହାସିକ ରାୟ

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ



**ଯାଜପୁର ଟାଉନ୍,୨୧।୨ (ସଂଚାର ବ୍ୟୁରୋ):** ନାବାଳିକାଙ୍କୁ ପ୍ରେମର ମିଥ୍ୟା ଆଶ୍ୱାସନ ଦେଇ ନିର୍ଜନ ସ୍ଥାନ ଓ ଲଜ୍‌ଗୁଡ଼ିକରେ ବାରମ୍ବାର ଯନ୍ତ୍ରଣା ଦେଇଥିବା ଘୃଣ୍ୟ ଅଭିଯୋଗରେ ଶେଷରେ ଆସିଲା କଡ଼ା ରାୟ। ପୋକ୍ସୋ ଜଜ୍ ଅଭିଜିତ ପଲେଇ ଗତକାଲି ଅଭିଯୁକ୍ତ ସଞ୍ଜୟ ସାହୁ (୨୫) ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ସହ ଜରିମାନା ମଧ୍ୟ ଆଦେଶ କରିଛନ୍ତି।ମାମଲାର ବିବରଣୀ ଅନୁସାରେ, ଯାଜପୁର ଜିଲ୍ଲା ଅଧୀନ ଚାନ୍ଦମା ଗ୍ରାମର ବାସିନ୍ଦା ଅଭିଯୁକ୍ତ ସଞ୍ଜୟ ଜଣେ ୧୬ ବର୍ଷୀୟା +୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ପ୍ରେମ ସମ୍ପର୍କର ନାଟକ କରି ଫସାଇଥିଲେ। ୨୦୨୪ ସେପ୍ଟେମ୍ବର ୩୦ ତାରିଖରେ ପ୍ରଥମେ ଧଉଳି ଅଞ୍ଚଳର ଏକ ନିର୍ଜନ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ରହିଛି। ପରେ କଲେଜ୍ ଯିବା ନାମରେ ଘରୁ ବାହାରିଲେ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ଲଜ୍‌କୁ ନେଇ ବାରମ୍ବାର ଶାରୀରିକ ଶୋଷଣ କରୁଥିଲେ।ଦୀର୍ଘଦିନ ଧରି ଛାତ୍ରୀ କଲେଜ୍‌କୁ ଯାଉନଥିବାରୁ କଲେଜ୍ କର୍ତ୍ତୃପକ୍ଷ ପରିବାରକୁ ସୂଚନା ଦେଇଥିଲେ। ପରେ ମା'ଙ୍କ ପଚାରାପଚାରିରେ ନାବାଳିକା ସମସ୍ତ ଘଟଣା ଖୋଲି କହିଥିଲେ। ୨୦୨୫ ଜାନୁଆରୀ ୧୨ ତାରିଖରେ ମା'ଙ୍କ ଲିଖିତ ଅଭିଯୋଗ ଆଧାରରେ ଯାଜପୁର ରୋଡ଼ ଥାନା ପୁଲିସ କେସ୍ ନଂ ୨/୨୫ ରେ ବିଭିନ୍ନ ଧାରା ସହ ପୋକ୍ସୋ ଆଇନରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।ମାମଲାର ଶୁଣାଣି ସମୟରେ ୧୩ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ପ୍ରମାଣ ଓ ପୁଲିସ ତଦନ୍ତ ରିପୋର୍ଟକୁ ଆଧାର କରି କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।କେସଟିକୁ ପୂର୍ବ ସରକାରୀ ଓକିଲ ରାଜୀବ ମହାନ୍ତି ଓ ଏବେର ସରକାରୀ ଓକିଲ ପ୍ରତାପ ରାୟ ପରିଚାଳନା କରିଥିଲେ। ଏହି ରାୟ ନାବାଳିକାଙ୍କ ଉପରେ ଅପରାଧ କରୁଥିବା ଅଭିଯୁକ୍ତମାନଙ୍କ ପାଇଁ କଡ଼ା ଚେତାବନୀ ସୃଷ୍ଟି କରିଥିବା ବେଳେ ଅଞ୍ଚଳରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## ବ୍ୟାସନଗରର ଲକ୍ଷ୍ମୀ ହସ୍ପିଟାଲ ସିଲ୍



**ଯାଜପୁର ରୋଡ଼, ୨୧।୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରରେ କିଛି ଦିନପୂର୍ବେ ଏଠାରେ ରହିଥିବା ଘରୋଇ ଲକ୍ଷ୍ମୀ ହସ୍ପିଟାଲରେ ନାବାଳିକାଙ୍କ ପ୍ରସବ, ଶିଶୁ ପିଲାଜନ୍ମର ବହୁ ଚର୍ଚ୍ଚିତ ପକ୍ସୋ କେସ ନଂ ୧୧୩/୨୬ ମାମଲା ଘଟଣାକୁ ନେଇ ଆଜି ଜିଲ୍ଲା ପ୍ରଶାସନିକ କଳ ପକ୍ଷରୁ ହସ୍ପିଟାଲକୁ ସମ୍ପୂର୍ଣ୍ଣ ତାଲା ମରାଯାଇ ସିଲ୍ କରାଯାଇଛି। ହସ୍ପିଟାଲର ସିଲ୍ ସମୟରେ ବ୍ୟାସନଗର ଆଡିସିନାଲ ତହସିଲଦାର ଶ୍ରୀ ପ୍ରଶାନ୍ତ କୁମାର ପୁହାଣ, ଡି.ଏମ.ଓ ଡାକ୍ତର ମନୋଜ କୁମାର ସେନାପତି, ଯାଜପୁର ରୋଡ଼ ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ'ଙ୍କ ସମେତ ଜିଲ୍ଲା ପ୍ରଶାସନିକ ସ୍ତରର ଅଧିକାରୀ, ଦୁଇଜଣ ଡାକ୍ତର ଓ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଏହି ସିଲ୍ ଖୋଲିବ ପାଇଁ ଯାଜପୁର ଜିଲ୍ଲାପାଳଙ୍କର ନିର୍ଦ୍ଦେଶ ନମିଳିବା ଯାଏଁ ଏହି ସିଲ୍ ଖୋଲିବ ନାହିଁ ବୋଲି ସୂଚନା ମିଳିଛି। କିନ୍ତୁ ଏଠାରେ କାର୍ଯ୍ୟରତ କର୍ମଚାରୀ ମାନେ ମାଲିକଙ୍କ ଅନୁପସ୍ଥିତି ଲାଗି ଦୁଃଖ ଅନୁଭବ କରୁଥିବା ଦେଖିବାକୁ ମିଳିଥିଲା।

# କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ଭେଟିଲେ ଯାଜପୁର ସାଂସଦ



**ନୂଆଦିଲ୍ଲୀ,୨୧।୨(ସଂଚାର ବ୍ୟୁରୋ):** ଯାଜପୁର ସୁକିନ୍ଦାରେ ଥିବା ମଲ୍ଟି ସ୍କିଲିଂ ସେଣ୍ଟରକୁ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ ହସ୍ତାନ୍ତର କରାଯାଇଛି। ଏହାପରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଆଜି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚଡି କୁମାର ସ୍ୱାମୀଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି। ଏହି ଇସ୍ପାତ ପ୍ରତିଷ୍ଠାନ ପାଇଁ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇବା ପାଇଁ ପଦକ୍ଷେପ ନେବା ସକାଶେ ସାଂସଦ ଶ୍ରୀ ବେହେରା କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ, ଯାହା ନିଶ୍ଚିତ ଭାବେ ଭାରତ ସରକାରଙ୍କ ପ୍ରମୁଖ ପୂର୍ବୋଦୟ ଯୋଜନାକୁ ସମୃଦ୍ଧ କରିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକର କଳିଙ୍ଗନଗରରେ ଥିବା ୨୫ ଏକର ଜମିରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ସ୍ଥାୟୀ କ୍ୟାମ୍ପସ୍ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହା ସ୍ଥାନୀୟ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ଓ ଓଡ଼ିଶା ପାଇଁ ମାଇଲଖୁଣ୍ଟ ହେବ ବୋଲି ସାଂସଦ ଶ୍ରୀ ବେହେରା କହିଛନ୍ତି। ଇତିମଧ୍ୟରେ ସୁକିନ୍ଦା ବ୍ଲକରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ୨୦୧୮-୧୯ ଆର୍ଥିକ ସହାୟତାରେ ପ୍ରସ୍ତାବିତ ଦକ୍ଷତା ବିକାଶ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ ହସ୍ତାନ୍ତର କରାଯାଇସାରିଛି।

## ସାଇବର ଠକେଇ ମାମଲାରେ ଯୁବକ ଗିରଫ

● ବ୍ୟାଙ୍କ ପାସବୁକ, ମୋବାଇଲ୍ ଫୋନ ଜବତ

**କାକଟପୁର/ଅସ୍ତରଙ୍ଗ,୨୧।୨(ସଂଚାର ବ୍ୟୁରୋ):** ଅତି କମ୍ ବୟସରୁ ସାଇବର ଠକେଇ ଭଳି ଜଘନ୍ୟ ଅପରାଧ କରି ଜେଲ ଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁରୀ ଜିଲ୍ଲା କାକଟପୁର ଥାନା ଲତାହରଣ ଅଧୀନ ବାଙ୍କେଶ୍ୱର ଗ୍ରାମର ଶେଖ ତାହାମିର ଓ ସହଯୋଗୀ ବିଭିନ୍ନ ସମୟରେ ବିଭିନ୍ନ ଉପାୟରେ ସାଇବର ଠକେଇ କରି ୧ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ କାକଟପୁର ଥାନା ପୁଲିସ ହାତରେ ଧରା ପଡ଼ିଛି। ବିଭିନ୍ନ ଉପାୟରେ ସାଇବର ଠକେଇ ନେଇ ଅଭିଯୋଗ ପାଇବା ପରେ କାକଟପୁର ଥାନାଅଧିକାରୀ ବସନ୍ତ କୁମାର ସାହୁ ଙ୍କ ନିର୍ଦ୍ଦେଶରେ କାକଟପୁର ଥାନା ଉପନିରୀକ୍ଷକ ଅମିତ ପାଢ଼ୀ ସମେତ ଅନ୍ୟ କର୍ମଚାରୀ ଅଧିକ ଖୋଳତାଡ଼ କରି କାକଟପୁର ଥାନା ଅନ୍ତର୍ଗତ ବାଙ୍କେଶ୍ୱର ଗାଁରେ ଚଢ଼ାଉ କରି ଅଭିଯୁକ୍ତ ଶେଖ ତାହାମିର ଙ୍କୁ କାବୁ କରିଥିଲେ। ଅଭିଯୁକ୍ତ କୁ ଥାନାରେ ପଚରାଉଚରା ପରେ କେଶ ନମ୍ବର ୫୧/୨୬ଏକ ମାମଲା ରୁଜୁ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ତା 'ନିକଟରୁ ବ୍ୟାଙ୍କ ପାସ ବୁକ, ମୋବାଇଲି ଫୋନ ଓ ଆଧାର କାର୍ଡ ଜବତ କରାଯାଇଛି। ଏ ନେଇ କାକଟପୁର ଥାନାଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଅସାହୟ ନାରଣଙ୍କୁ ନାରାୟଣ ସାହା, ସହାୟତା ପାଇଁ ଆଗେଇ ଆସିଲେ ସାଂସଦ



**ଢେଙ୍କାନାଳ,୨୧।୨(ସଂଚାର ବ୍ୟୁରୋ):** ସଦର ବ୍ଲକ ଲୋଚାପଲ୍ଲୀ ଗ୍ରାମର ଭିନ୍ନକ୍ଷମ ନାରଣ ପ୍ରଧାନ ଅଦ୍ୟାବଧି ଆବାସ ଯୋଜନାରୁ ବଂଚିତ ହେବା ସହ ଦୀର୍ଘ ଦିନ ଧରି ବେଟରୀ ଟ୍ରାଇସାଇକେଲ ପାଇଁ ଅଭିଯୋଗ କରି ନିରାଶ ହେବା ଘଟଣା ସଂଚାରରେ ଖବରକାଗଜରେ ପ୍ରକାଶ ପାଇବା ପରେ ଆଜି ସାଂସଦ ରୁଦ୍ର ନାରାୟଣ ପାଣି ଗ୍ରାମରେ ପହଂଚି ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ନାରଣ ପ୍ରଧାନ ଜନ୍ମରୁ ବିକ୍ୟାଳଙ୍ଗ। ସେ ୮୦% ବିକ୍ୟାଳଙ୍ଗର ସାଟିଫିକେଟ ପାଇଛନ୍ତି। ଏହି ପ୍ରମାଣପତ୍ର ବଳରେ ସେ ରାଜ୍ୟ ସରକାରଙ୍କ ଠାରୁ କେବଳ ଭତା ପାଉଛନ୍ତି। ଅନ୍ୟ ସରକାରି ଯୋଜନାରୁ ଅଦ୍ୟାବଧି ବଂଚିତ ଅଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ସରପଞ୍ଚ ଠାରୁ ସରକାରି ଅଧିକାରୀ ସମସ୍ତଙ୍କ ଠାରେ ଅଭିଯୋଗ କରି ନିରାଶ ହୋଇଛନ୍ତି। ସେ ନିଜ ପରିବାର ଚଳାଇବା ପାଇଁ ଭଙ୍ଗା ଚାଳ ଛପର ତଳେ ସାଇକେଲେ ଦୋକାନ କରି ପେଟ ପୋଷୁଛନ୍ତି। ଆଜିକାଲି ସାଇକେଲର ବିଶେଷ ବ୍ୟବହାର ହେଉନଥିଲେ ମଧ୍ୟ ଆଖପାଖ ଅଞ୍ଚଳର ଲୋକଙ୍କ ସାଇକେଲ ଠିକ କରି ରୋଜଗାର କରୁଛନ୍ତି। ଯାହାକି ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟ ସାଧ୍ୟ। ଗତକାଲି ସଂଚାରରେ ତାଙ୍କର ଖବର ପ୍ରସାରଣ ହୋଇଥିଲା। ଆଜି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଲୋଚାପଳୀ ଗ୍ରାମରେ ପହଂଚି ଶ୍ରୀ ପ୍ରଧାନଙ୍କୁ ସହାୟତ ରାଶି ପ୍ରଦାନ କରିଛନ୍ତି।

# ଉପକୃତ ହେବେ ଚାଷୀ, କାଢ଼ା ନାଳ ସାଜିବ ମାଧ୍ୟମ

### ସ୍ଥିତି ଅନୁଧ୍ୟାନ କଲେ ଉଚ୍ଚସ୍ତରୀୟ ଅଧିକାରୀ



**କାକଟପୁର/ଅସ୍ତରଙ୍ଗ,୨୧।୨(ସଂଚାର ବ୍ୟୁରୋ):** ଚାଷୀଙ୍କୁ ଉପକୃତରେ ଆସିବ କାଢ଼ା ନାଳ। ଚାଷୀଙ୍କ ଚାଷ ଜମି ନିକଟରେ ପହଂଚିବ ପାଣି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କୁଣ୍ଡେଶ୍ୱର, ଜିଓଳ, ସରିପୁର ଏବଂ ଉଦୟପୁର ଗ୍ରାମ ଦେଇ ଶ୍ରୀ ସୁଦର୍ଶନ ପାଣି ପଞ୍ଚାୟତ ଓ ହରପାର୍ବତୀ ପାଣି ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପୁରୁଣା ଓ ନୂଆ ନିର୍ମାଣ ହୋଇଥିବା କାଢ଼ାନାଳୀ କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିଛନ୍ତି ସେଚାଞ୍ଚଳ ଉନ୍ନୟନ କଟକ ପ୍ରକଳ୍ପ ନିର୍ଦ୍ଦେଶକ (ବୈଷୟିକ) ସମେତ ନିର୍ବାହୀ ଯନ୍ତ୍ରୀ କାଢ଼ା ଡିଭିଜନ, ଭୁବନେଶ୍ୱର, ସହକାରୀ ନିର୍ବାହୀ ଯନ୍ତ୍ରୀ ସେଚାଞ୍ଚଳ ଉନ୍ନୟନ ଉପ ବିଭାଜନ, ଭୁବନେଶ୍ୱର ଓ ସହକାରୀ ଯନ୍ତ୍ରୀ, କାଢ଼ା ସେକ୍ସନ କାକଟପୁର ପରିଦର୍ଶନ କରି କାର୍ଯ୍ୟର ସ୍ଥିତିଅନୁଧ୍ୟାନ କରିବା ସହ କାଢ଼ା ନାଳ ନିର୍ମାଣ କାର୍ଯ୍ୟ ଓ କାଢ଼ା ନାଳ ଦ୍ୱାରା ଚାଷୀ ମାନେ କିପରି ଉପକୃତ ହେଉଛନ୍ତି ଉପସ୍ଥିତ ଚାଷୀ ମାନଙ୍କ ଠାରୁ ବୁଝିଥିଲେ। ଉପସ୍ଥିତ ଚାଷୀ ମାନେ କାଢ଼ା ନାଳ ଦ୍ୱାରା ଚାଷ କାର୍ଯ୍ୟ ସୁରୁଖୁରୁରେ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ୧୦ବର୍ଷ ପୂର୍ବରୁ କାଢ଼ା ନାଳ ଗୁଡ଼ିକ ଠିକ ଭାବରେ କାର୍ଯ୍ୟକ୍ଷମ ଅଛି ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଅନ୍ୟ ଚାଷ ଜମିକୁ କାଢ଼ା ନାଳୀ କରିବାକୁ ଦାବୀ କରିଥିଲେ।

## ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାଲିଆପାଳ,୨୧।୨(ସଂଚାର ବ୍ୟୁରୋ):** ବସ୍ତା ୬୦ ନମ୍ବର ଜାତୀୟ ରାଜପଥ ଦଣ୍ଡିକା ନିକଟରେ ଶୁକ୍ରବାର ରାତିରେ ଜଣେ ବାଇକ ଅରୋହିକୁ ଏକ ଚାଉଳ ବୋଝେଇ ଟ୍ରକ ପଛରୁ ଧକା ଦେବାରୁ ଘଟଣା ସ୍ଥଳରେ ବାଇକ ଆରୋହୀର ମୃତ୍ୟୁ ହୋଇ ଯାଇଛି। ମୃତ ଯୁବକ ଜଣକ ହେଲେ ବାଲିଆପାଳ ଥାନା ଅନ୍ତର୍ଗତ ବାଲିଆପାଳ ମୁସଲମାନ ବସ୍ତିର ସେକ ସାମୁ ଙ୍କ ବଡ଼ ପୁଅ ସେକ ଅଜୁ। ଅଜୁ ଦୀର୍ଘ ବର୍ଷ ଧରି ବାଲିଆପାଳ ଓ ବସ୍ତା ଅଞ୍ଚଳରେ ଜେସିବି ଓ ଟ୍ରାକ୍ଟର ଯୋଗେ ଲୋକଙ୍କୁ ମାଟି ଯୋଗାଇ ଆସୁଥିଲେ। ଶୁକ୍ରବାର ସେ ବସ୍ତା ଅଞ୍ଚଳରେ ଜେସିବି ଯୋଗେ ମାଟି ଖୋଳୁଥିଲା। ରାତିରେ ଡ୍ରାଇଭର ମାନଙ୍କ ପାଇଁ ଖାଇବା ନେବାକୁ ଆସୁଥିବା ବେଳେ ଏକ ଚଉଳ ବୋଝେଇ ଟ୍ରକ ତାଙ୍କୁ ପଛପଟୁ ଧକା ଦେଇ ଉପରେ ଚଢ଼ି ଯାଇଥିଲା ଯାହା ଫଳରେ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇ ଯାଇଥିଲା। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଥିବା ବେଳେ ଜାତୀୟ ରାଜପଥ ପେଟ୍ରୋଲିଂ ଭ୍ୟାନ ଏବଂ ବସ୍ତା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗାଡ଼ି ଜବଦ କରି ଅଧିକ ତଦନ୍ତ ଜାରି ରଖିଛି।

# ରାତି ପାହିଲେ ଶ୍ରମିକ ଏଠି ମୃତ୍ୟୁପଥର ଯାତ୍ରୀ



**ପାରାଦୀପ,୨୧।୨(ସଂଚାର ବ୍ୟୁରୋ):** ବନ୍ଦର ନଗରୀ ପାରାଦୀପରେ ଅନେକ ସମୟରେ ଗଡ଼ିଥାଏ ମୁଣ୍ଡ। ଦୁର୍ଘଟଣା ଏଠି କାହାର କେତେବେଳେ ସଂସାର ଉଜାଡି ଦିଏ ତାହା କାହାକୁ ବି ଜଣା ନଥାଏ। ଆଖି ଆଗରେ ଚାଲିଯାଏ ନିରୀହ ଲୋକଙ୍କ ଜୀବନ। ଅନେକ ସମୟରେ ଦୁର୍ଘଟଣାକୁ ରୋକିବା ନିମନ୍ତେ ସଚେତନତା ମଧ୍ୟ ସୃଷ୍ଟି କରାଯାଏ। ପାଞ୍ଚଟି ଥାନା ସହ ପରିବହନ ବିଭାଗ ମଧ୍ୟ ଅନେକ ସମୟରେ ଆସି ପାରାଦୀପରେ ଗାଡି ତନଖି କରିଥାନ୍ତି। ଉଚ୍ଚ କ୍ଷମତା ସମ୍ପର୍ଣ୍ଣ କ୍ୟାମେରା ମଧ୍ୟ ନିୟମ ଭଙ୍ଗ କରୁଥିବା କାର ଏବଂ ବାଇକ ଚାଳକଙ୍କୁ ଗତ କିଛି ମାସ ହେବ ମୋଟା ଅଙ୍କର ଜୋରିମାନା କରିଥିବା ଜଣାପଡ଼ିଛି। ହେଲେ ସବୁଠାରୁ ଆଶ୍ଚର୍ଯ୍ୟ କଲାଭଳି ଦୃଶ୍ୟ ପାରାଦୀପ ରାଜରାସ୍ତାରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଦେଖିବାକୁ ମିଳୁଛି। ପାରାଦୀପ ସମେତ ବିଭିନ୍ନ ଶିଳ୍ପସଂସ୍ଥାକୁ ଦୈନିକ କାମ କରିବାକୁ ଆସୁଥିବା ଶ୍ରମିକମାନଙ୍କୁ ମାଲବାହୀ ଗାଡିରେ ଅତି ବିପଜନକ ଭାବେ ପରିବହନ କରାଯାଉଛି। ଶ୍ରମିକ ଏଠି ସାମଗ୍ରୀ ସାଜି ମାଲ ପରିବହନ ଗାଡ଼ିରେ ସମସ୍ତଙ୍କ ଆଖି ସାମ୍ନାରେ ଆସନ୍ତି ଓ ଯାଇଥାନ୍ତି। ଯାହାକି ଶ୍ରମ ଓ ପରିବହନ ଆଇନର ଖୋଲା ଉଲଂଘନ ହେଉଥିବା ଦେଖିବାକୁ ମିଳିଛି। ଏହି ଶ୍ରମିକମାନଙ୍କୁ ନେବା ଆଣିବା କରିବା ପାଇଁ ଯାତ୍ରୀବାହୀ ଗାଡ଼ିର ଆବଶ୍ୟକତା ଥିବା ବେଳେ ଠିକାଦାରମାନେ ଲାଭଖୋର ହୋଇ ଶ୍ରମିକମାନଙ୍କୁ ମାଲବାହୀ ଗାଡି ପିକଅପ ଭ୍ୟାନ ଏବଂ ଟ୍ରାକଟର ଡାଲାରେ ଆଣି ଫାଟକ ସାମ୍ନାରେ ଛାଡୁଛନ୍ତି ଏବଂ ସେଠାରୁ ପୁଣି ନେଇ ଯାଉଛନ୍ତି।

## ଜଳ ଓ ପରିମଳ ମିଶନ ଓ ସମନ୍ୱୟ ସମିତି ବୈଠକ



**ବାରିପଦା,୨୧।୨(ସଂଚାର ବ୍ୟୁରୋ):** ଜିଲ୍ଲା ଜଳ ଓ ପରିମଳ ମିଶନ ଏବଂ ସମନ୍ୱୟ ସମିତି ବୈଠକ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ମୟୁରଭଞ୍ଜ ଜିଲ୍ଲାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ବାରିପଦା ଓ ରାଇରଙ୍ଗପୁର ଅଧୀନରେ ଚାଲୁଥିବା ବିଭିନ୍ନ ପାନୀୟଜଳ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସୟ୍ ଆଲୋଚନା କରିଛନ୍ତି । ଜିଲ୍ଲାର ବିଭିନ୍ନ ମେଗା, ସିଙ୍ଗଲ୍ ଓ ମଲ୍ଟି ଭିଲେଜ୍ ପାଇପ୍ ଜଳ ପ୍ରକଳ୍ପମାନଙ୍କର ଅଗ୍ରଗତି ଓ କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଛି । ବୈଠକରେ ଜିଲ୍ଲା ସ୍ୟାଚୁରେସନ୍ ପ୍ଲାନ୍, ମେଗା ପ୍ରକଳ୍ପମାନଙ୍କର ଭୌତିକ ଓ ଆର୍ଥିକ ପ୍ରଗତି, "ହର ଘର ଜଳ" ସ୍ଥିତି, ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏତତ୍ ବ୍ୟତୀତ ପାଇପ୍ ଜଳଯୋଗାଣ ପାଇଁ ବିଭିନ୍ନ ସ୍ଥାନରେ ପାଇପ୍ ଜଳ ବିଛାଇବା ସମୟରେ କିଛି ସ୍ଥାନରେ ଜମି ଉପଲବ୍ଧତା, ବନ ଅନୁମତି, ରାସ୍ତା କଟିଂ ଅନୁମତି ଓ ସ୍ଥାନୀୟ ବାଧା ସମ୍ପର୍କିତ ସମସ୍ୟା ଦେଖାଦେଇଥିବାରୁ ସମ୍ବନ୍ଧିତ ବିଭାଗମାନଙ୍କୁ ଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ସୟ୍ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ମୟୁରଭଞ୍ଜ ଜିଲ୍ଲାରେ ମୋଟ ୪୦୪ଟି ଗ୍ରାମ ପଞ୍ଚାୟତ ଓ ୩,୭୧୪ଟି ଗ୍ରାମ ଅଛି। ସେଥିରୁ ୧,୮୦୩ଟି ଗ୍ରାମ (୪୮.୫୫%) ମେଗା ପାଇପ୍ ଜଳ ଯୋଗାଣ, ସିଙ୍ଗଲ୍ ଭିଲେଜ୍ ସ୍କିମ୍ / ମଲ୍ଟି ଭିଲେଜ୍ ସ୍କିମ୍ ଓ ସୋଲାର୍ ପ୍ରକଳ୍ପ ମାଧ୍ୟମରେ ଆବର୍ତ୍ତିତ ହୋଇଛି ।

SANCHAR
ସଂଚାର
ରବିବାର ୨୨ ଫେବୃଆରୀ ୨୦୨୬
BUSINESS

# ଟ୍ରମ୍ପଙ୍କ ଟାରିଫ୍ ସୁପ୍ରିମକୋର୍ଟରେ ରଦ୍ଦ

ନୂଆଦିଲ୍ଲୀ, ୨୧।୨: ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ଝଟକା ଦେଇଛନ୍ତି। ସୁପ୍ରିମକୋର୍ଟ ଅନ୍ୟ ଦେଶମାନଙ୍କ ଉପରେ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କକୁ ଅବୈଧ ଘୋଷଣା କରି ସେଗୁଡ଼ିକୁ ରଦ୍ଦ କରିଛନ୍ତି। ତାଙ୍କ ନିଷ୍ପତ୍ତିରେ କୋର୍ଟ କହିଛନ୍ତି ଯେ, ଟ୍ରମ୍ପ ଏତେ ଦେଶ ଉପରେ ଶୁଳ୍କ ଲଗାଇ ନିଜର ଅଧିକାର କ୍ଷେତ୍ରକୁ ଅତିକ୍ରମ କରିଛନ୍ତି। ଟ୍ରମ୍ପ ଜାତୀୟ ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ ଡିଜାଇନ୍ ହୋଇଥିବା ଆଇନ ଅନୁଯାୟୀ ଶୁଳ୍କ ଲାଗୁ କରିଛନ୍ତି।

ଆମେରିକାର ସମ୍ବିଧାନ ଅନୁଯାୟୀ, ଟିକସ ଏବଂ ଶୁଳ୍କ ଲାଗୁ କରିବାର ଅଧିକାର ରାଷ୍ଟ୍ରପତିଙ୍କର ନୁହେଁ, ବରଂ କଂଗ୍ରେସ (ସଂସଦ) ପାଖରେ ରହିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଟ୍ରମ୍ପ ଶୁଳ୍କକୁ ଏକ ପ୍ରମୁଖ ଅର୍ଥନୈତିକ ଏବଂ ବୈଦେଶିକ ନୀତି ଉପକରଣ ଭାବରେ ବ୍ୟବହାର କରିଥିଲେ। ରିପବ୍ଲିକାନ ନେତା ଏହି ଶୁଳ୍କଗୁଡ଼ିକୁ ଆମେରିକୀୟ ଆର୍ଥିକ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ଟ୍ରମ୍ପ ଭବିଷ୍ୟବାଣୀ କରିଥିଲେ ଯେ, ଟାରିଫ୍ ବିନା, ଦେଶ ଧ୍ୱଂସ ପାଇଯିବ।



କୋର୍ଟଙ୍କ ନିଷ୍ପତ୍ତି ଆମେରିକାର ଅର୍ଥନୀତି, ଗ୍ରାହକ ଏବଂ ରାଷ୍ଟ୍ରପତିଙ୍କ ବାଣିଜ୍ୟ ନୀତି ଉପରେ ପ୍ରଭାବ ପକାଇବ। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ସରକାର ଅନ୍ୟ ଦେଶ ସହିତ ବାଣିଜ୍ୟ ଚୁକ୍ତିନାମା ପ୍ରତ୍ୟାହାର କରି ଆମଦାନୀକାରୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଫେରସ୍ତ ଦେଇପାରନ୍ତି। ଟ୍ରମ୍ପ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି ଯିଏ କଂଗ୍ରେସ ଅନୁମୋଦନ ବିନା ଏକପାଖିଆ ଭାବରେ ଶୁଳ୍କ ଲାଗୁ କରିଛନ୍ତି। ସେ ୧୯୭୦ ଦଶକର ଏକ ଜରୁରୀକାଳୀନ ଆଇନକୁ ବ୍ୟବହାର କରି ଟାରିଫ ଲଗାଇଛନ୍ତି। କିନ୍ତୁ ଏହି ଆଇନରେ ଟାରିଫ ଶବ୍ଦ ଉଲ୍ଲେଖ ନାହିଁ। ମୁଖ୍ୟ ବିଚାରପତି ଜନ୍ ଜି. ରବର୍ଟସ୍ ଜୁନିଅର କହିଛନ୍ତି ଯେ, ଏହି ଆଇନ ରାଷ୍ଟ୍ରପତିଙ୍କୁ ଶୁଳ୍କ ଲାଗୁ କରିବାର ଅଧିକାର ଦିଏନାହିଁ। ରାଷ୍ଟ୍ରପତି ଏକପାଖିଆ ଶୁଳ୍କ ଲାଗୁ କରିବାର ଅସାଧାରଣ କ୍ଷମତା ଥିବା ନେଇ ଦାବି କରୁଛନ୍ତି। କିନ୍ତୁ ଏଭଳି ନିଷ୍ପତ୍ତି ନେବାକୁ ହେଲେ ଆମେରିକା କଂଗ୍ରେସର ସ୍ପଷ୍ଟ ସହମତି ଜରୁରୀ।

ଆମେରିକାର ସୁପ୍ରିମକୋର୍ଟ କହିଛନ୍ତି ଯେ, ଟ୍ରମ୍ପ ତାଙ୍କ କ୍ଷମତା ଅତିକ୍ରମ କରିଛନ୍ତି ଏବଂ ଜାତୀୟ ଜରୁରୀକାଳୀନ ଆଇନକୁ ଲାଗୁ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଅନୁଯାୟୀ, ଅନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ ରାଷ୍ଟ୍ରପତିଙ୍କୁ ଶୁଳ୍କ ଲାଗୁ କରିବାକୁ ଅନୁମତି ଦିଏ ନାହିଁ। ସୁପ୍ରିମକୋର୍ଟ ୬-୩ ବହୁମତରେ ଟ୍ରମ୍ପଙ୍କ ଶୁଳ୍କ ବିରୋଧରେ ରାୟ ଦେଇଛନ୍ତି। ଅନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ କ୍ଷମତା ଆଇନ ରାଷ୍ଟ୍ରପତିଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ବାଣିଜ୍ୟକୁ 'ନିୟନ୍ତ୍ରିତ' କରିବାର ଅଧିକାର ପ୍ରଦାନ କରେ। ଟ୍ରମ୍ପ ଏହାକୁ ପ୍ରଥମେ ଫେବୃଆରୀ ୨୦୨୫ ରେ ବ୍ୟବହାର କରିଥିଲେ। ସେ ଚୀନ୍, ମେକ୍ସିକୋ ଏବଂ କାନାଡାରୁ ଆସୁଥିବା ସାମଗ୍ରୀ ଉପରେ ଟିକସ ଲାଗୁ କରିଥିଲେ। ଏହି ଆଇନ ବ୍ୟବହାର କରି, ଟ୍ରମ୍ପ ପୁଣି ଥରେ ଏପ୍ରିଲ ମାସରେ ପ୍ରାୟ ପ୍ରତ୍ୟେକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ୧୦% ରୁ ୫୦% ପର୍ଯ୍ୟନ୍ତ ଟିକସ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ସମସ୍ତ ଶୁଳ୍କ ପ୍ରତ୍ୟାହାର କରାଯାଇ ନାହିଁ। ଇସ୍ପାତ, ଆଲୁମିନିୟମ, କାଠ ଏବଂ ଅଟୋମୋବାଇଲ ଶିଳ୍ପ ସହ ଜଡିତ ଶୁଳ୍କ ପ୍ରଭାବିତ ହୋଇନାହିଁ। ଏହି ଶୁଳ୍କଗୁଡ଼ିକ ୧୯୬୨ ମସିହାର ବାଣିଜ୍ୟ ପ୍ରସାରଣ ଆଇନର ଧାରା ୨୩୨ ଅନୁଯାୟୀ ଲାଗୁ କରାଯାଇଥିଲା। ଏଥିରେ ଜାତୀୟ ସୁରକ୍ଷା ଚିନ୍ତାକୁ ଉଲ୍ଲେଖ କରାଯାଇଥିଲା।



# ପୋଷ୍ଟ ଅଫିସରେ ମାସିକ ୧୧ ହଜାର ସଞ୍ଚୟ କରି ଲକ୍ଷପତି ହୁଅନ୍ତୁ

ନୂଆଦିଲ୍ଲୀ, ୨୧।୨: ଯଦି ଆପଣ ନିଜର କଷ୍ଟ ଅର୍ଜିତ ଟଙ୍କାକୁ ଏକ ସୁରକ୍ଷିତ ଏବଂ ଗ୍ୟାରେଣ୍ଟିଡ୍ ରିଟର୍ଣ୍ଣ ଦେଉଥିବା ସ୍କିମ୍‌ରେ ନିବେଶ କରିବାକୁ ଚାହୁଁଛନ୍ତି, ତେବେ ଭାରତୀୟ ଡାକ ବିଭାଗର ରେକରିଂ ଡିପୋଜିଟ୍ (ଆରଡି) ଆପଣଙ୍କ ପାଇଁ ଏକ ଶ୍ରେଷ୍ଠ ବିକଳ୍ପ ହୋଇପାରେ। ବିଶେଷ କରି ସ୍ୱଳ୍ପ ସଞ୍ଚୟକାରୀଙ୍କ ପାଇଁ ଏହି ସରକାରୀ ସ୍କିମ୍ ବେଶ୍ ଲାଭଦାୟକ। ବର୍ତ୍ତମାନ ପୋଷ୍ଟ ଅଫିସ୍ ଆରଡି ଉପରେ ବାର୍ଷିକ ୬.୭% ସୁଧ ମିଳୁଛି। ଏହି ସୁଧ ପ୍ରତି ତିନି ମାସରେ ବୃଦ୍ଧି ଅର୍ଥାତ୍ କ୍ୱାଟରଲି କମ୍ପାଉଣ୍ଡେଡ୍ ହୋଇଥାଏ। ଏହି ସ୍କିମ୍‌ରେ ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ଅତିରିକ୍ତ ସୁଧର ବ୍ୟବସ୍ଥା ନାହିଁ। ଯଦି ଆପଣ ପ୍ରତି ମାସରେ ୧୧,୧୧୧ ପାଞ୍ଚ ବର୍ଷ ପାଇଁ ଜମା କରନ୍ତି, ତେବେ ମାଚ୍ୟୁରିଟି ସମୟକୁ ଆପଣଙ୍କ ପାଖରେ ଏକ ମୋଟା ଅଙ୍କର ପାଣ୍ଠି ପ୍ରସ୍ତୁତ ହୋଇଯିବ। ଅର୍ଥାତ୍ ୫ ବର୍ଷ ପରେ ଆପଣ ପ୍ରାୟ ୮ ଲକ୍ଷ ଟଙ୍କାର ମାଲିକ ହୋଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାତ୍ର ୧୦୦ ରୁ ଏହି ସ୍କିମ୍ ଆରମ୍ଭ କରିହେବ। ସର୍ବାଧିକ ଜମା ପାଇଁ କୌଣସି ସୀମା ନାହିଁ। ୧୨ଟି କିସ୍ତି ଜମା କରିବା ପରେ ଆପଣ ନିଜ ଜମା ରାଶି ଉପରେ ଋଣ ନେଇପାରିବେ। ଆକାଉଣ୍ଟ ଖୋଲିବାର ୩ ବର୍ଷ ପରେ ଆପଣ ଏହାକୁ ବନ୍ଦ କରିପାରିବେ। ଦରମାଭୋଗୀ ବ୍ୟକ୍ତି, ଗୃହିଣୀ, ଏବଂ ପିଲାମାନଙ୍କ ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ଉତ୍ତମ ସୁଯୋଗ।

# କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବଢ଼ିବ ଡିଏ



ନୂଆଦିଲ୍ଲୀ, ୨୧।୨: କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଖୁସି ଖବର। ଖୁବଶୀଘ୍ର କେନ୍ଦ୍ର ସରକାର ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି ନେଇ ଘୋଷଣା କରିପାରନ୍ତି। ଶ୍ରମ ବ୍ୟୁରୋ ପକ୍ଷରୁ ଜାରି ହୋଇଥିବା ଏଆଇସିପିଆଇ-ଆଇଡବ୍ଲ୍ୟୁ ସୂଚକାଙ୍କ ଅନୁଯାୟୀ, ଜାନୁୟାରୀ ୨୦୨୬ରୁ କର୍ମଚାରୀଙ୍କ ଡିଏ ରେ ୨% ବୃଦ୍ଧି ହେବା ପ୍ରାୟ ନିଶ୍ଚିତ ହୋଇଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୪ ତାରିଖରେ ହୋଲି ପଡୁଥିବା ବେଳେ, କର୍ମଚାରୀଙ୍କୁ ଖୁସି କରିବା ପାଇଁ ସରକାର ହୋଲି ପୂର୍ବରୁ ଏହି ବର୍ଦ୍ଧିତ ଡିଏ ଘୋଷଣା କରିବାର ସମ୍ଭାବନା ରହିଛି। ଯଦି ଏହି ୨% ବୃଦ୍ଧି ଘଟେ, ତେବେ ବର୍ତ୍ତମାନ ମିଳୁଥିବା ୫୮% ମହଙ୍ଗା ଭତ୍ତା ବଢ଼ି ୬୦%ରେ ପହଞ୍ଚିବ। ଡିସେମ୍ବର ୨୦୨୫ ସୁଦ୍ଧା ଏଆଇସିପିଆଇ-ଆଇଡବ୍ଲ୍ୟୁର ହାରାହାରି ସୂଚକାଙ୍କ ୧୪୫.୫୪ ରହିଛି। ସରକାରୀ ଫର୍ମୁଲା ଅନୁଯାୟୀ ଡିଏ ପରିମାଣ ପ୍ରାୟ ୬୦.୩୩% ହେଉଛି। ସରକାର ସାଧାରଣତଃ ଏହାକୁ ରାଉଣ୍ଡ ଫିଗରରେ ରଖୁଥିବାରୁ, ଏହା ୬୦% ହେବା ଏକପ୍ରକାର ସ୍ପଷ୍ଟ। ସପ୍ତମ ବେତନ କମିଶନର ଅବଧି ଡିସେମ୍ବର ୨୦୨୫ରେ ଶେଷ ହୋଇଥିବା ବେଳେ, କର୍ମଚାରୀମାନେ ଏବେ ୮ମ ବେତନ କମିଶନ ଲାଗୁ ହେବାକୁ ଅପେକ୍ଷା କରିଛନ୍ତି। ଯଦିଓ ଏଥିପାଇଁ କିଛି ସମୟ ଲାଗିପାରେ, କିନ୍ତୁ ଡିଏ ବୃଦ୍ଧି କର୍ମଚାରୀଙ୍କୁ ମହଙ୍ଗା ମାଡ଼ରୁ କିଛିଟା ଆଶ୍ୱସ୍ତି ଦେବ।

୮ମ ବେତନ କମିଶନ ଲାଗୁ ହେବା ପରେ ପ୍ରାୟ ୧.୧ କୋଟି ଲୋକଙ୍କ ଦରମା ଓ ପେନସନରେ ବଡ଼ ଧରଣର ବୃଦ୍ଧି ଘଟିବ। ଏହା କେବଳ ସରକାରୀ କର୍ମଚାରୀଙ୍କ ପାଇଁ ନୁହେଁ, ବରଂ ନିବେଶକ ଏବଂ ଭାରତୀୟ ପୁଞ୍ଜି ବଜାର ପାଇଁ ମଧ୍ୟ ବଡ଼ ସୁଯୋଗ ଆଣୁଛି। ଦରମା ବଢ଼ିବା ପରେ କର୍ମଚାରୀଙ୍କ ହାତକୁ ଅଧିକ ଟଙ୍କା ଆସିବ, ଯାହା ଫଳରେ ବଜାରରେ ଖର୍ଚ୍ଚ କରିବାର କ୍ଷମତା ବୃଦ୍ଧି ପାଇବ। କେଉଁ କେଉଁ କ୍ଷେତ୍ରଗୁଡ଼ିକ ଏଥିରୁ ସିଧାସଳଖ ଲାଭବାନ ହେବେ ଆସନ୍ତୁ ଜାଣିବା। ଦରମା ବୃଦ୍ଧି ଏବଂ ଏରିଅର୍ ଟଙ୍କା ପାଇବା ପରେ ଘର କିଣିବା କିମ୍ବା ଗୃହ ଋଣ ନେବା ସହଜ ହେବ। ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଏବଂ ବିଳାସପୂର୍ଣ୍ଣ ଜିନିଷର ଚାହିଦା ବଢ଼ିବ। ଲୋକଙ୍କ ପାଖରେ ଅଧିକ ନଗଦ ଟଙ୍କା ରହିବା ଫଳରେ ବ୍ୟାଙ୍କରେ ଜମା ବୃଦ୍ଧି ପାଇବ ଏବଂ ବ୍ୟକ୍ତିଗତ ଋଣର ମାତ୍ରା ମଧ୍ୟ ବଢ଼ିପାରେ। ଜଣେ ସଚେତନ ନିବେଶକ ଭାବେ କିଛି ଦିଗ ଉପରେ ନଜର ରଖିବା ଜରୁରୀ। ସରକାରୀ ଖର୍ଚ୍ଚ ବୃଦ୍ଧି ପାଇଲେ ଦେଶର ରାଜକୋଷ ଉପରେ ଚାପ ପଡ଼ିପାରେ। ଯଦି ସରକାରୀ ଋଣ ପରିମାଣ ବଢ଼େ, ତେବେ ଏହା ଦୀର୍ଘକାଳୀନ ଭିତ୍ତିରେ ବଜାରର ଗତିଶୀଳତାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।

# ହିଲାରୀ କ୍ଲିଣ୍ଟନଙ୍କୁ ନୀତା ଓ ମୁକେଶ ଅମ୍ବାନୀଙ୍କ ଜୋରଦାର ସ୍ୱାଗତ



ମୁମ୍ବାଇ ୨୧।୨: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ତଥା ପ୍ରବନ୍ଧ ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏବଂ ତାଙ୍କ ପତ୍ନୀ ତଥା ରିଲାଏନ୍ସ ଫାଉଣ୍ଡେସନର ଫାଉଣ୍ଡର ଚେୟାରମ୍ୟାନ ନୀତା ଅମ୍ବାନୀ ଶୁକ୍ରବାର ଅପରାହ୍ନରେ ତାଙ୍କ ମୁମ୍ବାଇସ୍ଥିତ ବାସଭବନ ଆଣ୍ଟିଲିୟାରେ ଆମେରିକାର ପୂର୍ବତନ ବୈଦେଶିକ ମନ୍ତ୍ରୀ ହିଲାରୀ କ୍ଲିଣ୍ଟନଙ୍କୁ ସ୍ୱାଗତ କରିଛନ୍ତି। ହିଲାରୀ କ୍ଲିଣ୍ଟନଙ୍କ ସହିତ ଅମ୍ବାନୀ ପରିବାର ଅପରାହ୍ନକୁ ବନ୍ଧୁତା, ସାଂସ୍କୃତିକ ଆଦାନ ପ୍ରଦାନ ଓ ଭବିଷ୍ୟତ ଚର୍ଚ୍ଚାରେ କଟାଇଛନ୍ତି। ଏହି ଅବସରରେ ନୀତା ଓ ମୁକେଶ ଅମ୍ବାନୀଙ୍କ ସହ ତାଙ୍କ ଝିଅ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ନିର୍ଦ୍ଦେଶିକା ଇଶା ଅମ୍ବାନୀ ମଧ୍ୟ ଉପସ୍ଥିତ ଥିଲେ। କ୍ଲିଣ୍ଟନଙ୍କ ସ୍ୱାଗତରେ ଆଣ୍ଟିଲିଆରେ ଲାଇଭ ସଂଗୀତ ସହ ଏକ ଛୋଟ ପାର୍ଟି ଆରମ୍ଭ ହୋଇଥିଲା। ଅମ୍ବାନୀ ପରିବାର ଓ କ୍ଲିଣ୍ଟନଙ୍କ ସାକ୍ଷାତ ଆଲୋଚନା ବେଶ୍ ମନୋରମ ଥିଲା, ଏହି କାର୍ଯ୍ୟକ୍ରମର ଛବି ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କ୍ଲିଣ୍ଟନଙ୍କ ସହିତ ଏହି ସାକ୍ଷାତ ଆଲୋଚନା ମୁମ୍ବାଇ କ୍ଲାଇମେଟ ୱିକ୍ ପୂର୍ବରୁ ଅନୁଷ୍ଠିତ ହୋଇଛି। ଏଥିରେ କ୍ଲିଣ୍ଟନ ଭାରତୀର ଜଳବାୟୁ ନବସୃଜନ ଗ୍ରହଣୀୟତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ହିଲାରୀ କ୍ଲିଣ୍ଟନ ତାଙ୍କବୈଦେଶିକ ମନ୍ତ୍ରୀତ୍ୱ କାଳର ସ୍ମୃତିଚାରଣ କରିଥିଲେ। ସେତେବେଳେ ସେ ଭାରତରେ ସ୍ୱଚ୍ଛ ରୋଷେଇ ଯୋଜନା ଆରମ୍ଭ କରିଥିଲେ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସେ ଲୋକଙ୍କୁ ଶସ୍ତା ଓ ଭଲ ଚୁଲା ଯୋଗାଇ ଦେବାକୁ ଗୁରୁତ୍ୱ ଦେଇଥିଲେ, ଯାହାଦ୍ୱାରା ଘରେ ଧୂଆଁ କମ୍ ଓ ସ୍ୱାସ୍ଥ୍ୟ ଭଲ ରହିପାରିବ। ସେ କହିଛନ୍ତି ଯେ ହୁଏତ ଏହା ଏକ ଛୋଟ କଥା ମନେ ହୋଇପାରେ, ହେଲେ ଏହାର ବହୁତ ବଡ଼ ପ୍ରଭାବ ରହିଛି। ସେ କହିଛନ୍ତି ଯେ ଏହିଭଳି ଛୋଟଛୋଟ କାମ ଲୋକଙ୍କ ଜୀବନ ବଞ୍ଚାଇ ପାରିବ ଓ ସାରା ବିଶ୍ୱକୁ ବ୍ୟାପ୍ତ ହୋଇ ପାରିବ। ଉଲ୍ଲେଖଯୋଗ୍ୟ ଯେ ହିଲାରୀ କ୍ଲିଣ୍ଟନ ଓ ଅମ୍ବାନୀ ପରିବାର ମଧ୍ୟରେ ମଧୁର ସମ୍ପର୍କ ରହିଛି। ଅମ୍ବାନୀ ପରିବାରର ପାରିବାରିକ କାର୍ଯ୍ୟକ୍ରମରେ ମଧ୍ୟ ହିଲାରୀ ଅତୀତରେ ଯୋଗ ଦେଇଛନ୍ତି। ୨୦୧୮ ମସିହାରେ ଇଶା ଅମ୍ବାନୀଙ୍କ ପ୍ରି-ୱେଡିଂ ପାର୍ଟିରେ ହିଲାରୀ କ୍ଲିଣ୍ଟନ ଯୋଗଦେଇ ବେଶ୍ ଚର୍ଚ୍ଚା ସାଉଣ୍ଟିଥିଲେ।

# ଇସ୍ରାଏଲରୁ ଅତ୍ୟାଧୁନିକ ମିସାଇଲ୍ ଓ ଡ୍ରୋନ୍ ଆଣିବେ ମୋଦି



## ପ୍ରତିରକ୍ଷା କ୍ଷେତ୍ରରେ ହେବ ୯୦ହଜାର କୋଟିର ଚୁକ୍ତି

ନୂଆଦିଲ୍ଲୀ, ୨୧।୨: ଭାରତ ଓ ଇସ୍ରାଏଲ୍ ମଧ୍ୟରେ ଥିବା ଆହୁରି ମଜବୁତ ହେବାକୁ ଯାଉଛି ରଣନୈତିକ ସମ୍ପର୍କ। ଚଳିତ ମାସ ଫେବୃଆରୀ ୨୫ ଓ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଇସ୍ରାଏଲ୍ ଗସ୍ତରେ ଯାଉଛନ୍ତି। ଏହି ଗସ୍ତ ସମୟରେ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ପ୍ରାଧାନ୍ୟ ଦିଆଯିବ ବୋଲି ଆଶା କରାଯାଉଛି। ଏହି ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ସୁରକ୍ଷା ସହଯୋଗ ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ଯଦିଓ ବର୍ତ୍ତମାନ କୌଣସି ବଡ଼ ଧରଣର ନୂତନ ପ୍ରତିରକ୍ଷା ଚୁକ୍ତି ହେବାର ସଙ୍କେତ ମିଳିନାହିଁ, କିନ୍ତୁ ଆଗାମୀ ବର୍ଷଗୁଡ଼ିକରେ ପ୍ରତିରକ୍ଷା ସହଯୋଗ ପ୍ରାୟ ୧୦ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଭାରତ ନିଜର ଆକାଶ ମାର୍ଗକୁ ସୁରକ୍ଷିତ ରଖିବା ପାଇଁ 'ମିଶନ ସୁଦର୍ଶନ' ଉପରେ କାମ କରୁଛି। ଏହି କ୍ଷେତ୍ରରେ ଇସ୍ରାଏଲ୍ ଭାରତକୁ ଏହାର ଅତ୍ୟାଧୁନିକ 'ଆଣ୍ଟି-ବ୍ୟାଲିଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ' ଟେକ୍ନୋଲୋଜି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି। ଯେଉଁଥିରେ ରହିଛି ଲେଜର-ଭିତ୍ତିକ ପ୍ରତିରକ୍ଷା ପ୍ରଣାଳୀ, ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଅତ୍ୟାଧୁନିକ ଡ୍ରୋନ୍। ଇସ୍ରାଏଲ୍ ପାଖରେ ପୂର୍ବରୁ ଆଇରନ୍ ଡୋମ୍, ଆରୋ ଏବଂ ଡେଭିଡ୍‌ସ ସ୍ଲିଙ୍ଗ୍ ଭଳି ଶକ୍ତିଶାଳୀ ସୁରକ୍ଷା କବଚ ରହିଛି, ଯାହା ଶତ୍ରୁର ମିସାଇଲକୁ ଆକାଶରେ ହିଁ ଧ୍ୱଂସ କରିଦିଏ। ଭାରତୀୟ ନୌସେନା ନିଜର ଯୁଦ୍ଧ ଜାହାଜ ଗୁଡ଼ିକର ସୁରକ୍ଷା ପାଇଁ 'ବରାକ' ମିସାଇଲ୍ ସିଷ୍ଟମର ନୂତନ ସଂସ୍କରଣ କିଣିବାକୁ ଚିନ୍ତା କରୁଛି। ଏହା ବ୍ୟତୀତ ଶତ୍ରୁ ଶିବିରରେ ପଶି ଆକ୍ରମଣ କରିବା ପାଇଁ 'ରାମପେଜ୍' ମିସାଇଲ୍ ଏବଂ ଘାତକ ଡ୍ରୋନ୍ ଉପରେ ମଧ୍ୟ ଚର୍ଚ୍ଚା ହେବ। କେବଳ ସାମରିକ ଶକ୍ତି ନୁହେଁ, ବରଂ ବିଜ୍ଞାନ, କୃଷି, ବିଶୁଦ୍ଧ ପାନୀୟ ଜଳ ସମସ୍ୟାର ସମାଧାନ ଏବଂ କ୍ୱାଣ୍ଟମ୍ ଭଳି ଉଦୀୟମାନ କ୍ଷେତ୍ରରେ ମଧ୍ୟ ଦୁଇ ଦେଶ ମିଳିତ ଭାବେ କାମ କରିବେ। ପ୍ରଧାନମନ୍ତ୍ରୀ ମୋଦି ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବନ୍ଧୁତା ଏବଂ ଆତଙ୍କବାଦ ବିରୋଧରେ ଉଭୟ ଦେଶର ସମାନ ଆଭିମୁଖ୍ୟ ଏହି ସମ୍ପର୍କକୁ ଆହୁରି ଗଭୀର କରିଛି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

## ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ



**ଖଲ୍ଲିକୋଟ,୨୧।୨ (ସଂଚାର ବ୍ୟୁରୋ):** ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗଣେଶ ହଲ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମଂଚାସୀନ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ସହ ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ.ମନୋଜ କୁମାର ପଟ୍ଟନାୟକ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ପରେ ଛାତ୍ର ଶକ୍ତି, ଦୀପକ, ରୋଜା, ବିଭୂପ୍ରିୟା ଆଦିଙ୍କ ଦ୍ୱାରା ସମବେତ ' ବନ୍ଦେ ଉତ୍କଳ ଜନନୀ ' ଗାନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଂଚାସୀନ ଥିଲେ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ ଓ ସମ୍ମାନିତ ବକ୍ତା ପ୍ରାକ୍ତନ ଦକ୍ଷିଣାଞ୍ଚଳ ଶିକ୍ଷା ନିର୍ଦ୍ଦେଶକ ତଥା କବି କୈଳାସ ଚନ୍ଦ୍ର ତ୍ରିପାଠୀ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ବିଶ୍ୱବିଦ୍ୟାଳୟ ଛାତ୍ରକଲ୍ୟାଣ ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ। ସେ ପ୍ରାରମ୍ଭିକ ସୂଚନା କ୍ରମରେ ବହୁଭାଷୀ ଶିକ୍ଷା ଉପରେ ଯୁବପିଢ଼ିଙ୍କ ସ୍ୱର ଉପରେ ଗୁରୁତ୍ୱାରୋପ ସହ ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା ପୂର୍ବକ ଅନ୍ୟ ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିବା ନିମନ୍ତେ ପରାମର୍ଶ ଦେଇ ଭାଷାଗତ ସହନଶୀଳତା ରକ୍ଷା କରିବାକୁ କହିଥିଲେ। ମଂଚାସୀନ ଉଦଘାଟକ ଡ. ମନୋଜ କୁମାର ପଟ୍ଟନାୟକ ଉଦଘାଟନୀ ଅଭିଭାଷଣରେ ଅନ୍ତର୍ଜାତୀୟ ମାତୃଭାଷା ପାଳନର ଇତିହାସ ଓ ତାତ୍ପର୍ଯ୍ୟ ଦର୍ଶାଇବା ସହ ଛାତ୍ରଛାତ୍ରୀଙ୍କୁ ମାତୃଭାଷାର ଅଭିବୃଦ୍ଧି ନିମନ୍ତେ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ ଛାତ୍ରଛାତ୍ରୀମାନଙ୍କୁ ନିଜ ମାତୃଭାଷା ପ୍ରତି ଶ୍ରଦ୍ଧାଶୀଳ ହେବା ଏବଂ ସର୍ବଦା ନିଜ ମାତୃଭାଷା ବ୍ୟବହାର କରିବା ପାଇଁ ପ୍ରେରଣା ଦେଇଥିଲେ ।

# ତହସିଲ ଅଧୀନରେ ୨୦ରୁ ଊର୍ଦ୍ଧ୍ୱ ଇଟା ଭାଟି ଚିହ୍ନଟ

- ଶ୍ମଶାନ, ଗୋଚର କିସମ ଜମିକୁ ମଧ୍ୟ ଛାଡିନାହାନ୍ତି
- ପ୍ରଶାସନ କଡ଼ା ଆଭିମୁଖ୍ୟ ଦେଖି ଇଟା ଭାଟି ମାଲିକ ଥରହର

**କାକଟପୁର/ଅସ୍ତରଙ୍ଗ,୨୧।୨ (ସଂଚାର ବ୍ୟୁରୋ):** ପରିବେଶକୁ ଉଜାଡି ନିଜ ପକେଟ ଗରମ କରି ବାଲି ମାଫିଆ ମାନେ ଯେଉଁ ଭଳି ଭାବେ ଅସ୍ତରଙ୍ଗ ତହସିଲ ଅଧୀନ କେତେକ ବାଲି ସୈରାତ କୁ ଲୁଣ୍ଠନ କରି ଚାଲିଛନ୍ତି ସେଇ ଢଙ୍ଗରେ ସରକାରୀ ନିୟମ କୁ ଜଳାଞ୍ଜଳି ଦେଇ ଇଟା ବେପାର କରିବାକୁ ଯାଇ ଅନେକ ବ୍ୟକ୍ତି ବିଶେଷ ସରକାରୀ ଜାଗାକୁ କବଜା କରି ରଖିଛନ୍ତି।
ବେଆଇନି ଇଟା ଭାଟି ତଥା ଇଟା କାରଖାନା ନିର୍ମାଣ କରି ଏମାନେ ମଧ୍ୟ ପରିବେଶ ସହ ଖେଳ ଖେଳି ଆସୁଛନ୍ତି। ବିଳମ୍ବ ହେଲେ ସୁଦ୍ଧା ଜିଲ୍ଲା ପ୍ରଶାସନ ଏବେ ଉଭୟ ବାଲି ମାଫିଆ ଓ ବେଆଇନି ଇଟା କାରଖାନା ମାଲିକ ଙ୍କ ଅଣ୍ଟା ଭାଙ୍ଗିବାକୁ ଅଭିଯାନ ଚଳାଇଛି।
ଇତି ମଧ୍ୟରେ ପ୍ରଶାସନ ପୁଲିସ ଫୋର୍ସ ମୁତୟନ କରି ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ଦେବୀ ନିକଟ ରେ କିଛି ଦିନ ପୂର୍ବେ ତାଳଦା ପଞ୍ଚାୟତ ରେ ଥିବା ୩ ଗୋଟି ବଡ଼ ବଡ଼ ଇଟା ଭାଟି କାରଖାନା ଉପରେ ବୁଲ ଡୋଜର ଅଥବା ଜେସିବି ଚଳାଇ ଦେଇଛି। ଇଟାଭାଟି ଚିହ୍ନଟ ଅଭିଯାନ କୁ ଜୋରଦାର କରାଯିବା ଭିତରେ ଅସ୍ତରଙ୍ଗ ତହସିଲ ଅଧୀନରେ ୨୦ରୁ ଊର୍ଦ୍ଧ୍ୱ ଇଟାଭାଟିର ସନ୍ଧାନ ଲଗାଇଛନ୍ତି ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷ। ପ୍ରଶାସନର କଡା ଆଭିମୁଖ୍ୟ ରେ ବର୍ତ୍ତମାନ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ରେ



ଥିବା ବେଆଇନି ଇଟାଭାଟି ମାଲିକ ମାନେ ଥରହର ହୋଇ ଉଠିଛନ୍ତି। ହେଲେ ଇଟା କାରଖାନା ନିମନ୍ତେ ଆବଶ୍ୟକ ଥିବା ପରିବେଶ ମଞ୍ଜୁରୀ ପ୍ରମାଣପତ୍ର, ଖଣି ବିଭାଗର ଅନୁମତି, ଜମିର ଏନଓସି ଟ୍ରେଡ଼ ଲାଇସେନ୍ସ, କାରଖାନା ଲାଇସେନ୍ସ, ଜିଏସଟି ପଞ୍ଜିକରଣ ନମ୍ବର, ଅଗ୍ନିଶମ ବିଭାଗର ପ୍ରମାଣପତ୍ର ନିତ୍ୟାନ୍ତ ଆବଶ୍ୟକ।କିନ୍ତୁ ଆବଶ୍ୟକ କାଗଜ ପତ୍ର ନ ଥାଇ କିଛି ଅସାଧୁ ଇଟା ଭାଟି ମାଲିକ ଅସ୍ତରଙ୍ଗ ତହସିଲ ଅଧୀନ ନଗର ପଞ୍ଚାୟତ ଦିନାଡିଆ, ଆଳସାହି ରୁ ନଗର ନଦୀ ପଠା ରେ ଥିବା ଖେଳ ପଡ଼ିଆ ନିକଟରେ, ମାଳଦା ଛକ, ଶଙ୍କରେଶ୍ୱର, ମାଣ୍ଡୁକି ସମେତ ବିଭିନ୍ନ ଗ୍ରାମରେ ମାଳ ମାଳ ବେଆଇନି ଇଟା ଭାଟି ଉଚ୍ଛେଦ କରିବାକୁ ଅସ୍ତରଙ୍ଗ ତହସିଲଦାର ଚିହ୍ନଟ କରିଛନ୍ତି।
ଏହା ସହ ବେଆଇନି ଇଟା ଭାଟି ତାଲିକା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଉଦ୍‌ବେଗର ବିଷୟ, ଏମିତିକି ଶ୍ମଶାନ, ଗୋଚର କିସମ, ଜମିକୁ ଛଡା ଯାଇ ନାହିଁ। ଅନେକ ସ୍ଥାନରେ ଘରୋଇ ଜମିକୁ ଇଟାଭାଟି ନିମନ୍ତେ ବ୍ୟବହାର କରିଥିବା ବେଳେ ଆଉ କେତେକ ସ୍ଥଳେ ସରକାରୀ ଜମିକୁ କରାୟତ କରାଯାଇଛି। ଇଟାଭାଟି ରହିଥିବା ଜମିର କିସମ କୁ ଦେଖିଲେ କେଉଁଠି ଏହା ଶାରଦ ରହିଛି ତ 'ଆଉ କେଉଁଠି ଶ୍ମଶାନ, ଜଳ ଦୋଫସଲି ଓ ଗୋଚର ରହିଛି। ଏତଦଭିନ୍ନ ଚିହ୍ନଟ ଇଟା ଭାଟି ଭିତରୁ କେଉଁଠି ୨ଲକ୍ଷରୁ ଊର୍ଦ୍ଧ୍ୱ ଇଟା ପ୍ରସ୍ତୁତ କରାଯାଇଥିବା ତହସିଲ ପ୍ରଶାସନ ଜାଣିବାକୁ ପାଇଛି।

## ଜଙ୍ଗଲରେ ଭୋଜି ମନା

**ଅନୁଗୋଳ,୨୧।୨(ସଂଚାର ବ୍ୟୁରୋ):** ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ରୋକିବାକୁ ଅନୁଗୋଳ ଉପଜିଲାପାଳଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏନେଇ ଉପଜିଲାପାଳଙ୍କ ପକ୍ଷରୁ ଶନିବାର ଏକ କଟକଣା ଜାରି କରାଯାଇଛି। ଜାରି କଟକଣାରେ ଅନୁଗୋଳ ଅଧୀନ ଜଙ୍ଗଲରେ ବଣଭୋଜି କିମ୍ବା ସାମାଜିକ ସମାବେଶ କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏହି ଘଟକଣା ମାର୍ଚ୍ଚ ୧ତାରିଖରୁ ଆରମ୍ଭ ହୋଇ ମୌସୁମୀ ଆସିବା ଯାଏଁ କଟକଣା ବଳବତ୍ତର ରହିବ ବୋଲି ଉପଜିଲାପାଳଙ୍କ ପକ୍ଷରୁ ଜାରି କଟକଣାରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏପରିକି ସଂରକ୍ଷିତ, ନିଷିଦ୍ଧାଞ୍ଚଳ ଏବଂ ଗ୍ରାମ୍ୟ ଜଙ୍ଗଲକୁ ଦହନଶୀଳ ସାମଗ୍ରୀ ନେବାକୁ ମଧ୍ୟ ବାରଣ କରାଯାଇଛି। ଦହନଶୀଳ ସାମଗ୍ରୀ ଦିଆସିଲି, ଲାଇଟର, ତେଲ ନେବାକୁ ସମ୍ପୂର୍ଣ୍ଣ ବାରଣ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଜାରି ନିୟମକୁ ଉଲ୍ଲଙ୍ଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

## ନିୟମ ଉଲ୍ଲଂଘନ ୩୮୨୪ଙ୍କ ଲାଇସେନ୍ସ ରଦ୍ଦ



**ଢେଙ୍କାନାଳ,୨୧।୨(ସଂଚାର ବ୍ୟୁରୋ):** ଆଜି ମଧ୍ୟାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁଆରୀ ମାସରେ ଜିଲ୍ଲାରେ ଅଧିକ ଦୁର୍ଘଟଣା ଘଟିଥିବା ଯୋଗୁଁ ସମସ୍ତ ହମ୍ପସକୁ ଧଳାରଙ୍ଗରେ ଚିହ୍ନଟ କରିବା ସହିତ ଆବଶ୍ୟକ ସାଇନେଜ ଲଗାଇବାକୁ ଏବଂ ସ୍କୁଲ ଓ ଦୁର୍ଘଟଣା ପ୍ରବଣ ସ୍ଥାନଗୁଡ଼ିକରେ ସାଇନେଜ ଓ ବାରିକେଡିଂର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାଲି, ପଥର ଆଦି ବୋଝେଇ ଟ୍ରକ ଅବୈଧ ନମ୍ବରରେ ଚାଲୁଥିବା ଦୃଷ୍ଟିକୁ ଆସିଥିବା ହେତୁ ଏହାକୁ ଜବତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଟାଟା ଷ୍ଟିଲ ଠାରୁ ଓଡ଼ପଡ଼ା ମଧ୍ୟରେ ଅଧିକ ଦୁର୍ଘଟଣା ଘଟୁଥିବା ହେତୁ ଏହି ରାସ୍ତା ମଧ୍ୟରେ ସ୍ଥାୟୀ ଭାବେ ଆମ୍ବୁଲାନସ ଏବଂ କ୍ରେନର ବ୍ୟବସ୍ଥା କରିବାକୁ ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲାକ ସ୍ପଟ ଗୁଡ଼ିକରେ ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ସର୍ଭିସ ରୋଡ଼କୁ ଅଧିକ ଚଉଡ଼ା କରିବା ସହିତ ସାଇନେଜର ବ୍ୟବସ୍ଥା କରିବାକୁ ସଦସ୍ୟ ମାନେ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ବସ ଚଳାଚଳ ସମୟ ନିର୍ଘଣ୍ଟ କୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ବସ୍‌ଷ୍ଟାଣ୍ଡ ମଧ୍ୟରେ କୌଣସି ଅସାମାଜିକ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଗତ ଜାନୁଆରୀ ମାସରେ ଜିଲାରେ ମୋଟ ୪୨ ଟି ଦୁର୍ଘଟଣା ଘଟିଥିଲା ବେଳେ ୧୩ ଜଣ ମୃତ୍ୟୁ ବରଣ କରିଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ। ଟ୍ରାଫିକ ନିୟମ ଉଲଙ୍ଘନ ଯୋଗୁଁ ଗତ ବର୍ଷ ୨୯୫୭ ଜଣଙ୍କର ଡ୍ରାଇଭିଂ ଲାଇସେନସ ୩ ମାସ ପାଇଁ ରଦ୍ଦ କରାଯାଇଥିଲା ବେଳେ ଗତ ଜାନୁଆରୀ ମାସରେ ୮୬୭ ଜଣଙ୍କର ଡ଼ି.ଏଲ. ରଦ୍ଦ ହୋଇଛି ବୋଲି ସେ ପ୍ରକାଶ କରିଥିଲେ।। ଏହି ବୈଠକରେ, ରାସ୍ତା ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଜୟନ୍ତ ପ୍ରସାଦ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଶିବାଶିଷ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଗଣେଶ ମନ୍ଦିର ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ଓ ଭୂମିପୂଜନ

**ବାଲିଆପାଳ,୨୧।୨(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଖଗଡ଼ାପାଳ ସ୍ଥିତ ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରୀ ଗଣେଶଙ୍କ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ହୃଦୟ ରଞ୍ଜନ ତ୍ରିପାଠୀ ଙ୍କ ସମ୍ପୂର୍ଣ୍ଣ ଅନୁଦାନରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ ବୋଲି ମନ୍ଦିର କମିଟିର ସଭାପତି ବ୍ରଜକିଶୋର ଭୂୟାଁ ସୂଚନା ଦେଇଛନ୍ତି।ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରଦ୍ଧାପତିଙ୍କ ମନ୍ଦିର ସମେତ ମହାଦେବ ମନ୍ଦିର, ମା ଲକ୍ଷ୍ମୀ, ମା ବିମ୍ବଳାଙ୍କ ମନ୍ଦିର ରହିଛି। ଏହି ମନ୍ଦିର ନିର୍ମାଣ ହେଲେ ଶ୍ରଦ୍ଧାଳୁ ମାନେ ଗଣେଶଙ୍କର ଦର୍ଶନ କରିପାରିବା ସହିତ ଶ୍ରଦ୍ଧା କ୍ଷେତ୍ରରେ ସୌନ୍ଦର୍ଯ୍ୟ ମଧ୍ୟ ଦ୍ୱିଗୁଣିତ ହେବ ବୋଲି ଡ଼ ତ୍ରିପାଠୀ କହିଛନ୍ତି। ଶ୍ରଦ୍ଧାକ୍ଷେତ୍ରର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠିଙ୍କ ଦ୍ୱାରା ଭୂମିପୂଜା କରାଯାଇଥିଲା। ମନ୍ଦିରର ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ପ୍ରୀୟନାଥ ସେଠି, କାଳୀଚରଣ ଦେ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଦିବ୍ୟ କାମ ମହାନ୍ତିଙ୍କ ସମେତ ଅନ୍ୟ ପୂଜକ ରବିନାରାୟଣ ପାଠି, ବଳଦେବ ପଣ୍ଡା, ସମ୍ମୁନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ପାଇପ୍ ଲାଇନ ଗାତରେ ପଡ଼ି ୪ ଆହତ ଘଟଣା

## ରାସ୍ତା ଅବରୋଧ କରି ଗ୍ରାମବାସୀଙ୍କ ପ୍ରତିବାଦ



**ନୀଳଗିରି,୨୧।୨(ସଂଚାର ବ୍ୟୁରୋ):** ଗ୍ରାମକୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ପାଇପ ବିଛାଇବା ପାଇଁ କରାଯାଇଥିବା ଗାତ ଦୀର୍ଘ ଦେଢ଼ ମାସ ଧରି ଫାଙ୍କା ଥିବାରୁ ଉକ୍ତ ଗାତରେ ପଡ଼ି ୪ ଜଣ ଆହତ ହୋଇଥିଲେ। ଜଣେ ମେଡ଼ିକାଲରେ ଚିକିତ୍ସା ହେଉଅଛନ୍ତି। ତତ ସହିତ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଥିବାରୁ ଜଳ କ୍ରିଷ୍ଟ ଦେଖାଯାଇଛି। ଏନେଇ ଗ୍ରାମବାସୀ ମାନେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ କହିବା ପରେ ମଧ୍ୟ ଜଳ ଯୋଗାଣ ଓ ଗାତ ପୋତା ନହେବାରୁ ଉତ୍ୟକ୍ତ ଗ୍ରାମବାସୀ ଆଜି ରାସ୍ତା ଅବରୋଧ କରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଭଉଁରିଆବାଡ ପଞ୍ଚାୟତ ଉପର ବାଲିଆଝର ଗ୍ରାମରେ ଗଭୀର ନଳ କୂପ ଅଚଳବସ୍ଥା ପାଇଁ ପାନୀୟଜଳ ଯୋଗାଣ ରେ ଅସୁବିଧା ଉପୁଜିଥିଲା। ଏନେଇ ପୂର୍ବରୁ ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ ମେଗା ପାନୀୟ ପ୍ରକଳ୍ପ ଅଧିକାରୀଙ୍କ ସହିତ ଆଲୋଚନା କରି ଉପର ବାଲିଆଝର ଓ ଅନ୍ୟ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପୁଣି ଆଉଥରେ ପାଇପ ବିଛାଇବା ପାଇଁ କହିଥିଲେ। ତେବେ ଗତ ଜାନୁୟାରୀ ମାସ ୧୩ ତାରିଖରେ ଉକ୍ତ ପଞ୍ଚାୟତ ତେନ୍ତୁଳାପଡ଼ା ଗ୍ରାମ ପାର୍ଶ୍ୱରେ ଏକ ବଡ଼ ଗାତ ଖୋଳାଯାଇ ପାଇପ ବିଛାଇବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗୋଟିଏ ଦିନରେ ଉକ୍ତ ଗାତ ପୋତା ଯିବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇ ଆଜି ପର୍ଯ୍ୟନ୍ତ ପୋତାଯାଇନାହିଁ। ଉକ୍ତ ଗାତରେ ୪ ଜଣ ଗଳିପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ଗତ ବୁଧବାର ରାତ୍ରିରେ ଉକ୍ତ ଗ୍ରାମର ରାଜୁ ସିଂ, ଓ କୁନା ସିଂ ଓ ଅନ୍ୟ ଦୁଇ ବାଇକ ଆରୋହୀ ଏହି ଗାତରେ ପଡ଼ି ଆହତ ମଧ୍ୟ ହୋଇଥିଲେ। ତେବେ ରାଜୁ ସିଂ ଏବେ ନୀଳଗିରି ମେଡିକାଲ ରେ ଏବେ ଚିକିତ୍ସାଧୀନ ଅଛନ୍ତି।

## ଜୈବ୍ୟ ବିବିଧତା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ: ଜୀବଜନ୍ତୁ ବଞ୍ଚିଲେ ଆମେ ବଞ୍ଚିବା



**ଗଞ୍ଜାମ,୨୧।୨(ସଂଚାର ବ୍ୟୁରୋ):** ଜୈବ୍ୟ ବିବିଧତା ବୋର୍ଡ ଭୁବନେଶ୍ୱର ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ବନଖଣ୍ଡ ବିଭାଗ ପକ୍ଷରୁ ଜୈବ୍ୟ ବିବିଧତା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଶନିବାର ବ୍ଲକ କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଥିଲା।ବିଡିଓ ଅଚ୍ୟୁତାନନ୍ଦ ଯାନୀ ଏହାର ଶୁଭାରମ୍ଭ କରିଥିଲେ। ଶକ୍ତିଶିଖା ନାମକ ଏକ ସଂସ୍ଥା ଏହାର ପରିଚାଳନା କରିଥିବା ବେଳେ ବନଖଣ୍ଡ ଅଧିକାରୀ ଶିଶିର କୁମାର ମିଶ୍ର ଉଦ୍ଭିଦ ବିଜ୍ଞାନି ଡ ପ୍ରସନ ନାୟକ, ପ୍ରାଣୀ ବିଜ୍ଞାନୀ ଡ. ଶିବ ପ୍ରସାଦ ପରିଡା, ଡ. ସତ୍ୟ ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ବର୍ତ୍ତମାନ ପରିବେଶ ଯାହା ହେଲାଣି ଆଗାମୀ ପିଢ଼ି ପାଇଁ ବିପଦପୁର୍ଣ୍ଣ। ଏଥିପାଇଁ ଜୀବଜଗତ, ପ୍ରାଣୀ ଜଗତ ବଞ୍ଚି ରହିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ତତ୍ ସଙ୍ଗେସଙ୍ଗେ ବିଭିନ୍ନ ଜୀବଜନ୍ତୁ ସହ ବସ୍ଥିତା କରିବାର ସମୟ ଆସିଛି ବୋଲି ବିଡିଓ ଯାନୀ ମତବ୍ୟକ୍ତ କରିଥିଲେ। ଏହି ବ୍ଲକ ଅଞ୍ଚଳ ତଥା ପୁରୁଣା ବନ୍ଧ ଓ ଗୋଖର କୁଦା ନିକଟସ୍ତ ଋଷୁକୂଲ୍ୟା ବେଳାଭୂମି ସନ୍ତୁଳନ ରହିଲେ ଅଲିଭ ରିଡେଲ କଇଁଛ ଅଣ୍ଡା ଦାନ କରିବାକୁ ଆସିବେ। ଏଥିପାଇଁ ଜୈବ୍ୟ ବିବିଧତା ଦକ୍ଷତା ବୃଦ୍ଧି ଘଟିବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା । ସମ୍ପାଦକ ଚୈତନ୍ୟ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଏଚ୍ଆର ଏବଂ ଏଡମିନ ଶୁଭଶ୍ରୀ ନାୟକ ପରିଚାଳନା କରିଥିଲେ । ବିଶିଷ୍ଟ ପରିବେଶବିତ ରବୀନ୍ଦ୍ର କୁମାର ସାହୁ, ମାଗତା ବେହେରା, ଜନ ପ୍ରତିନିଧି,ସ୍ଥାନୀୟ ଅଞ୍ଚଳ ମତ୍ସ୍ୟଜୀବୀ ମାନେ ଉପସ୍ଥିତଥିଲେ ।

## ମାତୃଭାଷା ଦିବସ ପାଳିତ

**ନୂଆପଡ଼ା,୨୧।୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ୧୮୫୮ ମସିହାରେ ସ୍ଥାପିତ ୧୬୮ ବର୍ଷ ପୁରୁଣା ଶିକ୍ଷାନୁଷ୍ଠାନ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଆଜି ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସରେ ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ କଲେଜ ଅଧ୍ୟକ୍ଷ ଐତିହାସିକ ଡଃ. ଫଣିନ୍ଦମ୍ ସିଂ ଦେଓ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିଜୟ ବାରିକ, ସିଆରସିସି ମଧୁସୂଦନ ସାଗର ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନେକ ମନଛୁଆଁ କାହାଣୀ, ଉଦାହରଣ ଓ କଥୋପକଥନ ମାଧ୍ୟମରେ ନିଜ ନିଜ ମାତୃଭାଷାକୁ ସୁରକ୍ଷା ଦେବା ଓ ବଞ୍ଚାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ବକ୍ତାଗଣ ଉଦବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷୟତ୍ରୀ ସୁମିତ୍ରା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ସୁଲକ୍ଷଣୀ ପ୍ରଧାନୀ ଓ ସହକାରୀ ଶିକ୍ଷୟତ୍ରୀ ବିଜୟିନୀ ମିଶ୍ର ସହଯୋଗ କରିଥିଲେ।

## ଭତ୍ତା ପାଇବାରେ ବିଳମ୍ବ ହେତୁ ମାନସିକ ଚିନ୍ତାରେ ହିତାଧିକାରୀ

**କଳାହାଣ୍ଡି, ୨୧।୨(ସଂଚାର ବ୍ୟୁରୋ):** ପ୍ରତ୍ୟେକ ମାସର ୧୫ ତାରିଖ ସୁଦ୍ଧା ବାର୍ଦ୍ଧକ୍ୟ, ବିଧବା ତଥା ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଭତ୍ତା (ପେନସନ) ଟଙ୍କା ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଚଳିତ ମାସରେ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଜି ପର୍ଯ୍ୟନ୍ତ ଭତ୍ତା ଟଙ୍କା ବଣ୍ଟନ କରାଯାଇ ନଥିବାରୁ ହିତାଧିକାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକର ୨୨ଟି ପଞ୍ଚାୟତରୁ ବାର୍ଦ୍ଧକ୍ୟ ଭତ୍ତା ୬ ହଜାର ୭୬ ଜଣ ହିତାଧିକାରୀ ପାଉଥିବା ବେଳେ ବିଧବା ଭତ୍ତା ୩ ହଜାର ୩୯୨, ଭିନ୍ନକ୍ଷମ ୧୬ଶହ ୮୦, ଅବିବାହିତ ୮୨, ଡିଭୋର୍ସ ୪୪ ଓ ଟ୍ରାନ୍ସଜେଣ୍ଡର ୨ ଜଣକୁ ମିଶାଇ ମୋଟ ୧୧ ହଜାର ୨୭୨ ଜଣ ହିତାଧିକାରୀ ଭତ୍ତା ପାଉଥିବା ଜଣାପଡ଼ିଛି। ତେବେ ଚଳିତ ମାସରେ ନିର୍ଦ୍ଧାରିତ ସମୟର ୫ ଦିନ ଅତିକ୍ରମ କରିଥିଲେ ମଧ୍ୟ ଭତ୍ତା ଟଙ୍କା ପ୍ରଦାନ କରାଯାଇନାହିଁ। ବ୍ଲକର ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ସମେତ ପ୍ରାୟ ୧୦ଟି ପଞ୍ଚାୟତର ହିତାଧିକାରୀଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ଟଙ୍କା ପ୍ରଦାନ କରି ନଥିବା ଅଭିଯୋଗ ହୋଇଛି। ବରିଷ୍ଠ ନାଗରିକ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ମାସିକ ମିଳୁଥିବା ଭତ୍ତା ଟଙ୍କାରେ ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀ, ଔଷଧ କିଣା କିଣି କରିବ ସହିତ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି ଓ ହେଲେ ଭତ୍ତା ଟଙ୍କା ଠିକ୍ ସମୟରେ ମିଳିପାରୁ ନଥିବାରୁ ହିତାଧିକାରୀମାନେ ଦହଗଞ୍ଜ ହେଉଛନ୍ତି। ଏ ବିଷୟରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ଆମେ ୧୩ ତାରିଖରୁ ଚେକ୍ ଦେଇ ସାରିଛୁ। ବ୍ୟାଙ୍କରେ ଆବଶ୍ୟକୀୟ ପରିମାଣର ଟଙ୍କା ଉପଲବ୍ଧ ନଥିବା ହେତୁ ଭତ୍ତା ଟଙ୍କା ଦେବାରେ ବିଳମ୍ବ ହେଉଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୨ଟି ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଇ ସାରିଛି। ବାକି ରହିଥିବା ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ଶନିବାର ସୁଦ୍ଧା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିଶ୍ୱ ମାତୃଭାଷା ଦିବସ ପାଳିତ

**କେନ୍ଦୁଝର,୨୧।୨(ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ ଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ଅତିଥି ଭାବରେ ଯୋଗଦେଇ ମାତୃଭାଷାର ମହତ୍ୱ ଓ ଗୁରୁତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ମାତୃଭାଷା ହିଁ ସର୍ବପ୍ରଥମେ ଆମକୁ ବ୍ୟବହାରିକ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ଏହି ଅବସରରେ ଶିଶୁ ଭାଇଭଉଣୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଭାଗୀ ମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଗୁରୁମା ମଞ୍ଜୁଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

## ମାତୃଭାଷା ଦିବସ ସମ୍ପର୍କରେ ଶପଥ ପାଠ



**ଦିଗପହଣ୍ଡି,୨୧।୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଶନିବାର ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର, ମାତୃଭାଷା ପ୍ରମୁଖ ଆଚାର୍ଯ୍ୟ ପ୍ରମୋଦ ଶେଖର ଡାକୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଆଚାର୍ଯ୍ୟ ବାବୁଲା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ଆଚାର୍ଯ୍ୟ ସୁଶାନ୍ତ କୁମାର ବେହେରା ମାତୃଭାଷା ଦିବସ ପାଳନ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ପ୍ରମୁଖ ମଞ୍ଚାସୀନଥିଲେ। ଅତିଥି ପରିଚୟ। ଛାତ୍ରୀଛାତ୍ର ବୃନ୍ଦ ମାତୃଭାଷା ଦିବସ ସମ୍ପର୍କରେ ଶପଥ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଚାର୍ଯ୍ୟା ପ୍ରଗତି ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଆଚାର୍ଯ୍ୟା ଆଚାର୍ଯ୍ୟ ବୃନ୍ଦ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ବୋଲେରୋ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**ଜୟପୁର,୨୧।୨ (ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରୀ ନିକଟରେ ଦୁଇଜଣ ସ୍କୁଟି ଚାଳକଙ୍କ ଉପର ଦେଇ ଗୋଟିଏ ବଲେରୋ ମାଡିଯିବା ଫଳରେ ଘଟଣା ସ୍ଥଳରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣକୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ମୃତକ ସ୍କୁଟି ଚାଳକ ହେଲେ ଉମୁରୀ ଅଞ୍ଚଳର ବିବେକ ନାୟକ। ଏବଂ ଗୁରୁତର ସ୍କୁଟି ଚାଳକ ହେଲେ ନୂଆସାହି ଅଞ୍ଚଳର ସତିଶ ସାହୁ(୩୦)। ସୂଚନା ଅନୁସାରେ ବିବେକ କୁମାର ନାୟକ ଆଜି ଜୟପୁରରୁ କାମ ସାରି ସ୍କୁଟିରେ ଘରକୁ ଫେରୁଥିଲେ ଏବଂ ଅନ୍ୟ ଏକ ସ୍କୁଟି ଚାଳକ ସତିଶ ସାହୁ ଆଇଟିଆଇ କଲେଜ ଯାଉଥିବା ବେଳେ ବୋରିଗୁମ୍ମା ପଟୁ ଖୁବ ଜୋରରେ ଏକ ବଲେରୋ ଆସି ଉଭୟ ସ୍କୁଟି ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ବିବେକ ନାୟକଙ୍କ ମୃତ୍ୟୁ ହୋଇଯାଇଥିଲା।

# ଭାରତୀ ଉତ୍ପାଦକ ଗ୍ରୁପ-ବି' କରୁଆବାହାଲର ସଫଳତା କାହାଣୀ



**ସୁନ୍ଦରଗଡ଼,୨୧।୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବି. କରୁଆବାହାଲ ଗାଁର ଭାରତୀ ଉତ୍ପାଦକ ଗ୍ରୁପ୍ ମହିଳା ଚାଷୀମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଉନ୍ନତ ଜୈବିକ କୃଷି କାର୍ଯ୍ୟ ଓ ସାମୁହିକ ବଜାରୀକରଣ ମାଧ୍ୟମରେ ସେମାନେ ଆଜି ନିଜ ଜୀବନ ଜୀବିକାରେ ନୂତନ ଆଶାର ଆଲୋକ ଆଣି ପାରିଛନ୍ତି। ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସେବକ' ର ପରିଚାଳନା ଓ 'ପ୍ରଦାନ ' ସଂସ୍ଥାର ବୈଷୟିକ ସହାୟତାରେ କୃଷି ଉତ୍ପାଦନ କ୍ଲଷ୍ଟର ଦ୍ୱାରା ଗଠିତ ଭାରତୀ ଉତ୍ପାଦକ ଗ୍ରୁପ୍ ଦ୍ୱାରା ଦେଶି ପିଆଜ ଚାଷ କରି ସାମୁହିକ ଭାବେ ପିଆଜ ବଜାରୀକରଣ କରାଯାଇଥିଲା। ସମୁଦାୟ ମିଶି ୧୩.୨୫ କ୍ୱିଣ୍ଟାଲ୍ ପିଆଜ ବିକ୍ରୟ କରି ପ୍ରତି କିଲୋଗ୍ରାମ ୧୫ ଟଙ୍କା ଦରରେ ମୋଟ ୧୯, ୮୭୫ ଟଙ୍କା ଆୟ କରିଥିଲେ। ଏହି ବ୍ୟବସାୟିକ ଦେଣ ନେଣ କାର୍ଯ୍ୟ ସ୍ଥାନୀୟ ଟ୍ରେଡର, ବ୍ୟବସାୟୀଙ୍କୁ ବିକ୍ରୟ କରି ଗ୍ରୁପ ସଦସ୍ୟା ସଫଳ ହୋଇଥିଲେ। ସଦସ୍ୟାଙ୍କ କହିବା ଅନୁଯାୟୀ ସାମୁହିକ ବଜାରିକାରଣର ଉଦ୍ଦେଶ୍ୟ ହେଲା ବଜାର ବ୍ୟବସ୍ଥା କୁ ନିଜ ଅକ୍ତିଆରରେ ରଖିବା, ସମୟର ସୁଦୁପଯୋଗ କରି ବଳକା ସମୟରେ ଚାଷ କାର୍ଯ୍ୟ ପାଇଁ ନିୟୋଜିତ ରଖି ପାରିବେ ଓ ଘରେ ବସି କି ବିକ୍ରି କରିବାର ସୁଯୋଗ ପାଇବେ। ଏହି ସଫଳତାର ପଛରେ 'ସେବକ' କୃଷି ଉତ୍ପାଦନ ପ୍ରକଳ୍ପର ଦୃଢ଼ ପରିଚାଳନା ଓ ସହଯୋଗ ମୁଖ୍ୟ ଭୂମିକା ନେଇଛି। ଗ୍ରୁପ୍ ସଦସ୍ୟା ମାନଙ୍କୁ ପ୍ରାକୃତିକ କୃଷି ପ୍ରଣାଳୀ ଅନୁସରଣ, ପୋକ ଓ ରୋଗ ପରିଚାଳନା, କ୍ଲଷ୍ଟର ଚାଷ ପ୍ରଚଳନ ଓ ସାମୁହିକ ବଜାରୀକରଣ ବିଷୟରେ ସଚେତନ, ଦକ୍ଷତାର ବିକାଶ ଓ ସକ୍ଷମ କରାଯାଇଥିଲା। ବିଭିନ୍ନ ସରକାରୀ ଯୋଜନା ସହ ଯୋଡ଼ାଯାଇ ସେମାନଙ୍କ ଆର୍ଥିକ ସ୍ଥିତିକୁ ମଜବୁତ କରାଯାଇଛି। କୃଷି ଉତ୍ପାଦନ ପ୍ରକଳ୍ପର ପ୍ରତ୍ୟକ୍ଷ ନିରୀକ୍ଷଣ ଓ ଉଦ୍ୟାନ କୃଷି କାର୍ଯ୍ୟାଳୟର ବିହନ ସହାୟତା ଓ ସଂଯୋଜକ ମନୋଜ କୁମାର ଦାନୀ ଙ୍କ ସମୟୋପଯୋଗୀ ପରାମର୍ଶ ଫଳରେ ଚାଷୀମାନଙ୍କ ଆୟ ବୃଦ୍ଧି ପାଇଛି ଓ ସେମାନଙ୍କ ଜୀବନମାନ ଉନ୍ନତି ଘଟିଛି। ଭାରତୀ ପ୍ରୋଡ୍ୟୁସର୍ ଗ୍ରୁପ୍ ର ସଦସ୍ୟା ମାନେ ଏହି ପ୍ରକଳ୍ପ ମାଧ୍ୟମରେ ନିଜ ଜୀବନରେ ପରିବର୍ତ୍ତନକୁ ଅନୁଭବ କରି ଅତ୍ୟନ୍ତ ଖୁସି ଓ କୃତଜ୍ଞତା ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଉତ୍ପାଦିତ ଦ୍ରବ୍ୟ, ମିର୍ଚ୍ଚା, ଆଳୁ ଅନ୍ୟାନ୍ୟ ପନି ପରିବା ମଧ୍ୟ ଟ୍ରେଡ଼ର କୁ ଦେବା ନେଇ କହିଛନ୍ତି।

## ୪ ମାସ ବିତିନି ପୁଣି ବାଣ ବିସ୍ଫୋରଣ: ଲୋକେ ଭୟଭୀତ

**ବୌଦ୍ଧ,୨୧।୨(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲା ପୁରୁଣା କଟକ ଥାନା ଜିଆକଟା ଗ୍ରାମରେ ବାଣ ବିସ୍ଫୋରଣ ଘଟଣାକୁ ୪ ମାସ ବିତି ନ ଥିବା ବେଳେ ପୁଣି ଶନିବାର ଅପରାହ୍ନରେ ପୁରୁଣା କଟକ ବଙ୍କ କଲୋନୀରେ ବାଣ ବିସ୍ଫୋରଣ ଘଟିଥିଲା। ବାଣ ବିସ୍ଫୋରଣ ଯୋଗୁ ପୂରା ପୁରୁଣା କଟକ ବଜାର ଥରି ଉଠିଥିଲା। ବାଣ ବିସ୍ଫୋରଣ ଯୋଗୁ ଅଞ୍ଚଳ ଧୂଆଁମୟ ହୋଇପଡ଼ିଥିଲା। ହରଭଙ୍ଗା ଦମକଳ କର୍ମଚାରୀ ପହଞ୍ଚି ଆୟତ୍ତ କରିଥିଲେ। ପୁରୁଣା କଟକ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାଣ ଥିବା ଘର ମାଲିକ ଆଲୋକ କାର୍ଣ୍ଣିଙ୍କୁ ଉଠାଇ ନେଇଯାଇଛି। ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।






# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର ଓ କଖାରୁ ଫୁଲ

ନିୟମିତ କ୍ଷୀର ପିଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏହାର ଏକ ଖାସ୍ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କ୍ଷୀରର ଅଧିକ ଉପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରୋଗ ପ୍ରତିରୋଧକ ଶକ୍ତିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରିଥିଲେ। ସର୍ଭେ ସମୟରେ ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବା ସହ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତିରେ କେତେ ଉନ୍ନତି ଘଟୁଛି ତାହାକୁ ମଧ୍ୟ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ସବୁଦିନ କ୍ଷୀର ପିଇବା ଫଳରେ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଛି। ସେହିପରି କଖାରୁ ଫୁଲରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି, ଯାହା ମଧ୍ୟ ଶରୀର ପାଇଁ ଉପକାରୀ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବେଳେବେଳେ ଆଲୋକର ରଙ୍ଗ ପରିବର୍ତ୍ତନ ହେବା ଦ୍ୱାରା, ଏହା ଆମ ଆଖି ଉପରେ ଗଭୀର ପ୍ରଭାବ ପକାଏ। ମାତ୍ର କଖାରୁ ଫୁଲ ଖାଇବା ଦ୍ୱାରା ଏହା କିଛି ମାତ୍ରାରେ ଆମକୁ ରକ୍ଷା ଦେଇଥାଏ ଓ ଆଖିକୁ ପରିଷ୍କାର ଦେଖାଯାଇଥାଏ। ଏହା ଅନ୍ଧାରକଣା ସମସ୍ୟାରୁ ମଧ୍ୟ କେତେକାଂଶରେ ରକ୍ଷା କରିଥାଏ। ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ବାହାର ଜୀବାଣୁ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁ ଫୁଲରେ ରହିଛି ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ଥାଏ, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ।



# ବିନା ଜିମ୍‌ରେ ଘରେ ରହି କେମିତି କମାଇବେ ଓଜନ

ନ୍ଦର ଏବଂ ଫିଟ୍ ରହିବା ପାଇଁ କିଏ ବା ନଚାହେଁ। ନିଜର ଜୀବନଚର୍ଯ୍ୟା ପାଇଁ ବେଳେ ଆମ ଶରୀର ଉପରେ ଅନେକ ପ୍ରଭାବ ପକାଇଥାଏ। ତେବେ ଅନେକ ସମୟରେ କମ୍ ବୟସରେ ପିଲାମାନେ ମଧ୍ୟ ମୋଟା ହୋଇଯାଆନ୍ତି। ଅନେକ ସମୟରେ ଶରୀର ଅପେକ୍ଷା ଅଧିକ ମୋଟା ହୋଇଗଲେ ଅସୁନ୍ଦର ଦେଖାଯାଏ। ଏବେ ସମାଜରେ ଫିଟ୍ ରହିବା କଥା କହିବା ମାତ୍ରେ ପ୍ରଥମେ ଆସେ ଜିମ୍ କଥା। ତେବେ ଆସନ୍ତୁ ଜାଣିବା ବିନା ଜିମରେ କେମିତି କମାଇବେ ଓଜନ। ସବୁବେଳେ କୌଣସି ସ୍ୱାସ୍ଥ୍ୟ ସମନ୍ଧୀୟ ପଦକ୍ଷେପ ନେବା ପୂର୍ବରୁ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନେବେ। ଅଧିକ ଓଜନ ହ୍ରାସ କରିବା ମଧ୍ୟ ଶରୀର ଉପରେ ପ୍ରଭାବ ପକାଇଥାଏ।ଓଜନ ହ୍ରାସ ପାଇଁ ଶରୀରରେ କ୍ୟାଲୋରି ଅଭାବ ରହିବା ଆବଶ୍ୟକ। ଏହାର ଅର୍ଥ ହେଉଛି ଆପଣ ଦୈନିକ ଯେତିକି କ୍ୟାଲୋରିର ଖାଦ୍ୟ ନେଉଛନ୍ତି ତା'ଠାରୁ କମ୍ କ୍ୟାଲୋରି ଗ୍ରହଣ କରନ୍ତୁ। ଜଣେ ସୁସ୍ଥ ବୟସ୍କ ବ୍ୟକ୍ତିଙ୍କୁ ପ୍ରତିଦିନ ହାରାହାରି ୨୦୦୦ କ୍ୟାଲୋରି ଆବଶ୍ୟକ। ଓଜନ ହ୍ରାସ କରିବା ପାଇଁ, ଆପଣଙ୍କୁ ୨୦୦୦ କ୍ୟାଲୋରିରୁ କମ୍ କ୍ୟାଲୋରି ଗ୍ରହଣ କରିବା ଉଚିତ। ୨୦୦୦ କ୍ୟାଲୋରିରୁ ଅଧିକ କ୍ୟାଲୋରି ଗ୍ରହଣ କଲେ ଓଜନ ବୃଦ୍ଧି ପାଇବ ଏବଂ ଚର୍ବି ବୃଦ୍ଧି ହେବ। ସବୁବେଳେ କିଛି ନା କିଛି କାମ କରନ୍ତୁ ଯାହାକି ଆପଣଙ୍କ ଶରୀର ସହ ଜଡ଼ିତ ରହିବ। ଚାଲିବା, ବୁଲିବା, ସିଡ଼ି ଚଢ଼ିବା, ଘର ସଫା, ଝାଡୁ କରିବା, ରୋଷେଇ କରିବା ଭଳି କିଛି ଶାରିରୀକ କାମ କରନ୍ତୁ। ଏପରିକି କରିବା ଦ୍ୱାରା ଶରୀର ସବୁବେଳେ ଫିଟ୍ ରହିପାରିବ। ତେବେ ଯଦି ଆପଣ କୌଣସି ବ୍ୟାୟାମ କରନ୍ତି ତାହେଲେ ଓଜନ ଶୀଘ୍ର କମିପାରେ। ମାତ୍ର ଏଭଳି କିଛି କାମ କଲେ ଶରୀର ଉପରେ ପ୍ରଭାବ ପକାଏ ମାତ୍ର ଧିରେ ଧିରେ ଓଜନ କମିଥାଏ। କୁହାଯାଏ ବସି ରହିଲେ ଅଧିକ ରୋଗ ମାଡ଼ିବସେ। ଯଦି ଆପଣ ବ୍ୟାୟାମ କରନ୍ତି ତାହେଲେ ସପ୍ତାହରେ ୧୫୦ ମିନିଟରୁ କମ ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଶରୀର ସନ୍ତୁଳିତ ରହିବ।



# ମାସେ ଯାଏଁ ପ୍ରତିଦିନ ରାତିରେ ପିଅନ୍ତୁ ପାନମହୁରି ପାଣି

ଭାରତୀୟ ଖାଦ୍ୟରେ ପାନମହୁରି କେବଳ ମାଉଥ୍ ଫ୍ରେଶନର କିମ୍ବା ମସଲା ଭାବରେ ବ୍ୟବହୃତ ହୁଏ ନାହିଁ, ବରଂ ଏହା ଏହାର ଔଷଧୀୟ ଗୁଣ ପାଇଁ ମଧ୍ୟ ଜଣାଶୁଣା। ଖାଦ୍ୟ ପରେ ପାନମହୁରି ଖାଇବା ଆମର ପୁରୁଣା ପରମ୍ପରାର ଏକ ଅଂଶ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ପ୍ରତିଦିନ ପାନମହୁରି ପାଣି ପିଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ହୋଇପାରେ? ଏହି ସରଳ ଘରୋଇ ଉପଚାର ଅନେକ ଗମ୍ଭୀର ରୋଗରୁ ମୁକ୍ତି ଦେଇପାରେ ଏବଂ ଆପଣଙ୍କ ଶରୀରକୁ ଭିତରୁ ଆହୁରି ଶକ୍ତିଶାଳୀ କରିପାରେ। ପାନମହୁରି ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଇନଫ୍ଲେମେଣ୍ଟାରୀ ଏବଂ ଆଣ୍ଟିବ୍ୟାକ୍ଟେରିଆଲ ଗୁଣରେ ଭରପୂର। ଏଥିରେ ଭିଟାମିନ୍ ସି, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଫାଇବର ଭଳି ଅନେକ ପୋଷକ ତତ୍ତ୍ୱ ମଧ୍ୟ ରହିଛି। ଏହି କାରଣରୁ ପାନମହୁରି ପାଣି କେବଳ ହଜମ କରିବାରେ ସାହାଯ୍ୟ କରେ ନାହିଁ ବରଂ ଓଜନ ହ୍ରାସ, ଡିଟକ୍ସିଫିକେସନ୍ ଏବଂ ହରମୋନ୍ ସନ୍ତୁଳନରେ ମଧ୍ୟ ସାହାଯ୍ୟ କରେ। ଏହି ଲେଖାରେ, ଆସନ୍ତୁ ପାନମହୁରି ପାଣି ପିଇବାର ମୁଖ୍ୟ ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣିବା। ପାନମହୁରୀ ପାଣିକୁ ପାଚନ ସମସ୍ୟା ପାଇଁ ଏକ ଔଷଧ ଭାବରେ ବିବେଚନା କରାଯାଏ। ଏଥିରେ ଥିବା ଆବଶ୍ୟକୀୟ ତେଲ ଏବଂ ଫାଇବର ପାଚନ ପ୍ରକ୍ରିୟାକୁ ଉତ୍ତେଜିତ କରେ। ଏହା ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଏବଂ ଫୁଲା ଭଳି ସମସ୍ୟାରୁ ତୁରନ୍ତ ଆରାମ ପ୍ରଦାନ କରେ। ପାନମହୁରୀରେ ଆନେଥୋଲ୍ ନାମକ ଏକ ଯୌଗିକ ଥାଏ। ଯାହା ପେଟ ମାଂସପେଶୀକୁ ଆରାମ ଦିଏ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ପାନମହୁରୀ ପାଣି ଏକ ଉତ୍ତମ ବିକଳ୍ପ ହୋଇପାରେ। ଏହା ମେଟାବୋଲିଜିମ୍ ବୃଦ୍ଧି କରେ, ଶରୀରକୁ କ୍ୟାଲୋରୀ ଦ୍ରୁତ ଗତିରେ ଜାଳିବାରେ ସାହାଯ୍ୟ କରେ। ପାନମହୁରୀ ପାଣି ଏକ ପ୍ରାକୃତିକ ମୂତ୍ରବର୍ଦ୍ଧକ, ଯାହା ଶରୀରରୁ ଅତିରିକ୍ତ ତରଳ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଏହା ସହିତ, ଏଥିରେ ଥିବା ଫାଇବର ଆପଣଙ୍କୁ ଅଧିକ ସମୟ ପାଇଁ ତୃପ୍ତ ଅନୁଭବ କରାଇଥାଏ। ଅସ୍ୱାସ୍ଥ୍ୟକର ସ୍ନାକ୍ସିଂ ଏବଂ ଅତ୍ୟଧିକ ଖାଇବା ହ୍ରାସ କରେ।

ପାନମହୁରୀ ପାଣି ଏକ ଉତ୍କୃଷ୍ଟ ପ୍ରାକୃତିକ ଡିଟକ୍ସଫାୟାର। ଏହା ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ, ବୃକକ୍ ଏବଂ ଯକୃତକୁ ସୁସ୍ଥ ରଖେ। ନିୟମିତ ପାନମହୁରୀ ପାଣି ପିଇବା ଦ୍ୱାରା ରକ୍ତ ଶୁଦ୍ଧ ହୁଏ, ଯାହା ଫଳରେ ଚର୍ମ ସଫା ଏବଂ ଚମକଦାର ହୁଏ। ଏହା ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ସଫା କରେ ଏବଂ ସେମାନଙ୍କୁ ଭଲ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ, ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ। ପାନମହୁରି ପାଣି ମହିଳାମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭଦାୟକ ହୋଇପାରେ। ଏହା ହରମୋନ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ, ଯାହା ଅନିୟମିତ ଋତୁସ୍ରାବ ଏବଂ ପ୍ରିମେନଷ୍ଟ୍ରୁଆଲ୍ ସିଣ୍ଡ୍ରୋମ୍ ଲକ୍ଷଣ ପରି ଋତୁସ୍ରାବ ସମସ୍ୟାରୁ ମୁକ୍ତି ଦେଇଥାଏ।ପାନମହୁରିରେ ଥିବା ଫାଇଟୋଏଷ୍ଟ୍ରୋଜେନ୍ ଋତୁସ୍ରାବ କ୍ରାମ୍ପ ଏବଂ ଯନ୍ତ୍ରଣାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ମହିଳାମାନଙ୍କ ମଧ୍ୟରେ ମନୋଭାବ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବାରେ ଏବଂ ମେନୋପଜୋଜ୍ ଲକ୍ଷଣକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିପାରେ। ପାନମହୁରି ପ୍ରାକୃତିକ ତେଲ ଶରୀର ଉପରେ ଏକ ଶାନ୍ତ ପ୍ରଭାବ ପକାଇପାରେ। ଶୋଇବା ପୂର୍ବରୁ ଏହି ପାଣି ପିଇବା ଦ୍ୱାରା ସ୍ନାୟୁ ପ୍ରଣାଳୀକୁ ଆରାମ ଦିଏ। ଚାପ ସ୍ତର ହ୍ରାସ କରିବା ସହ ନିଦ ଗୁଣବତ୍ତାକୁ ଉନ୍ନତ କରେ। ଅତ୍ୟଧିକ କିମ୍ବା ବିଳମ୍ବରେ ଖାଦ୍ୟ ଖାଇବା ପରେ ଅସ୍ଥିରତା ହ୍ରାସ କରିଥାଏ। ରାତିସାରା ଗୋଟିଏ ମାସ ବ୍ୟବହାର କରିବା ପରେ, ଅନେକ ଲୋକ କୁହନ୍ତି ଯେ ସେମାନେ ଶୀଘ୍ର ଶୋଇପଡ଼ନ୍ତି ଏବଂ ଉଠି ହାଲୁକା ଅନୁଭବ କରନ୍ତି।

# ଝାଳ ଦୁର୍ଗନ୍ଧ ହେଉଛି କି?



ପାଖେଇ ଆସୁଛି ଖରାଦିନ। ଦିନକୁ ଗରମ ଓ ଗୁଳୁଗୁଳି ଆରମ୍ଭ ହୋଇଗଲାଣି। ଆଉ ଖରାଦିନେ ଦେହରୁ ଝାଳ ବାହାରିବା ଖୁବ୍ ସାଧାରଣ କଥା। କିନ୍ତୁ ଅନେକ ସମୟରେ ଝାଳ ବାହାରିବା କାରଣରୁ ଆମକୁ ଖରାପ ଅନୁଭବ ହୋଇଥାଏ। ଏହି କାରଣରୁ ଲୋକଲଜ୍ଜା ହେବାକୁ ମଧ୍ୟ ପଡ଼ିଥାଏ। ତେବେ ନିଜକୁ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଅନେକ ସମୟରେ ବହୁଜଣ ଭିନ୍ନ ଭିନ୍ନ ପ୍ରକାରର ପରଫ୍ୟୁମ୍ ମଧ୍ୟ ବ୍ୟବହାର କରିଥାନ୍ତି। ତେବେ ଆଜି ଆମେ ଆପଣଙ୍କୁ ଶରୀରର ଦୁର୍ଗନ୍ଧ ଦୂର କରିବାର ଏକ ସହଜ ଏବଂ ସରଳ ଉପାୟ ବିଷୟରେ ଜଣାଇବୁ।

ଏଥିସହ ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ, ବାରମ୍ବାର ଗାଧୋଇଲେ ମଧ୍ୟ ଦେହରୁ ଝାଳ ବାହାରି ଥାଏ। ଏହି କାରଣରୁ ଦେହରୁ ଖରାପ ବାସ୍ନା ମଧ୍ୟ ବାହାରିଥାଏ। ଏଥି ସହ ଏହି ଦୁଗର୍ନ୍ଧ ଯୋଗୁଁ ଆଖପାଖ ଲୋକେ ନାକ ଟେକିଥାନ୍ତି। ଫଳରେ ଲଜ୍ଜିତ ହେବାକୁ ପଡ଼ିଥାଏ। ବିରକ୍ତି ମଧ୍ୟ ଲାଗିଥାଏ। ଯଦି ଆପଣ ଏହି ସବୁ ସମ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଆସନ୍ତୁ ଜାଣିବା କିଛି ଖାସ୍ କଥା ବିଷୟରେ। ଯାହା ଆମ ଶରୀରରେ ଯେତେ ଝାଳ ବାହାରିଲେ ମଧ୍ୟ ଦୁଗର୍ନ୍ଧ ହେବ ନାହିଁ। ଦୈନନ୍ଦିନ ଘରେ ବ୍ୟବହାର ହେଉଥିବା ବେକିଂ ସୋଡ଼ା ଏବଂ ଲେମ୍ବୁ ଆପଣଙ୍କୁ ଦୁର୍ଗନ୍ଧଯୁକ୍ତ ଝାଳରୁ ମୁକ୍ତି ଦେବ। ଏଥିପାଇଁ ଦୁଇ ଚାମଚ ସୋଡ଼ାରେ ୨ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ। ଏବେ ଏହି ପେଷ୍ଟକୁ କାଖରେ ଲଗାଇ ୧୫ ମିନିଟ ଛାଡ଼ି ଦିଅନ୍ତୁ। ଏହାପରେ ଧିରେ ଧିରେ ଥଣ୍ଡା ପାଣିରେ ଏହାକୁ ଧୁଅନ୍ତୁ। ଦେଖିବେ ଏପରି ନିୟମିତ କରିବା ଦ୍ୱାରା କାଖ ଦୁର୍ଗନ୍ଧରୁ ରକ୍ଷା ମିଳିବା ସହ କଳାଦାଗ ମଧ୍ୟ ଦୂର ହେବ।

ଏଥିସହ ଜାଣିରଖନ୍ତୁ ଯେ, ଗାଧୋଇଥିବା ସମୟରେ ପାଣିରେ କିଛି ମାତ୍ରାରେ ଲେମ୍ବୁ ରସ ମିଶାଇ ଗାଧାନ୍ତୁ। ଏଭଳି ନିୟମିତ କରିବା ଦ୍ୱରା ଖୁବ୍ ଶୀଘ୍ର ଶରୀରର ଝାଳ ଦୁର୍ଗନ୍ଧରୁ ରକ୍ଷା ମିଳିବ। ଏହା ସହ ଯଦି ଆପଣଙ୍କର ଡ଼ିଓଡ୍ରେଣ୍ଟ ବା ପରଫ୍ୟୁମ୍ ଶେଷ ହୋଇଯାଇଛି ତେବେ ଲେମ୍ବୁ କୁ କିଛି ସମୟ କାଖରେ ଘଷନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କର କମ୍ ଝାଳ ବାହାରିବା ସହ ଦିନସାରା ଦୁର୍ଗନ୍ଧ ମୁକ୍ତ ରହିବେ। ଏଥି ସହ ଆହୁରି ମଧ୍ୟ ଜାଣନ୍ତୁ କିପରି ଆପଣ ଫୁଲ ପରି ବାସ୍ନା ହେବେ।

ଗୋଲାପ ଫୁଲ ପାଣିରେ ଗାଧୋଇବା ଶରୀର ପାଇଁ ଲାଭଦାୟକ ହୋଇଥାଏ। ସେଥିପାଇଁ ଗୋଲାପ ଫୁଲ ପାଖୁଡ଼ାକୁ କୁଣ୍ଡରେ ପକାନ୍ତୁ। କିଛି ସମୟ ପରେ ସେହି ପାଣିରେ ଗାଧୁଅନ୍ତୁ। ଦେଖିବେ ଆପଣ ଝାଳ ସମସ୍ୟାରୁ ମୁକ୍ତି ପାଇବେ। ଏଥିସହିତ ମଲ୍ଲୀ ଫୁଲକୁ ପାଣିରେ ପକାନ୍ତୁ। ଏହି ପାଣିରେ ଗାଧାନ୍ତୁ। ଏହା କରିବା ଦ୍ୱାରା ଝାଳ ସମସ୍ୟାରୁ ମୁକ୍ତି ପାଇବେ ଓ ଦିନସାରା ଆପଣଙ୍କୁ ଫ୍ରେସ୍ ଲାଗିବ। ଏଥି ସହ ଶାରୀରିକ ଓ ମାନସିକ ଅଶାନ୍ତି ମଧ୍ୟ ଦୂର ହେବକୁ ଲାଗିବ। କିଛି ବୁନ୍ଦା ଦେହ ଲଗା ତେଲ ବାଥ ଟବ୍ ପକାଇ ଗାଧାନ୍ତୁ। ଏଥି ସହ କିଛି ନିମ୍ବ ପତ୍ରକୁ ପାଣିରେ ପକାଇ ଫୁଟାନ୍ତୁ। ପରେ ତାକୁ ଥଣ୍ଡା କରି ଗାଧାନ୍ତୁ। ଯଦି ଆପଣ ନିୟମିତ ଏହି ଟିପ୍ସକୁ ଫଲୋ କରନ୍ତି, ତେବେ ଦେଖିବେ ଆପଣଙ୍କର ଟେନସନ୍ ବହୁ ଶୀଘ୍ର ଦୂର ହେବ ଏବଂ ଆପଣ ଫୁଲ୍ ପରି ବାସିବାକୁ ଲାଗିବେ।

### ନାବାଳିକା ପ୍ରସବ ଘଟଣାରେ ନୂଆ ଟ୍ୱିଷ୍ଟ

# ରିମାଣ୍ଡରେ ଆସିବ ମୁଖ୍ୟ ଅଭିଯୁକ୍ତ, ଡିଏନଏ ଟେଷ୍ଟରେ ଖୋଲିବ ସତ୍ୟ

**ଯାଜପୁର ଟାଉନ୍, ୨୧/୨(ସଂଚାର ବ୍ୟୁରୋ)ଃ** ଯାଜପୁରରେ ନାବାଳିକା ମା' ହେବା ଘଟଣା ପୁଲିସ ପାଇଁ ଏବେ ବଡ଼ ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଛି। ପ୍ରଥମେ ଗର୍ଭପାତ ହୋଇଥିବା ନେଇ ମାମଲାରେ ଦଫା ଲଗାଯାଇଥିଲେ ମଧ୍ୟ ପରେ ନାବାଳିକା ପ୍ରସବ କରିଥିବା ଘଟଣା ସମ୍ମୁଖକୁ ଆସିବା ପରେ ତଦନ୍ତର ଦିଗ ପୂରା ବଦଳିଯାଇଛି। ଏହି ପରିସ୍ଥିତିରେ ପୁଲିସ ମାମଲାରେ ଲଗାଇଥିବା ଧାରା ପରିବର୍ତ୍ତନ କରିବାକୁ ଥୟ କରିଥିବା ବେଳେ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଥିବା ପଦ୍ମନାଭ ଶତପଥୀଙ୍କୁ ପୁଲିସ ଶୀଘ୍ର ରିମାଣ୍ଡରେ ଆଣି ପଚରାଉଚରା କରିବ। ସମ୍ଭବତଃ ଆସନ୍ତା ୨ରୁ ୪ ଦିନ ମଧ୍ୟରେ ଏଦିଗରେ ପଦକ୍ଷେପ ନିଆଯିବା ସମ୍ଭାବନା ରହିଛି। ରିମାଣ୍ଡ ସମୟରେ ଘଟଣାର ଅନେକ ଗୁପ୍ତ ତଥ୍ୟ ସମ୍ମୁଖକୁ ଆସିବ ବୋଲି ପୁଲିସ ଆଶା କରୁଛି।ଅନ୍ୟପଟେ ନବଜାତ ଶିଶୁକନ୍ୟା ପ୍ରକୃତରେ ସଂପୃକ୍ତ ନାବାଳିକାଙ୍କର କି ନୁହେଁ ତାହା ଜାଣିବାକୁ ଡିଏନଏ ପରୀକ୍ଷା ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷିତରେ ନାବାଳିକାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିବା ବେଳେ ଡିଏନଏ ରିପୋର୍ଟ ପରେ ଶିଶୁର ପିତା କିଏ ତାହା ନିର୍ଣ୍ଣୟ ପାଇଁ ଅଭିଯୁକ୍ତଙ୍କ ନମୁନା ମଧ୍ୟ ନିଆଯିବ।ନାବାଳିକାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲା ଡିସିପିଓ ଓ ଚାନ୍ଦବାଲି ଅଞ୍ଚଳର ସିଡିପିଓଙ୍କ ସହ ସମ୍ପର୍କ ସ୍ଥାପନ କରାଯାଇଛି। ପରିବାର ପୃଷ୍ଠଭୂମି ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି।ଏହି ଚର୍ଚ୍ଚିତ ମାମଲା ଉପରେ ରାଜ୍ୟର ପୋକ୍ସୋ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ନଜର ରଖିଥିବା ବେଳେ ପ୍ରତିଦିନ ତଦନ୍ତ ଅପଡେଟ୍ ନିଆଯାଉଥିବା ଜଣାପଡ଼ିଛି।ଏବେ ମୁଖ୍ୟ ପ୍ରଶ୍ନ ଉଠୁଛି — ଶିଶୁକନ୍ୟାକୁ କିଏ ନେଇଥିଲା? କାହିଁକି ଛାଡ଼ିଦେଲେ? ପ୍ରକୃତ ଅଭିଯୁକ୍ତ କିଏ? ଡିଏନଏ ରିପୋର୍ଟ ପରେ ଏହି ସମସ୍ତ ପ୍ରଶ୍ନର ପରଦାଫାସ ହେବ ବୋଲି ଅନୁମାନ କରାଯାଉଛି।

# ଧାନ ବିକିବାକୁ ଆସି ମାଡ଼ ଖାଇଲେ ଚାଷୀ ଥାନାର ଦ୍ୱାରସ୍ଥ



**ଧାମନଗର, ୨୧/୨(ସଂଚାର ବ୍ୟୁରୋ)ଃ** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ସେବା ସମବାୟ ସମିତିରେ ଧାନ ବିକିବାକୁ ଆସି ଚାଷୀ ମାଡ଼ ଖାଇବା ଘଟଣା ଭଦ୍ରକ ଜିଲ୍ଲାର ଏକ ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଛି।ଘଟଣାଟି ହେଉଛି ରଇପୁର ଗ୍ରାମର ଚାଷୀ ନାରାୟଣ ଚନ୍ଦ୍ର ଖଟୁଆ ତାଙ୍କ ମା' ଙ୍କ ନାମରେ ଥିବା ଧାନ ଟୋକନ ଧରି ସୋସାଇଟିକୁ ଯାଇଥିଲେ ଧାନ ଦେବା ପାଇଁ। କିନ୍ତୁ ଉକ୍ତ ସମିତିର ସମ୍ପାଦକ ସୁବାସ ରାଉତ ଓ ସଭାପତି କହିଥିଲେ ତୁମର ଟୋକନର ଅବଧି ସରିଯାଇଛି ତୁମେ ଆଉ ଧାନ ମଣ୍ଡିରେ ବିକ୍ରି କରିପାରିବ ନାହିଁ କହି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ କୁଇଣ୍ଟାଲ ପିଛା ଯଦି ୫୦୦ଟଙ୍କା ଦେବ ତାହେଲେ ଆମେ ଧାନ ନେବୁ। କିନ୍ତୁ ଚାଷୀ ଜଣଙ୍କ କାହିଁକି ଟଙ୍କା ଦେବି ବୋଲି ପଚାରିବାରୁ ସୋସାଇଟିର ସଭାପତି, ସଂପାଦକ ରାଗି ଯାଇ ଧକ୍କାମାରି ସେଠାରୁ ତାଙ୍କୁ ବିଦା କରି ଦେଇଥିଲେ। ଯାହାକୁ ନେଇ ଚାଷୀ ନାରାୟଣ ଖଟୁଆ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ ଧାନର ଅଭାବି ବିକ୍ରିକୁ ନେଇ ସ୍ପଷ୍ଟ ସୂଚନା ଦେଇଛନ୍ତି କୌଣସି ଚାଷୀର ଟୋକନ ଲାପ୍ସ ହେବ ନାହିଁ। ବିଳମ୍ବ ହେଉ ପଛେ ସମସ୍ତଙ୍କର ଧାନ କିଣାଯିବ। ତାହେଲେ କାହିଁକି ପାଳସାହି ସୋ ସାଇଟି ସଂପାଦକ ଓ ସଭାପତି ସରକାରଙ୍କ ନିର୍ଦ୍ଦେଶକକୁ ଉଲଙ୍ଘନ କରିବା ସହିତ ଖୋଲମ ଖୋଲା ଲାଞ୍ଚ ମାଗିବା ଘଟଣା ସରକାରଙ୍କ ଧାନ କିଣିବାର ସ୍ୱଚ୍ଛତାକୁ ପଦାରେ ପକାଇଛି। ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କରିବା ସହିତ ଉଭୟ ସଂପାଦକ ଓ ସଭାପତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଚୋରି ମାମଲାରେ ଜେଲ୍‌ଗଲେ ଯୁବକ

**ବାଲିଅନ୍ତା,୨୧।୨(ସଂଚାର ବ୍ୟୁରୋ)ଃ** ଅଭିଯୋଗକାରୀ ପ୍ରଶାନ୍ତ କୁମାର ମହାରଣା (୩୬ ବର୍ଷ)ଙ୍କ ଲିଖିତ ରିପୋର୍ଟ ଆଧାରରେ ଏକ ଚୋରି ମାମଲା ରୁଜୁ କରି ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଲୁଟେରା ହେଲା ପ୍ରତାପରୁଦ୍ରପୁର ତଳ ସାହିର ସାଗର ଭୋଇ(ରାଜା) (୨୨) । ସୂଚନାଯୋଗ୍ୟ ଯେ, ଗତ ତା ୧୮.୦୨.୨୦୨୬ ରାତି ପ୍ରାୟ ୧୦.୦୦ ଟା ସମୟରେ ଅଭିଯୋଗ କାରୀ ପ୍ରଶାନ୍ତ ଇଲେକ୍ଟ୍ରିକ ଦୋକାନ ବନ୍ଦ କରିବା ପରେ ସେ ଘରକୁ ଯାଇଥିଲେ। ପରଦିନ ସକାଳେ ଅର୍ଥାତ୍ ତା ୧୯.୦୨.୨୦୨୬ ଦିନ, ଯେତେବେଳେ ସେ ତାଙ୍କ ଦୋକାନ ଖୋଲିଥିଲେ, ସେ ଦେଖିଥିଲେ ଯେ ଅଜ୍ଞାତ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ବିଭିନ୍ନ ବୈଦ୍ୟୁତିକ ମେସିନ୍, ଉପକରଣ, ଶବ୍ଦ ବାକ୍ସ ଏବଂ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇଛନ୍ତି। ତେଣୁ, ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ସମୟରେ, ନିକଟବର୍ତ୍ତୀ ଏକ କିରାଣା ଦୋକାନରେ ସ୍ଥାପିତ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା, ଯେଉଁଥିରେ ଅଭିଯୁକ୍ତ ସାଗର ଭୋଇ ଉର୍ଫ ରାଜାଙ୍କ ସମ୍ପୃକ୍ତି ସ୍ପଷ୍ଟ ଭାବରେ ଚିହ୍ନଟ ହୋଇଥିଲା। ଅଭିଯୁକ୍ତଙ୍କ ଘର ନିକଟରେ ତାଙ୍କ ଉପସ୍ଥିତି ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇବା ପରେ, ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁର, ତଳସାହି ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ନିରନ୍ତର ପଚରାଉଚରା ସମୟରେ, ଅଭିଯୁକ୍ତ ଉକ୍ତ ଚୋରି ଘଟଣାରେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିବା ସହ, ସହଜ ଆୟ ପାଇଁ ନିକଟସ୍ଥ ଅଞ୍ଚଳରେ ଏପରି ସମାନ ପ୍ରକୃତିର ଅପରାଧରେ ତାଙ୍କ ଅଭ୍ୟାସଗତ ସମ୍ପୃକ୍ତି ଥିବା କଥା ମଧ୍ୟ ପ୍ରକାଶ କରିଥିଲେ।

## ୨୬ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ବାରିପଦା,୨୧।୨(ସଂଚାର ବ୍ୟୁରୋ)ଃ** ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ସହଯୋଗରେ ଆସନ୍ତା ତା. ୨୬.୦୨.୨୦୨୬ ରିଖ ଗୁରୁବାର ଦିନ ରାଇରଙ୍ଗପୁର ବ୍ଲକ ନିକଟସ୍ଥ ରାଇରଙ୍ଗପୁର କଲେଜ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି ଓଉକ୍ତ ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୫୦ଟି ନିଯୁକ୍ତିଦାତା / ଅନୁଷ୍ଠାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ଓ ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ଶିକ୍ଷିତ ବେକାର ଯୁବକ ଓ ଯୁବତୀମାନେ ଅଂଶ ଗ୍ରହଣ କରିପାରିବେ ଓ ଉକ୍ତ ନିଯୁକ୍ତି ମେଳାରେ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସ୍ ଠାରୁ ୧୦ମ, +୨, +୩, ଆଇ.ଟି. ଆଇ ଓ ଡିପ୍ଲୋମା ପାସ୍ କରିଥିବା ପ୍ରାର୍ଥୀ ମାନେ ଅଂଶ ଗ୍ରହଣ କରିପାରିବେ ଏବଂ ପ୍ରାର୍ଥୀଙ୍କ ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ବୋଲି ଜିଲ୍ଲା ନିୟୋଜନ ଅଧିକାରୀଙ୍କ ଠାରୁ ପ୍ରକାଶ। ଏଣୁ ଇଚ୍ଛୁକ ଯୁବକ ଓ ଯୁବତୀ ମାନେ ସେମାନଙ୍କର ନିଜ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାରକାର୍ଡ଼ ସାଙ୍ଗରେ ଆଣି ଉପରୋକ୍ତ ଦିନରେ ଅନୁଷ୍ଠିତ ହେବାକୁ ଥିବା ନିଯୁକ୍ତି ମେଳାରେ ସକାଳ ୧୦ ଘଟିକାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଯୋଗଦେଇ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ମା'ର ଭାଷା ମାତୃଭାଷାଃ ଆମ ମାତୃଭାଷା ସବୁଠୁଁ ସୁନ୍ଦର



**ବୈଶିଙ୍ଗା,୨୧।୨(ସଂଚାର ବ୍ୟୁରୋ)ଃ** ଅନ୍ତର୍ଜାତୀୟ ମାତୃଭାଷା ଦିବସ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ରଘୁନାଥ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀ ରାଜକିଶୋର ଦାସ ଯୋଗ ଦେଇ ମାତୃଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ନିଜଠାରୁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷିକା ସରସ୍ୱତୀ ଜେନା ଭାରତର ସମ୍ବିଧାନ ପ୍ରସ୍ତାବନା ଶପଥ ପାଠ କରାଇଥିବା ସମୟରେ ମାତ୍ର ଭାଷାର ପ୍ରୟୋଗ, ପ୍ରଚାର ଓ ପ୍ରସାର ନିମନ୍ତେ ଶପଥ ପାଠ ପ୍ରତିମା ପରିଡା କରାଇଥିଲେ। ଶିକ୍ଷିକା ନୀଳାକ୍ଷି ଦାସ, ସୁକାନ୍ତି ବିଶ୍ୱାଳ ଶବ୍ଦ ଖେଳ, ଅନ୍ତାକ୍ଷରୀ ପ୍ରତିଯୋଗିତା କରାଇଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ର ମୋହିତ ବାରିକଙ୍କୁ ଉତ୍ତରୀୟ, ଚାରା ଆଦି ଦିଆଯାଇ ସମ୍ମାନିତ କରାଯାଇଥିଲା।ବିଦ୍ୟାଳୟ ପରିସରରେ କୁନି ଚିତ୍ରକର ରବୀନ୍ଦ୍ର ହାଁସଦାଙ୍କର ବାଲୁକାକଳା ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ



**ହିଞ୍ଜିଳିକାଟୁ,୨୧।୨(ସଂଚାର ବ୍ୟୁରୋ)ଃ** ହିଞ୍ଜିଳିକାଟୁ ସହର ସ୍ଥିତ ବି.ନୂଆଁଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଡ଼ି. ଗୌରୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ହିଞ୍ଜିଳି ବ୍ଲକର ପ୍ରାକ୍ତନ ଶିକ୍ଷାନୁପରିଦର୍ଶକ ପ୍ରଶାନ୍ତ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ରୂପେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଖିଳ ପଣ୍ଡା, ସମ୍ମାନିତ ଅତିଥି ରୂପେ ସମାଜସେବୀ ସୁବାଷ ଚନ୍ଦ୍ର ଗୌଡ଼ ମଂଚାସୀନ ଥିଲେ। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ସାମୁହିକ ଶପଥପାଠ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସମେତ ଶିକ୍ଷକ ରାଜେନ୍ଦ୍ର ସେଠୀ, ଶିକ୍ଷୟିତ୍ରୀ ଅମିତା ପାଢ଼ୀ, ହରପ୍ରିୟା ଗୌଡ଼ ଓ ରାଜଲକ୍ଷ୍ମୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗ ଦ୍ୱାରା ପୋଚ ଓ ମଦ ଜବତ



**ବୈଶିଙ୍ଗା,୨୧।୨(ସଂଚାର ବ୍ୟୁରୋ)ଃ** ବେତନଟୀ ଅବକାରୀ ଥାନା ଅଧିନରେ କମଳାଶୋଳ ଏବଂ ମାଙ୍କଡାପାଳ ଗ୍ରାମରୁ ୧୧୧୦୦କିଗ୍ରା ପୋଚ ଏବଂ ୮୫୦ ଲିଟର ରନ୍ଧା ମଦ ଜବତ କରାଯାଇଥିବା ଜଣାଯାଇଛି। ସେଥିମଧ୍ୟରୁ କମଳାଶୋଳରୁ ୫୭୦୦ କି.ଗ୍ରା. ପୋଚ ଏବଂ ୪୨୦ ଲିଟର ରନ୍ଧା ମଦ ଓ ମାଙ୍କଡାପାଳ ରୁ ୫୪୦୦ କିଗ୍ରା ପୋଚ ଏବଂ ୪୩୦ ଲିଟର ରନ୍ଧା ମଦ ଜବତ କରାଯାଇଛି। ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଙ୍କ ନେତୃତ୍ୱରେ ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା, ଉଦଳା ଥାନାଧିକାରୀ ଏସ୍ କେ ରେଡ୍ଡୀ, ରେଞ୍ଜ ଅଧିକାରୀ ସଞ୍ଜୟ କୁମାର କାଣ୍ଡି, ମୋବାଇଲ ୟୁନିଟ ର ମୂଖ୍ୟ କେ. କାମେଶ୍ୱର ମିଳିତ ଭାବେ ଚଢାଉ କରି ଜବତ କରିଥିଲେ। ସମସ୍ତ ପୋଚ ଏବଂ ରନ୍ଧା ମଦ ନଷ୍ଟ କରିଦିଆଯାଇ ଥିବାର ଜଣାଯାଇଛି।

## ଶ୍ରୀ ସ୍ୱପ୍ନେଶ୍ୱରଙ୍କ ପୀଠରେ ଅଷ୍ଟପ୍ରହର ନାମ ଯଜ୍ଞ

**ବାଲିପାଟଣା,୨୧।୨(ସଂଚାର ବ୍ୟୁରୋ)ଃ** ବାଲିପାଟଣା ବ୍ଲକ ଡୁରିନ୍ତିରା ପଞ୍ଚାୟତ ବାଗଲପୁର ମୌଜାର ଆରାଧ୍ୟ ଦେବତା ଶ୍ରୀ ସ୍ୱପ୍ନେଶ୍ୱରଙ୍କ ମହାଦେବ ଙ୍କ ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମ ଯଜ୍ଞ ସଂକୀର୍ତ୍ତନ ସମାପନ ହୋଇଯାଇଅଛି।ଗୁରୁବାର ଦିନ କଳସ ସ୍ଥାପନ ଓ ସୁବାଧିବାସ, ଶୁକ୍ରବାର ଅହୋରାତ୍ର ନାମଯଜ୍ଞ, ପ୍ରସାଦ ସେବନ ସହ 'ହରେ କୃଷ୍ଣ ହରେ ରାମ' ଅଖଣ୍ଡ ମହାମନ୍ତ୍ର ଜପରେ ପୀଠ କମ୍ପି ଉଠିଥିଲା।

# ବିଶ୍ୱବିଦ୍ୟାଳୟରେ ପାଳିତ ହେବ ଜାତୀୟ ସଂହତି ଶିବିର



**ବାରିପଦା,୨୧।୨(ସଂଚାର ବ୍ୟୁରୋ)ଃ** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା, ଓଡ଼ିଶାର ମୟୂରଭଞ୍ଜର ଜାତୀୟ ସେବା ଯୋଜନା (ଏନଏସଏସ) ଜୁଲାଇ ୨୦୦୦ ରୁ କାର୍ଯ୍ୟ କରିଆସୁଅଛି। ପୂର୍ବ ଭାରତର ଏକ ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ, ଏହା ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟ ରଖି ବିଭିନ୍ନ ସାମାଜିକ ସେବା କାର୍ଯ୍ୟକଳାପ ଏବଂ କାର୍ଯ୍ୟକ୍ରମରେ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରର ଯୁବକମାନଙ୍କୁ ସୁଯୋଗ ପ୍ରଦାନ କରେ। ଏହି ୨୫ ବର୍ଷର ଯାତ୍ରା ମଧ୍ୟରେ ଏନଏସଏସ ବ୍ୟୁରୋ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସହିତ, ଅନେକ ରାଷ୍ଟ୍ରପତି ପୁରସ୍କାର, ରାଜ୍ୟସ୍ତରୀୟ ସ୍ୱୀକୃତି ପାଇଛି, ଏବଂ ଏନଏସଏସ ୟୁନିଟ୍ ନିୟମିତ ଭାବରେ ଆନ୍ତର୍ଜାତୀୟ, ଜାତୀୟ, ରାଜ୍ୟ, ଜିଲ୍ଲା, ବିଶ୍ୱବିଦ୍ୟାଳୟ ଏବଂ ସ୍ଥାନୀୟ ସ୍ତରରେ ବିଭିନ୍ନ ଶିବିର ଏବଂ କାର୍ଯ୍ୟକଳାପ ଆୟୋଜନ କରିଥାଏ। ବିଶ୍ୱବିଦ୍ୟାଳୟର ଏନଏସଏସ ବ୍ୟୁରୋର କିଛି ଉଲ୍ଲେଖନୀୟ ପଦକ୍ଷେପ ମଧ୍ୟରେ ଜିଲ୍ଲାସ୍ତରୀୟ ପ୍ରକୃତି ଶିବିର, ଜିଲ୍ଲାସ୍ତରୀୟ ସାହସିକ ଶିବିର, ବୃହତ ବୃକ୍ଷରୋପଣ ଅଭିଯାନ, ବୃହତ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବଜ୍ରପାତ ଜନିତ ମୃତ୍ୟୁ ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ, ଡାହାଣୀ ଶିକାର ବିରୋଧରେ ଅଭିଯାନ, ରକ୍ତହୀନତା ସ୍କ୍ରିନିଂ, ଶିମିଳିପାଳ ବଞ୍ଚାଅ, ଗଜ ସୁରକ୍ଷା, ଜଙ୍ଗଲ ନିଆଁ ବିରୋଧରେ ସଚେତନତା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ରୌପ୍ୟ ଜୟନ୍ତୀ ବର୍ଷରେ, ପ୍ରଥମ ଥର ପାଇଁ, ବିଶ୍ୱବିଦ୍ୟାଳୟର ଏନଏସଏସ ବ୍ୟୁରୋ, ୨୨ ଫେବୃଆରୀ ୨୦୨୬ ରୁ ୨୮ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରେ ଏକ ଜାତୀୟ ସଂହତି ଶିବିର-୨୦୨୬ (ଏନ୍ଆଇସି-୨୦୨୬) ଆୟୋଜନ କରିବାକୁ ଯାଉଛି, ଯେଉଁଠାରେ ୧୫ଟି ରାଜ୍ୟ (ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ) ରୁ ୨୧୧ ଜଣ ଏନଏସଏସ ସ୍ୱେଚ୍ଛାସେବୀ ଏବଂ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିବେ।

# ଶୋଇବା ଘରେ ଝୁଲି ପଡ଼ିଲେ ଯୁବକ

**ବାଲିପାଟଣା,୨୧।୨(ସଂଚାର ବ୍ୟୁରୋ)ଃ** ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ ରେ ଘଟିଛି ଏପରି ଅଭାବନୀୟ ଘଟଣା।ଶୋଇବା ଘରେ ବେଡ଼ସିଟ୍ ଲଗାଇ ଝୁଲି ପଡ଼ିଲେ ଯୁବକ। ସୂଚନା ମୁତାବକ ବାଲିପାଟଣା ଥାନା କୁରୁଞ୍ଜିପୁରର ଉମେଶ ପ୍ରଧାନଙ୍କ ପୁଅ ତରୁଣ ପ୍ରଧାନ ଓରଫ ଓମ (୨୦)ବାଲିପାଟଣାର ଏକ ଫିଜିଓଥେରାପି କ୍ଲିନିକରେ ଅଭ୍ୟାସ କରୁଥିଲେ। ଓମ ଗତକାଲି ଏକ ବିବାହ ଭୋଜିରେ ଯୋଗଦେଇ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ।ଆଜି ସକାଳୁ ଉଠିବାରେ ବିଳମ୍ବ ହେବାରୁ ଘର ଲୋକେ କବାଟ ବାଡେଇ ଡାକିଥିଲେ।ଘର ଭିତରୁ କୌଣସି ଶବ୍ଦ ଶୁଣାଯାଇ ନ ଥିଲା। ଶେଷରେ ପରିବାର ଲୋକେ କବାଟ ଲକ୍ ଭାଙ୍ଗି ଥିଲେ।ଆଜବେଷ୍ଟ ଘରେ ବେଡ଼ସିଟ ବେକରେ ବାନ୍ଧି ଓମଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିବା ପରେ ପୁଲିସକୁ ଖବର ଦେଇଥିଲେ। ବାଲିପାଟଣା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା।ଓମ୍ ର ମୃତ୍ୟୁ ରେ ପରିବାର ପୁରା ଭାଙ୍ଗି ପଡ଼ିଛି।ପୋଲିସ ଏହି ଘଟଣାର ଅଧିକ ତଦନ୍ତ କଲେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ସାଧାରଣରେ ଦାବି ହେଉଛି।

## ବ୍ଲକସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ପାଳିତ



**ଧାମନଗର,୨୧।୨(ସଂଚାର ବ୍ୟୁରୋ)ଃ** ଜନକଲ୍ୟାଣ ସେବା ସମିତି ଆନୁକୁଲ୍ୟରେ ଅନୁଷ୍ଠିତ ଷଷ୍ଠ ବର୍ଷ ଶିଶୁ ପ୍ରତିଭା ମହୋତ୍ସବକୁ ଉଦ୍ଘାଟନ କରି ଆନ୍ତର୍ଜାତିକ ମାତୃଭାଷା ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଦେଇ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ମାତୃଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ବରଂ ଏହା ଆମର ପରମ୍ପରା, ଜୀବନଶୈଳୀ ଏବଂ ଅତୀତର ଅମୂଲ୍ୟ ଜ୍ଞାନକୁ ଆଗାମୀ ପିଢ଼ି ସହ ଯୋଡ଼ିଥାଏ। ଆମେ ଆମର ମାତୃଭାଷାକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାର ସୁରକ୍ଷା ଓ ପ୍ରସାର ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା। ଏହି ଅବସରରେ ଜନ କଲ୍ୟାଣ ସମିତି ଆନୁକୁଲ୍ୟରେ ଆୟୋଜିତ ବ୍ଲକ ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ଆମ ପରମ୍ପରାକୁ ନୂତନ ଦିଗ୍ ଦର୍ଶନ ଦେଇପାରିବ। ସେବା ସମିତିର ସଭାପତି ଆଦର୍ଶ ପ୍ରଧାନ ଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ଦୈତ୍ୟାରି ମହାପାତ୍ର କହିଥିଲେ ଜନ କଲ୍ୟାଣ ସମିତିର ସମସ୍ତ କର୍ମ କର୍ତ୍ତାଙ୍କ ଆପଣା ଚେଷ୍ଟାରେ ବ୍ଲକ୍ ସ୍ତରରେ ବୃକ୍ଷ ରୋପଣ ଠାରୁ ଆରମ୍ଭ କରି ରୋଗୀ ସେବା ପର୍ଯ୍ୟନ୍ତ ବିଭିନ୍ନ ସେବାମୂଳକ କାର୍ଯ୍ୟ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ପଦକ୍ଷେପ।

## ମ୍ୟାନେଜରଙ୍କୁ ଛୁରୀ ଭୁଷି ହତ୍ୟା

**ରାଉରକେଲା,୨୧।୨(ସଂଚାର ବ୍ୟୁରୋ)ଃ** ମେଡିସିନ କମ୍ପାନୀର ମ୍ୟାନେଜରଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ରାଉରକେଲା ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ସିଭିଲ ଟାଉନସିପ୍ ଅଞ୍ଚଳରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଭାଗିରଥୀ ସାହୁ। ଶନିବାର ସିଭିଲ ଟାଉନସିପ୍ ଅଞ୍ଚଳରେ ଥିବା ଏକ ଭଡ଼ାଘରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଭାଗିରଥୀଙ୍କ ଘର ଯାଜପୁରରେ ଏବଂ ସେ ଭୁବନେଶ୍ୱରରେ ରୁହନ୍ତି। ଗତକାଲି ସନ୍ଧ୍ୟାରେ ସେ ଭୁବନେଶ୍ୱରରୁ ରାଉରକେଲା ଯାଇଥିଲେ। ଆଜି ସକାଳେ ମୃତକଙ୍କୁ ସନ୍ଦେହଜନକ ଅବସ୍ଥାରେ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା। ଖବର ପାଇ ରଘୁନାଥପାଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତକଙ୍କ ଶବ ଉଦ୍ଧାର କରିଛି। ମୃତକଙ୍କ ପରିବାର ଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ। ତେବେ କିଏ ଏବଂ କାହିଁକି ତାଙ୍କୁ ହତ୍ୟାକଲା ସେନେଇ ତଦନ୍ତ କରୁଛି ପୁଲିସ।

## ବ୍ଲକ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା



**ବାଲିଆପାଳ,୨୧।୨(ସଂଚାର ବ୍ୟୁରୋ)ଃ** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବିଜୁଜନତା ଦଳରେ ପୂର୍ଣ୍ଣବାର ବାଲିଆପାଳ ବ୍ଲକ ସଭାପତି ଭାବରେ ଗୋବିନ୍ଦ ଚନ୍ଦ୍ର ଦାସ ଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ଏନେଇ ଶନିବାର ବାଲିଆପାଳ ବିଜେଡି କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତା ସଭାପତି ଶ୍ରୀ ଦାସ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶ୍ରୀ ଦାସ ଜଣେ ଶିକ୍ଷାବିତ, ସମାଜସେବୀ ଭାବରେ ବେଶ ପରିଚିତ। ପୂର୍ଣ୍ଣବାର ତାଙ୍କୁ ସଭାପତି ଭାବେ ଚୟନ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରବିନ୍ଦ୍ର ଜେନା, ବସ୍ତା ବିଧାୟିକା ସୁବାସିନି ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ବେଣୁଧର ଜେନା, ନିଶାକର ସେଠି, ବରିଷ୍ଠ କର୍ମକର୍ତ୍ତା ଅଜୟ ସାମଲ, ହରେକୃଷ୍ଣ ଜେନା, ମନ୍ମଥ ବାରିକ, ମନ୍ମଥ ଗିରି, ସାର୍ଥକ ରଣଜିତ, କମୋଳ ଲୋଚନ କର, ପିତାମ୍ବର ପ୍ରଧାନ, ଲକ୍ଷ୍ମୀ କାନ୍ତ ଦେ, ସପନ କୁମାର ଦାସ ହେମନ୍ତ ଗିରି, ପ୍ରମୁଖ ଉପସ୍ଥିତ ଥିଲେ।

## 'ଆମେ ପଢ଼ିବା ଆମ ଭାଷାରେ' ଜିଲ୍ଲାସ୍ତରୀୟ କର୍ମଶାଳା

**ମାଲକାନଗିରି,୨୧।୨ (ସଂଚାର ବ୍ୟୁରୋ)ଃ** ଆଜି ମାଲକାନଗିରି ଜିଲ୍ଲାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆମେ ପଢ଼ିବା ଆମ ଭାଷାରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲା ଜନଜାତି ବହୁଳ ଜିଲ୍ଲା ଏବଂ ଜନଜାତି ଭାଷାରେ ପିଲାଙ୍କୁ ପାଠ ପଢ଼ାଇଲେ ସେମାନଙ୍କର ପାଠ ପ୍ରତି ଆଗ୍ରହ ବଢ଼ିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଆଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସରପଞ୍ଚ, ଏମଏଲଇ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଏବଂ ସିଡ଼ିପିଓ ଉପସ୍ଥିତ ଥିଲେ। ପିରାମଲ୍ ଫାଉଣ୍ଡେସନ ଏହି କାର୍ଯ୍ୟକ୍ରମରେ ସହଯୋଗୀ ପାର୍ଟନର ଭାବେ କାର୍ଯ୍ୟ ତୁଲାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜାରାମ ମଲ୍ଲିକ ଏବଂ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ବିଜେପି ସରକାରର 'ଚାଷୀ ମାରଣ ନୀତି' ବିରୋଧରେ ଗର୍ଜିଲା ବିଜେଡି



**ବାଲିକୁଦା, ୨୧।୨(ସଂଚାର ବ୍ୟୁରୋ)ଃ** ରାଜ୍ୟର ବିଜେପି ସରକାରଙ୍କ ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ପ୍ରତିଶ୍ରୁତି ଖିଲାପ ବିରୋଧରେ ଆଜି ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି ଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀ ଛକଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହି ପ୍ରତିବାଦ ଶୋଭାଯାତ୍ରା ରେ ଜିଲ୍ଲାର ପ୍ରମୁଖ ବିଜେଡି ନେତୃବୃନ୍ଦ ଯଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ତିର୍ତ୍ତୋଲ ବିଧାୟକ ଡ଼ଃ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ସାଂସଦ ଡ଼ଃ ରାଜଶ୍ରୀ ମଲ୍ଲିକ, ପାରାଦ୍ୱୀପ ର ବିଜେଡି ନେତା ବାପି ସର୍କେଲ ସମେତ ହଜାର ହଜାର କର୍ମୀ ହାତରେ ଦଳୀୟ ପତାକା ଓ ପ୍ଲାକାର୍ଡ ଧରି ସରକାର ବିରୋଧୀ ନାରାବାଜୀ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଅଗ୍ରସର ହୋଇଥିଲେ। ସହରର ମୁଖ୍ୟ ରାସ୍ତା ଦେଇ ଯାଇଥିବା ଏହି ପଦଯାତ୍ରା ବିଜେପି ସରକାରଙ୍କ ବିଫଳତାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଥିଲା। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ସଭାରେ ବକ୍ତାମାନେ ବିଜେପି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ବିଶେଷ କରି ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଉଦାସୀନତା, ବଢୁଥିବା ଅପରାଧିକ ମାମଲା ଏବଂ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳତାକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲେ।

# ସଂଘର୍ଷରୁ ସଫଳତାର ଶୀର୍ଷଃ ୭୫୦ ଟଙ୍କାରୁ ଆରମ୍ଭ କରି ଲକ୍ଷପତି

## ୨୭ ମହିଳାଙ୍କୁ ଦେଇଛନ୍ତି ନିଯୁକ୍ତି, ନାଥସାହି ଝିଅ ସମାଜ ପାଇଁ ପ୍ରେରଣା



**ଯାଜପୁର ଟାଉନ୍, ୨୧।୨ (ସଂଚାର ବ୍ୟୁରୋ)ଃ** ଦାରିଦ୍ର୍ୟ, ସମାଜର ତିରସ୍କାର ଓ ଅନେକ ବାଧାବିଘ୍ନକୁ ପଛକୁ ଛାଡ଼ି ଆଜି ସଫଳତାର ନୂଆ ଇତିହାସ ଲେଖିଛନ୍ତି ଲକ୍ଷ୍ମୀ ଦାଶ। ଯାଜପୁର ଜିଲ୍ଲା ଅଧୀନ ଯାଜପୁର ବ୍ଲକ ନାଥସାହି ଗ୍ରାମର ସାଧାରଣ ପରିବାରର ଏହି ମହିଳା ମାତ୍ର ୭୫୦ ଟଙ୍କାର ମୂଳ ପୁଞ୍ଜିରୁ ସ୍କ୍ରିନ୍ ପ୍ରିଣ୍ଟିଂ କାମ ଆରମ୍ଭ କରି ଆଜି ଲକ୍ଷାଧିକ ଟଙ୍କା ଆୟ କରୁଥିବା ସଫଳ ବ୍ୟବସାୟିନୀ ଭାବେ ପରିଚିତ ହୋଇଛନ୍ତି।ପୂଜାପାଠ କରି ପରିବାର ଚଳାଉଥିବା ବାପାଙ୍କ ଅସମୟରେ ଦେହାନ୍ତ ପରେ ପରିବାର ଉପରେ ଆସିଥିଲା ଦାରିଦ୍ର୍ୟର କଳାଛାୟା। ସେତେବେଳେ ସପ୍ତମ ଶ୍ରେଣୀର ଛାତ୍ରୀ ଥିବା ଲକ୍ଷ୍ମୀ କଷ୍ଟେମଷ୍ଟେ ମାଟ୍ରିକ ପାସ୍ କରି ଟ୍ୟୁସନ୍ କରି ଘର ଚଳାଇବାରେ ହାତ ବଢ଼ାଇଥିଲେ। କିନ୍ତୁ ଆୟ ଅପେକ୍ଷାକୃତ କମ୍ ଥିବାରୁ ସେ ପଡ଼ୋଶୀଙ୍କ ଠାରୁ ସ୍କ୍ରିନ୍ ପ୍ରିଣ୍ଟିଂ କାମ ଶିଖି ନୂଆ ପଥ ଧରିଥିଲେ।ପ୍ରଥମେ ପ୍ରତିଦିନ ପ୍ରାୟ ୭ କି.ମି. ପଦଯାତ୍ରା କରି ସହରକୁ ଆସି ସାମଗ୍ରୀ କିଣିବା, ଡିଟିପି କାମ କରାଇବା ଓ ଦୋକାନ ଦୋକାନ ବୁଲି ଅର୍ଡର ନେବା ଥିଲା ତାଙ୍କ ଦୈନିକ ସଂଘର୍ଷ। ଝିଅ ହେବାରୁ ପ୍ରଥମେ ଅନେକେ କାମ ଦେବାକୁ ମନା କରିଥିଲେ, ସମାଜର ତିରସ୍କାର ମଧ୍ୟ ସହିଥିଲେ। କିନ୍ତୁ ଗୁଣମାନ ଓ ଦୃଢ଼ ସଂକଳ୍ପ ଦେଖି ପରେ ସେହି ଦୋକାନୀମାନେ ତାଙ୍କୁ ଖୋଜି ଆସିଥିଲେ। ୨୦୦୧ ମସିହାରେ ୧୨୦୦ ଟଙ୍କାରେ ସାଇକେଲ କିଣିବା ପରେ ତାଙ୍କ ପରିଶ୍ରମକୁ ମିଳିଲା ନୂଆ ଗତି। ଖରା, ବର୍ଷା ଓ ଶୀତକୁ ଅବହେଳା କରି ଅର୍ଡର ସଂଗ୍ରହ କରି ବ୍ୟବସାୟକୁ ଧୀରେ ଧୀରେ ବଢ଼ାଇଲେ। ୨୦୦୭ରେ ସ୍କୁଟି କିଣିବା ସହ ନିଜସ୍ୱ ମେସିନ୍ ସହ ଛାପା କାମ, ବାଇଣ୍ଡିଂ, କ୍ୟାସ୍‌ବୁକ୍, ମେମୋ, ବ୍ୟାଗ, ସାର୍ଟ ଓ ବ୍ୟାନର ପ୍ରସ୍ତୁତି ଆଦି କାମ ଆରମ୍ଭ କଲେ। ୨୦୧୭ରୁ ସେ ୨୭ ଜଣ ମହିଳାଙ୍କୁ ନିଯୁକ୍ତି ଦେଇ ସ୍ୱାବଲମ୍ବୀ କରିଛନ୍ତି। ସମସ୍ତଙ୍କୁ ଦରମା ଦେବା ପରେ ମଧ୍ୟ ସେ ମାସକୁ ଲକ୍ଷ ଟଙ୍କାରୁ ଅଧିକ ଲାଭ କରୁଥିବା କହିଛନ୍ତି। ବର୍ତ୍ତମାନ ନାଥସାହିରେ ନିଜସ୍ୱ ଜମି କିଣି ଘର ମଧ୍ୟ ତିଆରି କରିଛନ୍ତି।କେବେ କିଛି ପଇସା ପାଇଁ ସଂଘର୍ଷ କରୁଥିବା ଏହି ଝିଅ ଆଜି ଅନେକ ମହିଳାଙ୍କ ପାଇଁ ପ୍ରେରଣାର ପ୍ରତୀକ ହୋଇଯାଇଛନ୍ତି। ତାଙ୍କ ସଫଳତା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଉଛି। "ମନରେ ଇଚ୍ଛା ଥିଲେ ଓ ପରିଶ୍ରମ କଲେ ମହିଳାମାନେ କିଛି ମଧ୍ୟ କରିପାରନ୍ତି," ବୋଲି କହିଛନ୍ତି ଲକ୍ଷ୍ମୀ ଦାଶ।